

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୨ ନଭେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 22 NOVEMBER 2020

Vol.No. 30 ■ No. 295 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆଇନ ଶୃଙ୍ଖଳା ଓ ସ୍କୁଲ ବନ୍ଦ ଝଡ଼: ଗୃହ ୮ ଥର ମୁଲତବୀ



ଭୁବନେଶ୍ୱର,୨୧।୧୧ (ନି.ପ୍ର): କମ ସଂଖ୍ୟକ ଛାତ୍ର ଥିବା ଦର୍ଶାଇ ରାଜ୍ୟର ବିଭିନ୍ନ ସରକାରୀ ବିଦ୍ୟାଳୟକୁ ବନ୍ଦ କରି ଦିଆ ଯିବା ନିଷ୍ପତିକୁ ବିରୋଧୀ ଦଳର ବିଜେପି ଓ କଂଗ୍ରେସ ଦଳର ବିଧାୟକ ମାନେ ତୀବ୍ର ବିରୋଧ କରି ହଟ୍ଟଗୋଳ କରିଥିଲେ । ଫଳରେ ଗୃହର କାର୍ଯ୍ୟସୂଚୀରେ ସ୍ଥାନିତ ହୋଇଥିବା କୌଣସି କାର୍ଯ୍ୟକ୍ରମ ସମ୍ପାଦନ ହୋଇପାରିନଥିଲା । ହଟ୍ଟଗୋଳ ଯୋଗୁଁ ଦେଖାଦେଇଥିବା ଅଚଳ ଅବସ୍ଥାକୁ ଏଡ଼ାଇବା ପାଇଁ ବାଚସ୍ପତି ଏବଂ ଉପବାଚସ୍ପତିଙ୍କୁ ଗୃହକୁ ବାରମ୍ବାର ମୁଲତବୀ ରଖିଥିଲେ । ପ୍ରଥମାର୍ଦ୍ଧ ବୈଠକରେ ତିନି ଥର ଓ ଦ୍ୱିତୀୟାର୍ଦ୍ଧ ବୈଠକରେ ପାଂଚ ଥର ଗୃହ ମୁଲତବୀ ହୋଇଥିଲା । ହଟ୍ଟଗୋଳ ସମୟରେ ବିରୋଧି ଦଳ ପକ୍ଷରୁ ସରକାରୀ ବିରୋଧି ସ୍ଲୋଗାନ ଓ ନାରାବାଜି କରାଯାଇଥିଲା । ଅନ୍ୟପକ୍ଷରେ ଏଥିରୁ ନିବୃତ ରହିବା ପାଇଁ ବାଚସ୍ପତି ନିଜ ଆସନରେ ଠିଆ ହୋଇ ବାରମ୍ବାର ନିବେଦନ କରି ବିଫଳ ହୋଇଥିବାର ପରିଲକ୍ଷିତ ହୋଇଥିଲା । ଶେଷରେ ବାଚସ୍ପତି ସର୍ବଦଳୀୟ ବୈଠକ ଡାକି ଗୃହର ସୁପରିଚାଳନା କିପରି ହୋଇପାରିବ ସେ ବିଷୟରେ ଆଲୋଚନା କରିଥିଲେ । ଏଥିରେ ଆସନ୍ତା କାଲି ସ୍କୁଲ ବନ୍ଦ ସମ୍ପର୍କରେ ଆଲୋଚନା କରାଯିବ ବୋଲି ନିଷ୍ପତି ନିଆ ଯାଇଥିଲା । ସରକାରୀ ମୁଖ୍ୟ ସଚେତକ ଏ ସମ୍ପର୍କରେ ଏକ ପ୍ରସ୍ତାବ ଆଣିବେ ବୋଲି ବାଚସ୍ପତି ଜଣାଇଥିଲେ । ଗଣଶିକ୍ଷା ମନ୍ତ୍ରୀ ଏଥିରେ ବିବୃତି ରଖିବେ ବୋଲି ବୈଠକରେ ନିଆଯାଇଥିବା ନିଷ୍ପତି ସମ୍ପର୍କରେ ଗୃହକୁ ଜଣାଇଥିଲେ । ଏହା ବ୍ୟତୀତ ଆଜିର ଦ୍ୱିତୀୟାର୍ଦ୍ଧ ବୈଠକରେ କାର୍ଯ୍ୟସୂଚୀରେ ଥିବା ସମସ୍ତ କାର୍ଯ୍ୟକ୍ରମ ବାତିଲ୍ କରିବା ପାଇଁ ନିଷ୍ପତି ନିଆଯାଇଥିଲା ବୋଲି କହିବା ସହ ଗୃହକୁ ଆସନ୍ତା କାଲି ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ । ଆଜି ପ୍ରଥମାର୍ଦ୍ଧ ବୈଠକରେ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ ଶିକ୍ଷାର ଅଧିକାର ହେଉଛି ମୌଳିକ ଅଧିକାର । ହେଲେ ରାଜ୍ୟ ସରକାର କମ ସଂଖ୍ୟକ ଛାତ୍ର ଥିବା ଦର୍ଶାଇ ଅନେକ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡିକୁ ବନ୍ଦ କରିବାକୁ ନିଷ୍ପତି ନେଇଛନ୍ତି । ଏହାର ଅଧିକ ପ୍ରଭାବ ପର୍ଶ୍ଚିମ ଓଡିଶାର ସ୍କୁଲ ମାନଙ୍କ ଉପରେ ପଡିବ । ପିଲାମାନେ ତାଙ୍କ ଗାଁରେ ପଡିବା ଦରକାର । ସ୍କୁଲ ବନ୍ଦ ହେଲେ ସେମାନଙ୍କୁ ଦୂରକୁ ଯିବା ପାଇଁ ପଡିବ । ଏହା ଦ୍ୱାରା ପିଲା ମାନେ ପାଠ ଛାଡି ପାରନ୍ତି । ହେଲେ ପିଲା ମାନଙ୍କର ପଢିବା ମୌଳିକ ଅଧିକାର ।

▶▶ପୃଷ୍ଠା ୭

## ବିଧାନସଭା ଭିତରେ ବେକ କାଟି ମରିବି: ତାରା ବାହିନୀପତି



ଭୁବନେଶ୍ୱର,୨୧।୧୧ (ନି.ପ୍ର): ବିଧାନସଭାରେ ସ୍କୁଲ ବନ୍ଦ ପ୍ରସଙ୍ଗରେ ଆଲୋଚନା ଚାଲିଥିବା ବେଳେ କଂଗ୍ରେସ ବିଧାୟକ ତାରା ବାହିନୀପତି ବାଚସ୍ପତିଙ୍କ ସମ୍ମୁଖରେ ଥିବା ଫାଇଭରରେ ମୁଣ୍ଡ ପିଟି ଦେଇଥିଲେ । ସ୍କୁଲ ବନ୍ଦ ପ୍ରସଙ୍ଗକୁ ନେଇ ଗୃହରେ କଂଗ୍ରେସ ଓ ବିଜେପି ସଦସ୍ୟଙ୍କ ହୋହଲ୍ଲା ଏବଂ ପାଟିତୁଣ୍ଡ କରୁଥିବା ବେଳେ ଏ ବିଷୟରେ ବିସ୍ତୃତ ଆଲୋଚନା କରାଯାଉ ବୋଲି ଦାବି କରିଥିଲେ ତାରା । ମାତ୍ର ବାଚସ୍ପତି ଏଥିପ୍ରତି ଗୁରୁତ୍ୱ ନଦେବାରୁ ସେ ତାଙ୍କ ମୁଣ୍ଡ ପିଟି ଦେଇଥିଲେ । ଏହା ବାଚସ୍ପତି ଗୃହକୁ ମୁଲତବୀ କରିଦେଇଥିଲେ । ଏହା ପୂର୍ବରୁ ଶନିବାର ଦିନ ତାରା ପ୍ରସାଦ ବାହିନୀପତି ଆତ୍ମହତ୍ୟା ଧମକ ଦେଇଥିଲେ । ସରକାର ସ୍କୁଲ ବନ୍ଦ ନିଷ୍ପତି ନ ବଦଳାଇଲେ ବାଚସ୍ପତିଙ୍କ ସମ୍ମୁଖରେ ବେକ କାଟି ଆତ୍ମହତ୍ୟା କରିବେ ବୋଲି ସେ କହିଥିଲେ ।ଅପରପକ୍ଷରେ ସ୍କୁଲ ବନ୍ଦ ପ୍ରସଙ୍ଗରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ କହିଛନ୍ତି ସ୍କୁଲ ବନ୍ଦ କରିବା ନୁହେଁ, ବରଂ ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ସରକାରଙ୍କ ଲକ୍ଷ୍ୟ । ରାଜ୍ୟରେ ୧୪ ହଜାର ସ୍କୁଲ ନୁହେଁ ୭ ହଜାର ୭ ଶହ ୭୨ ସ୍କୁଲ ବନ୍ଦ କରିବା ପାଇଁ ପ୍ରସ୍ତାବ ରହିଛି । ମୁଖ୍ୟମନ୍ତ୍ରୀ ଯାହା ନିଷ୍ପତି ନେବେ ତାହା କାର୍ଯ୍ୟକାରୀ କରାଯିବ । ସ୍କୁଲ ବନ୍ଦ କରି ପିଲାଙ୍କୁ ହଇରାଣ କରିବା ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ନୁହେଁ ବୋଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି ।

## ୪୮ ଘଂଟାରେ ଅବପାତର ରୂପ ନେବ ଲଘୁଚାପ
## ଓଡିଶାରେ ୨୪ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା



ଭୁବନେଶ୍ୱର,୨୧।୧୧ (ନି.ପ୍ର): ଭାରତ ମହାସାଗର ଓ ଦକ୍ଷିଣ-ପର୍ଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହା ଆସନ୍ତ ୪୮ ଘଂଟା ମଧ୍ୟରେ ଦକ୍ଷିଣ-ପର୍ଶ୍ଚିମ ବଙ୍ଗୋପ ସାଗରରେ ଅବପାତର ରୂପ ନେବ । ପରେ ଏହା ଘନିଭୂତ ହେବା ସମ୍ଭାବନା ରହିଛି । ଆସନ୍ତା ୨୫ ତାରିଖ ବେଳକୁ ଏହା ପର୍ଶ୍ଚିମ-ଉତରକୁ ଗତି କରି ତାମିଲନାଡୁ ଓ ପୁଡୁଚେରି ଛୁଇଁପାରେ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି । ଏହାର ପ୍ରଭାବରେ ଉତର, ଦକ୍ଷିଣ ଅଭ୍ୟାନ୍ତରୀଣ ଓଡ଼ିଶା, ଉତର ଉପକୂଳରେ ବର୍ଷା ହୋଇପାରେ । ତେଣୁ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଉପକୂଳ ଓ ଦକ୍ଷିଣ ଓଡ଼ିଶାର ଏକାଧିକ ଜିଲ୍ଲାରେ ବର୍ଷା ସମ୍ଭାବନା ଥିବା ପାଣିପାଗ ବିଭଗ ପୂର୍ବାନୁମାନ କରିଛି ।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୪୬,୨୩୨ ନୂଆ ମାମଲା: ୫୬୪ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୨୧।୧୧ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୪୬,୨୩୨ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୫୬୪ ଜଣଙ୍କର ମୃତ୍ୟୁ ଘଟିଛି ।

▶▶ପୃଷ୍ଠା ୭

## ଇଚ୍ଛା ଡ୍ୟାମ୍ ନିର୍ମାଣ ଶେଷ କରିବାକୁ ଝାଡଖଣ୍ଡ ମୁଖ୍ୟମନ୍ତ୍ରୀଙ୍କୁ ନବୀନଙ୍କ ଚିଠି



ଭୁବନେଶ୍ୱର,୨୧।୧୧ (ନି.ପ୍ର): ସୁବର୍ଣ୍ଣରେଖା ବହୁମୁଖୀ ପ୍ରକଳ୍ପରେ ନିର୍ମାଣାଧୀନ ହେଉଥିବା ଇଚ୍ଛା ଡ୍ୟାମର କାମ ସାରିବା ଲାଗି ସହଯୋଗ କରିବାକୁ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଚିଠି ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ମୁଖ୍ୟମନ୍ତ୍ରୀ ଚିଠିରେ ଲେଖିଛନ୍ତି ଯେ ସୁବର୍ଣ୍ଣରେଖା-ଖରାଖାଇ ଅବବାହିକାରେ ଖରିଫ ଫସଲ ପାଇଁ ଡ୍ୟାମ ନିର୍ମାଣ ହୋଇଛି । ଇଚ୍ଛା ଡ୍ୟାମର ନିର୍ମାଣ ସମ୍ପୂର୍ଣ୍ଣ ହେଲେ ଚାଷୀଙ୍କୁ ଜଳସେଚନର ସୁବିଧା ମିଳିବ ଏବଂ ଚାନ୍ଦିଲି ଡ୍ୟାମରେ ଜଳ ସଂରକ୍ଷିତ ରଖିଲେ ବନ୍ୟା ନିୟନ୍ତ୍ରଣ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ।
ଝାରଖଣ୍ଡ ସରକାରଙ୍କ ଦ୍ୱାରା ଇଚ୍ଛା ଡ୍ୟାମ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ହିଁ ଓଡିଶାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିବ । ଇଚ୍ଛା ଡ୍ୟାମ ପାଇଁ ୧୨୦୮ କୋଟି ଟଙ୍କାରୁ ରାଜ୍ୟ ସରକାର ଝାଡ଼ଖଣ୍ଡ ସରକାରଙ୍କୁ ୧୦୨୯.୯୧ କୋଟି ଟଙ୍କା ଦେଇଛନ୍ତି । ସେହିପରି ଡ୍ୟାମ ହେବା ଦ୍ୱାରା ପ୍ରଭାବିତ ହେବାକୁ ଥିବା ୩୬ଟି ଗ୍ରାମର ଗ୍ରାମବାସୀଙ୍କୁ ଥଇଥାନ

▶▶ପୃଷ୍ଠା ୭

## ଓଡ଼ିଶାର ୪୬ଟି ସାଗରମାଳା ପ୍ରକଳ୍ପର ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୨୧।୧୧ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଶନିବାର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ଏବଂ ପାରାଦୀପ ବନ୍ଦରର ଅଧକ୍ଷଙ୍କ ସହ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଓଡ଼ିଶାରେ ୫୭ ହଜାର ୩୭୯ କୋଟି ବ୍ୟୟରେ କାର୍ଯ୍ୟକାରୀ ହେଉଥିବା ୪୬ଟି ସାଗରମାଳା ପ୍ରକଳ୍ପର ସମୀକ୍ଷା କରିଛନ୍ତି ଶ୍ରୀ ପ୍ରଧାନ । ଏହି ଅବସରରେ ଶ୍ରୀ ପ୍ରଧାନ ଏହି ପ୍ରକଳ୍ପର କାର୍ଯ୍ୟକାରୀ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ମନସୁଖ ଲାଲ ମାଣ୍ଡଭିୟଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି । ସମସ୍ତ ସାଗରମାଳା ପ୍ରକଳ୍ପ ଗୁଡିକର ସମୀକ୍ଷା କରିବା ପରେ ଶ୍ରୀ ପ୍ରଧାନ କହିଛନ୍ତି ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ଭାରତ ସରକାରଙ୍କ ୪୬ଟି ସାଗରମାଳା ପ୍ରକଳ୍ପ ମଧ୍ୟରୁ ୫ ହଜାର ୬ କୋଟି ଟଙ୍କା ମୂଲ୍ୟର ୧୪ଟି ପ୍ରକଳ୍ପର କାମ ଶେଷ ହୋଇଛି । ୩୩ ହଜାର ୨୫୪ କୋଟି ଟଙ୍କା ମୂଲ୍ୟର ୨୨ଟି ପ୍ରକଳ୍ପ କ୍ରିୟାନ୍ୱୟନ ପ୍ରକ୍ରିୟାରେ ଅଛି ଏବଂ ୧୯ ହଜାର ୫୯ କୋଟି ଟଙ୍କା ମୂଲ୍ୟର ୧୦ଟି ପ୍ରକଳ୍ପର ନିର୍ମାଣ କାମ କରାଯାଉଛି । ରାଜ୍ୟରେ ବନ୍ଦରର ନବୀକରଣ, ବନ୍ଦର ସହ ସଂଯୋଗ ସ୍ଥାପନା, ବନ୍ଦର ଆଧାରିତ ଶିଳ୍ପାୟନ ଏବଂ ଉପକୂଳ ସମୂହର ବିକାଶ ଉପରେ ଧ୍ୟାନ ଦିଆଯାଇଥିବା ଏହି ପ୍ରକଳ୍ପ ଗୁଡ଼ିକ ଓଡିଶାର ଉପକୂଳବର୍ତୀ ଅଂଚଳକୁ ଆର୍ଥିକ ବିକାଶ ଏବଂ ଅନ୍ତର୍ଜାତୀୟ ଭାଲ୍ୟୁ ଚେନର ପେଣ୍ଟସ୍ଥଳି ଭାବରେ ପରିଣତ କରିବ । ସେହିପରି ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର ଠାରେ ୫୦ କୋଟି ଟଙ୍କା




▶▶ପୃଷ୍ଠା ୭

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୬୮ ଗିରଫ

ଭୁବନେଶ୍ୱର,୨୧।୧୧ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୬ ଟି ମାମଲା ରୁଜୁ କରିଛି । ୬୮ ଜଣଙ୍କୁ ଗିରଫ କରା ଯାଇଥିବା ବେଳେ ୫୪୯ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୯,୩୬,୨୫୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ପ୍ରକାଶ ପାଇଲା ଏକକ ପିଜି ପ୍ରବେଶିକା ପରୀକ୍ଷା ମେଧା ତାଲିକା

ଭୁବନେଶ୍ୱର,୨୧।୧୧ (ନି.ପ୍ର):ଚଳିତ ବର୍ଷ ରାଜ୍ୟରେ ରାଜ୍ୟ ବିଶ୍ୱବିଦ୍ୟାଳୟ ଏବଂ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ସ୍ନାତକୋତର ଶ୍ରେଣୀରେ ନାମ ଲେଖାଇବା ନିମନ୍ତେ ଏକକ ପିଜି ପ୍ରବେଶିକା ପରୀକ୍ଷାର ମେଧା ତାଲିକା ଶନିବାର ସନ୍ଧ୍ୟାରେ ପ୍ରକାଶ ପାଇଛି । ମୋଟ୍ ୫୨,୭୮୦ ଛାତ୍ରଛାତ୍ରୀ ମେଧା ତାଲିକାରେ ସ୍ଥାନ ପାଇଛନ୍ତି । ଏହି ତାଲିକା ସାମସ୍-ସିପିଇଟି ୨୦୨୦ର ୱେବ୍‌ସାଇଟ୍ ରେ ଉପଲବ୍ଧ କରାଯାଇଛି । ଛାତ୍ରଛାତ୍ରୀମାନେ ଡବ୍ଲୁଡବ୍ଲୁଡବ୍ଲୁ ଡଟ୍ ସାମସ୍ ଡଟ୍ ଜିଓଭି ଡଟ୍ ଇନ୍(www.samsodisha.gov.in)ରେ ପୋଷ୍ଟ ଗ୍ରାଜୁଏସନ୍ ରେ କ୍ଲିକ୍ କରି ଷ୍ଟେଟ୍ ୱାଇଡ୍ ପ୍ରୋଭିଜନାଲ ମେରିଟ୍ ଲିଷ୍ଟ୍ ଲିଙ୍କରେ ଏହି ପିଜି ପ୍ରବେଶିକା ପରୀକ୍ଷା ବିଷୟ ଅନୁଯାୟୀ

▶▶ପୃଷ୍ଠା ୭

## କମେଡ଼ି କୁଇନ ଭାରତୀ ସିଂ ଗିରଫ



ନୂଆଦିଲ୍ଲୀ ,୨୧।୧୧ (ନି.ପ୍ର): ବଲିଉଡ ହାସ୍ୟ ଅଭିନେତ୍ରୀ ଭାରତୀ ସିଂଙ୍କୁ ଗିରଫ କରିଛି ଏନସିବି । ସେ ରହୁଥିବା ଘରୁ ଗଞ୍ଜେଇ ଜବତ ହେବା ପରେ ଏନସିବି ତାଙ୍କୁ ଜେରା ପାଇଁ ସମନ ଜାରି କରିଥିଲା । ତେବେ ଜେରା କରିବା ପରେ ତାଙ୍କୁ ଏନସିବି ଗିରଫ କରିଥିବା ସୂଚନା ମିଳିଛି । ସୂଚନା ଅନୁସାରେ, ଶନିବାର ସକାଳୁ ନାର୍କୋଟିକ୍ସ କଂଟ୍ରୋଲ ବ୍ୟୁରୋ କମେଡିଆନ୍ ଭାରତୀ ସିଂହ ଏବଂ ତାଙ୍କ ସ୍ୱାମୀ ହର୍ଷ ଲିମ୍ବାଚିଆଙ୍କ ମୁମ୍ବାଇ ସ୍ଥିତ ଫ୍ଲାଟରେ ଚଢ଼ାଉ କରିଥିଲା । ଏଜେନ୍ସି ଦ୍ୱାରା ଅନ୍ଧେରୀ, ଲୋଖଣ୍ଡୱାଲା ଏବଂ ଭର୍ସୋଭା ସହିତ ୩ଟି ଅଲଗା ଅଲଗା ସ୍ଥାନରେ ଚଢ଼ାଉ କରାଯାଇଥିବା ଯାଂଚ ଏଜେନ୍ସି ସୂଚନା ଦେଇଥିଲା ।

▶▶ପୃଷ୍ଠା ୭

## ଡ.ମହତାବ ଜୟନ୍ତୀ ଅବସରରେ କବିତା ପୁସ୍ତକ 'ମଝିନଈର ଗୀତ' ଉନ୍ମୋଚିତ



ସୋର,୨୧।୧୧ (ନି.ପ୍ର): ସୋର ଗାଁ ମଜଲିସ୍ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଡ. ହରେକୃଷ୍ଣ ମହତାବଙ୍କ ୧୨୧ତମ ଜୟନ୍ତୀ ଅବସରରେ ଡ.ରବୀନ୍ଦ୍ର ବିହାରୀଙ୍କ କବିତା ପୁସ୍ତକ 'ମଝିନଈର ଗୀତ' ଲୋକାର୍ପିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଧ୍ୱନିପ୍ରତିଧ୍ୱନିର ପରିଚାଳକ ସୃଷ୍ଟିଧର ପରିଡ଼ା ଯୋଗଦେଇ କହିଲେ ଯେ ମହାମନିଷୀ ମହାତାବ ଏକାଧାରରେ ଜଣେ ସମାଜସେବୀ, ସାହିତ୍ୟିକ, ସାମ୍ବାଦିକ ଐତିହାସିକ ଏବଂ ଜଣେ ପ୍ରବୀଣ ରାଜନୈତିକ ନେତା ଭାବେ ସାରା ଭାରତରେ ସୁପ୍ରସିଦ୍ଧି ଲାଭକରିଥିଲେ । ତାଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରଜାତନ୍ତ୍ର ଗୋଟିଏ ଖବର କାଗଜ ନଥିଲା, ଥିଲା ଏକ ମଣିଷଗଢ଼ା କାରଖାନା । ମୁଖ୍ୟବକ୍ତା ଭାବେ ସୁବର୍ଣ୍ଣଶ୍ରୀ ପ୍ରକାଶନୀର ପ୍ରତିଷ୍ଠାତା ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କାଳିପଦ ପଣ୍ଡା ଯୋଗଦେଇ କହିଲେ ଯେ ନବଉତ୍କଳ ନିର୍ମାତା ଡ.ମହତାବଙ୍କ କେବଳ ଓଡ଼ିଶାର ନୁହେଁ ଭାରତର ଜଣେ ଅଦ୍ୱିତୀୟ ନେତୃତ୍ୱର ଅଧିକାରୀ ଥିଲେ । ତାଙ୍କ ଦ୍ୱାରା ଦେଶର ପ୍ରଥମ ଗଡ଼ଜାତ ମିଶ୍ରଣ ହୋଇଥିଲା । ଓଡ଼ିଶାବାସୀ ସାମଗ୍ରୀକ ଭାବେ ତାଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ ଦାବି କରିବା ଆବଶ୍ୟକ । ସମ୍ମାନିତ ଅତିଥି ଭାବେ ସୋର ୟୁଏନ୍ କଲେଜର ପ୍ରାକ୍ତନ ଅଧକ୍ଷ ବିଜୟ କୁମାର ମହାପାତ୍ର କହିଲେ ଯେ ଡ. ମହତାବଙ୍କ ରାଜନୀତିର

▶▶ପୃଷ୍ଠା ୭

## ୨୬ ନଭେମ୍ବର ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ

ଭୁବନେଶ୍ୱର,୨୧।୧୧ (ନି.ପ୍ର): ଦେଶର କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ସମୂହ ଓ ଶତାଧିକ ଟ୍ରେଡ୍ ଫେଡ୍ରେରେସନମାନଙ୍କ ଦ୍ୱାରା ଆହୂତ ଆସନ୍ତା ୨୬ ନଭେମ୍ବରର ଦେଶବ୍ୟାପୀ ସାଧାରଣ ଧର୍ମଘଟରେ ବ୍ୟାଙ୍କ କର୍ମଚାରୀ ଓ ଅଫିସରମାନେ ଅଂଶ ଗ୍ରହଣ କରିବେ । ଶ୍ରମ କୋଡ୍ ଆଇନର ପ୍ରଣୟନ, ରାଷ୍ଟ୍ରାୟତ ଉଦ୍ୟୋଗର ବ୍ୟାପକ ଘରୋଇକରଣ ବିରୋଧରେ, ଲକ୍‌ଡାଉନ ଯୋଗୁ ଛଟେଇ ଶ୍ରମିକ ଓ ବେକାର ଯୁବକମାନଙ୍କୁ କର୍ମସଂସ୍ଥାନ ଇତ୍ୟାଦି ୧୦ ଦଫା ଦାବି ସହିତ ବ୍ୟାଙ୍କ ଘରୋଇକରଣରୁ ନିବୃଳ ରହିବା, ଖିଲାପୀ ବୃହତ୍ କର୍ପୋରେଟ ଋଣୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ବ୍ୟାଙ୍କ ଜମାର ସୁଧ ହାର ବୃଦ୍ଧି ଓ ସେବା ନାମରେ ଆଦାୟ କରୁଥିବା ଶୁଳ୍କକୁ ବନ୍ଦ କରିବା, ଉନ୍ନତ ଗ୍ରାହକ ସେବା ପାଇଁ ବ୍ୟାଙ୍କର ସମସ୍ତ ଶୂନ୍ୟସ୍ଥାନ ପୂରଣ, ନୂଆ ପେନସନ ସ୍କିମ୍‌ର ବାତିଲ, ସମବାୟ ବ୍ୟାଙ୍କ ସହ ସମସ୍ତ ବ୍ୟାଙ୍କ କର୍ମଚାରୀଙ୍କୁ ପେନସନ ଏବଂ ସମବାୟ ଓ ଗ୍ରାମ୍ୟବ୍ୟାଙ୍କଗୁଡ଼ିକୁ ଅଧିକ ଶକ୍ତିଶାଳୀ କରିବା ଇତ୍ୟାଦି ଦାବିରେ ଏଆଇବିଇଏ ଏବଂ ଏଆଇବିଓଏ ପକ୍ଷରୁ ଏହି ଧର୍ମଘଟର ଡାକରା ଦିଆଯାଇଛି । ଧର୍ମଘଟକୁ ସଫଳ କରିବା ପାଇଁ ସମସ୍ତ ବ୍ୟାଙ୍କ କର୍ମଚାରୀ ଓ ଅଫିସରମାନଙ୍କୁ ଏଆଇବିଇଏ ରାଜ୍ୟ ସଂଗଠନର ସଭାପତି ପ୍ରଦୀପ କୁମାର ପଟ୍ଟନାୟକ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ତ୍ରିପାଠୀ ନିବେଦନ କରିଛନ୍ତି ।

# ପୁରୀ, ବୀରମିତ୍ରପୁର ହାଜତ ମୃତ୍ୟୁ ଘଟଣାକୁ ନେଇ ବିଧାନସଭାରେ ପ୍ରବଳ ହଟ୍ଟଗୋଳ

ଭୁବନେଶ୍ୱର,୨୧।୧୧ (ନି.ପ୍ର): ପୁରୀ ଏବଂ ବୀରମିତ୍ରପୁର ହାଜତ ମୃତ୍ୟୁ ଘଟଣାରେ ଆଲୋଚନା କରିବା ଦାବିକୁ ନେଇ ଆଜି ବିଧାନସଭାରେ ବିରୋଧୀ ଦଳ ପକ୍ଷରୁ ପ୍ରବଳ ହଟ୍ଟଗୋଳ ସୃଷ୍ଟି କରା ଯାଇଥିଲା । ଗୃହରେ ଅଚଳାବସ୍ଥାକୁ ଏଡାଇବା ପାଇଁ ବାଚସ୍ପତି ଏବଂ ଉପ ବାଚସ୍ପତି ଗୃହକୁ ବାରମ୍ବାର ମୁଲତବୀ ରଖିଥିଲେ । ଦ୍ୱିତୀୟାର୍ଦ୍ଧ ବୈଠକ ଆରମ୍ଭ ହେବା ମାତ୍ରେ ଉଭୟ ବିରୋଧୀ ବିଜେପି ଓ କଂଗ୍ରେସ ଦଳର ବିଧାୟକ ମାନେ ଉକ୍ତ ପ୍ରସଙ୍ଗ ଉପରେ ଆଲୋଚନା କରା ଯାଉ ବୋଲି ଦାବି କରିଥିଲେ । ବାଚସ୍ପତି ଏହାର ସୁଯୋଗ ନ ଦେବାରୁ ଏହାର ପ୍ରତିବାଦରେ ସେମାନେ ହୋ ହାଲ୍ଲା କରିବା ସହ ସେମାନେ ସରକାର ବିରୋଧୀ ସ୍ଲୋଗାନ ମାନ ଦେଇଥିଲେ । କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ପୋଡିୟମକୁ ବାଡେଇବା, ମାଇକ ଛଡେଇବାକୁ ଚେଷ୍ଟା କରିବା ପରିଲକ୍ଷିତ ହୋଇଥିଲା । ହଟ୍ଟଗୋଳ ଯୋଗୁ ଦେଖା ଦେଇଥିବା ଅଚଳାବସ୍ଥାକୁ ଏଡାଇବା ପାଇଁ ବାଚସ୍ପତି ଏକ ସର୍ବଦଳୀୟ କମିଟି ବୈଠକ ତାଙ୍କ ଚ୍ୟାମ୍ବରରେ ଡାକିଥିଲେ । ଏହି ବୈଠକରେ କେଉଁ ମାନେ ଯୋଗ ଦେବେ ସେମାନଙ୍କର ନାମ କହିଥିଲେ । ବିରୋଧୀ ଦଳର ନେତା ପ୍ରଦୀପ୍ତ ନାୟକ ନିଜ ଆସନରେ ଠିଆ ହୋଇ ପ୍ରତିବାଦ କରି କହିଥିଲେ ଯେ କାର୍ଯ୍ୟ ପରାମର୍ଶଦାତା କମିଟି ବୈଠକରେ ବିରୋଧୀ ଦଳକୁ ଯେଉଁ ମାନ୍ୟତା ମିଳିବା କଥା ତାହା ଦିଆ ଯାଉ ନାହିଁ । ତେଣୁ ଏହି ବୈଠକରେ ସେ ଯୋଗ ଦେବେ ନାହିଁ ବୋଲି ସେ ସ୍ପଷ୍ଟ କରି ଦେଇଥିଲେ । ତାଙ୍କର ଅନୁପସ୍ଥିତିରେ ବୈଠକ ଚାଲିଥିଲେ ହେଁ ସମାଧାନ ନେଇ କୌଣସି ଚୂଡାନ୍ତ ନିଷ୍ପତି ହୋଇ ପାରି ନ ଥିଲା । ବୈଠକ ଚାଲିଥିବା ବେଳେ ବାଚସ୍ପତି ଗୃହକୁ ୩.୧୦ରୁ ୩.୨୫ ଯାଏ ପ୍ରଥମ ଥର ପାଇଁ ୩.୨୮ରୁ ୩.୫୮ ଯାଏ ୩୦ ମିନିଟ ଯାଏ ମୁଲତବୀ ରଖିଥିଲେ । ପରେ ପରେ ଉପ ବାଚସ୍ପତି ରଜନୀକାନ୍ତ ସିଂହ ୩.୫୮ରୁ ୪.୧୩ରୁ ଓ ୪.୧୩ରୁ ୪.୧୮ ଯାଏ ମୁଲତବୀ ରଖିଥିଲେ । ପରିସ୍ଥିତିରେ ଉନ୍ନତି ଘଟି ନ ଥିଲା । ବାଚସ୍ପତି ଗୃହର କାର୍ଯ୍ୟକ୍ରମକୁ ଚାଲୁ ରଖିଥିଲେ । ଗୃହର କାର୍ଯ୍ୟସୂଚୀରେ ସ୍ଥାନିତ ହୋଇଥିବା ତିନୋଟି ଅଧ୍ୟାଦେଶ ଉପସ୍ଥାପନା ପାଇଁ ସଂପୃକ୍ତ ବିଭାଗୀୟ ମନ୍ତ୍ରୀ ସୁଶାନ୍ତ ସିଂହ ଓ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଡାକିଥିଲେ । ସେମାନେ ଅଧ୍ୟାଦେଶ ଉପସ୍ଥାପନ କରିବା ପରେ ବିଧାନସଭା ସଚିବ ଦାଶରଥୀ ଶତପଥୀ ଗତ ବିଧାନସଭାରେ ପାରିତ ହୋଇଥିବା ସମସ୍ତ ବିଲ ଗୁଡିକର ମିଳିଥିବା ସମ୍ମତି ଉପସ୍ଥାପନ କରିଥିଲେ । ଏହା ବ୍ୟତୀତ ଆଇନ ପ୍ରଣୟନ ପାଇଁ ପାଂଚଟି ସରକାରୀ ବିଲ ଉପସ୍ଥାପନ ହୋଇଥିଲା । ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତିରେ ତାଙ୍କ ପକ୍ଷରୁ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉପସ୍ଥାପନା କରିଥିଲେ । ବାଚସ୍ପତିଙ୍କ ନିର୍ଦ୍ଦେଶକ୍ରମେ ଅର୍ଥମନ୍ତ୍ରୀ ନିରଂଜନ ପୁଜାରୀ ଅତିରିକ୍ତ ବଜେଟ ଉପସ୍ଥାପନ କରିଥିଲେ । ଏହା ପରେ ବାଚସ୍ପତି ଗୃହକୁ ଶନିବାର ସକାଳ ୧୦.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।

## ସୋର ପୁଲିସ୍ ଦ୍ୱାରା ଦୁଇଟି ଚୋରା ପଥର ବୋଝେଇ ଟ୍ରକ ଜବତ

ସୋର,୨୧/୧୧(ସପ୍ର)- ଆଜି ସୋର ୧୬ ନମ୍ବର ଜାତୀୟ ରାଜପଥରେ ଚୋରା ଚାଲାଣ କରୁଥିବା ୨ଟି ପଥର ବୋଝେଇ ଟ୍ରକକୁ ସୋର ପୁଲିସ ଜବତ କରିଛି । ଆଜି ପୂର୍ବାହ୍ନରେ ଓଡି୨୨ଏଲ୍ ୭୬୦୩ ଓ ଓଡି୦୧ଡବ୍ଲ୍ୟୁ ୯୧୪୭ ନମ୍ବର ଟ୍ରକ ଦୁଇଟି ବାଗୁଡ଼ି ଖାଦାନରୁ ବେଆଇନ ଭାବେ ପଥର ବୋଝେଇ କରି ବାଲେଶ୍ୱରକୁ ଯାଉଥିବା ସମୟରେ ଜାତୀୟ ରାଜପଥ ପାଇକାଲୀ ନିକଟରେ ସୋର ପୁଲିସ୍ ଜବତ କରିଥିଲା । ଏହି ଟ୍ରକରେ ପରିବହନ କରାଯାଇଥିବା ପଥର ପାଇଁ ଚାଲାଣ ନଥିବା କାରଣରୁ ଏହାକୁ ଜବତ କରାଯାଇ ସୋର ଥାନାକୁ ଅଣାଯାଇ ଅଟକ ରଖାଯାଇଛି ।

# ବିଶ୍ୱ ଶିଶୁ ଅଧିକାର ଦିବସ ପାଳିତ : ଶିଶୁ ଅଧିକାର ହିଁ ଦେଶର ଅଧିକାରକୁ ସାବ୍ୟସ୍ତ କରିପାରିବ ବୋଲି ବକ୍ତାମାନଙ୍କ ମତ

ଭୁବନେଶ୍ୱର,୨୧।୧୧ (ନି.ପ୍ର): ଶିଶୁମାନେ ହେଉଛନ୍ତି ସମାଜର ସବୁଠାରୁ ସମ୍ଭାବନାରେ ପରିପୂର୍ଣ୍ଣ ବର୍ଗ। ସେମାନେ ରାଜ୍ୟ ଓ ଦେଶର ଭବିଷ୍ୟତ । ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟିସାଧନ, ସମାଜିକ ସୁରକ୍ଷାକୁ ସୁନିଶ୍ଚିତ କରି ସେମାନଙ୍କୁ ଏକ ସମ୍ମାନଜନକ ସୁରକ୍ଷିତ ଜୀବନ ପ୍ରଦାନ କରିବା ଦିଗରେ ପରିବାର, ସମାଜ, ଗୁରୁ, ସରକାର ଏବଂ ନାଗରିକ ସଂଗଠନ ଗୁଡ଼ିକର ଗୁରୁ ଦାୟିତ୍ୱ ରହିଛି । ଶିଶୁମାନଙ୍କ ମୌଳିକ ଅଧିକାର ଗୁଡ଼ିକୁ ସୁରକ୍ଷିତ କରି ରଖିବା ଦ୍ୱାରା ଦେଶ ଓ ଜାତିର ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ ସମ୍ଭବ । ଶିଶୁ ଅଧିକାର ହିଁ ଦେଶର ଅଧିକାରକୁ ସାବ୍ୟସ୍ତ କରିପାରିବ ଏବଂ ଏଥି ପାଇଁ ସମଷ୍ଟିଗତ ପ୍ରୟାସ ଆବଶ୍ୟକ ବୋଲି ନଭେମ୍ବର ୨୦ତାରିଖ ବିଶ୍ୱ ଶିଶୁ ଅଧିକାର ଦିବସ ପାଳନ ଅବସରରେ ବହୁ ବିଶିଷ୍ଟ ଅତିଥି ମତବ୍ୟକ୍ତ କରିଛନ୍ତି । ଆଜି ପୂର୍ବାହ୍ନରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନଙ୍କ ଅଧକ୍ଷତାରେ ଆୟୋଗ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଉତ୍ସବରେ ଶିଶୁ ଅଧିକାର ସମ୍ପର୍କରେ ସଚେତନତା ବୃଦ୍ଧି କରିବା ତଥା ଶିଶୁମାନଙ୍କ ସାମାଜିକ, ଶାରୀରିକ, ମାନସିକ ବିକାଶ ନିମନ୍ତେ ଆବଶ୍ୟକ ବିଭିନ୍ନ ପଦକ୍ଷେପ ଗୁଡ଼ିକ ସମ୍ପର୍କରେ ବକ୍ତାମାନେ ଆଲୋକପାତ କରିଥିଲେ । ଆୟୋଗର ଅଧକ୍ଷା ସ୍ୱାଗତ ଭାଷଣ ଦେବା ସହ ଶିଶୁ ଅଧିକାରର ସୁରକ୍ଷା ଦିଗରେ ଆୟୋଗର ଆଭିମୁଖ୍ୟ ସମ୍ପର୍କରେ ଧାରଣା ପ୍ରଦାନ କରିଥିଲେ । ଚଳିତ ବର୍ଷ ଏହି ଦିବସ ପାଳନ ପ୍ରସଙ୍ଗ ରହିଛି ବାଲ୍ୟ ବବାହ ସମାପ୍ତିକୁ ସୁନିଶ୍ଚିତ କରାଇବା, ଶିଶୁ ସୁରକ୍ଷା ପ୍ରଣାଳୀକୁ ମଜଭୁତ କରିବା ।

# ଅଦିନିଆ ବର୍ଷାରେ ସୋରରେ ପାଚିଲା ଧାନ କ୍ଷତି



ସୋର,୨୧/୧୧(ସପ୍ର)- ଗତକାଲି ସଂଧାରେ ସୋର ଅଞ୍ଚଳରେ ଅଦିନିଆ ବର୍ଷା ହେବା ଫଳରେ ବ୍ୟାପକ ଚାଷ ଜମିରେ ପାଣି ଜମି ରହିବା ଫଳରେ କଟାହୋଇ ପଡ଼ିଥିବା ପାଚିଲାଧାନ ବ୍ୟାପକ କ୍ଷତି ହୋଇଥିବା ଦେଖିବାକୁ ମିଳିଛି । ସୋର ବ୍ଲକର ସରଶଂଖ, ବ୍ରାହ୍ମଣସାହି, ଗଞ୍ଜ ଗୁହାଳଡିହି, ନଦୀଗାଁ, କୁଡ଼େଇ, ନଟାପଡ଼ା, ବାଲିପୁର, ଚହଳିମା, ନିଶ୍ଚନ୍ତପୁର, ମଧୁସୂଦନପୁର, କୁରୁଣିଆ, ଖଜୁଡିଆ, ତଳନଗର.ସବିରା, ଅଲ୍ଲୀପୁର, ସାଜନପୁର, ଶିରାପୁର, କେଦାରପୁର ଏବଂ ବଳରାମପୁର ପ୍ରଭୃତି ଅଞ୍ଚଳରେ ଗତକାଲି ଅପରାହ୍ନ ୪ଟା ସମୟରୁ ଆରମ୍ଭ ହୋଇ ରାତି ପର୍ଯ୍ୟନ୍ତ ବାରମ୍ବାର ଝିପାବର୍ଷା ହେବା ଫଳରେ ଚାଷ ଜମିରେ ପାଣି ଜମିଯିବା ସହିତ କଟାହୋଇ ପଡ଼ିଥିବା ଧାନ କଳେଇ ପାଣିରେ ବୁଡ଼ି ରହିଛି । ଆଜି ସକାଳେ ଏହାକୁ ଚାଷୀମାନେ ଉପରକୁ ଉଠେଇ ଶୁଖେଇବାକୁ ଚେଷ୍ଟା କରିଥିଲେ ସୁଦ୍ଧା କେତେକାଂଶରେ ଧାନ କାନ୍ଧିରୁ ଝଡ଼ି ଯାଇଥିବା ଦେଖାଯାଇଛି । ଆଜି ସୁଦ୍ଧା ବର୍ଷାର ଭୟ ସଂପୂର୍ଣ୍ଣ ଭାବେ ଛାଡ଼ି ଯାଇ ନଥିବା ବେଳେ ଚାଷୀମାନେ କଟା ଧାନକୁ ସୁରକ୍ଷିତ ରଖିବା ପାଇଁ ବୋହାବୋହି କରିବାରେ ଲାଗିଛନ୍ତି ।

# ହଜିଯିବାକୁ ବସିଛି ସୀଙ୍ଗାରିର କୁଟିର ଶିଳ୍ପ

### କୁହାଯାଏ ସିଙ୍ଗାରି ମାଟି ଲୁହାଠୁ ବଳି ଶକ୍ତ, କିନ୍ତୁ ଚିନ୍ତାରେ କୁମ୍ଭକାରର ଜୀବିକା



ଗୁଣୁପୁର,୨୧।୧୧ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣୁପୁର ଉପଖଣ୍ଡ ମୁନିଗୁଡା ବ୍ଲକର କୁମୁଡ଼ାବାଲି ପଂଚାୟତରେ ଥିବା ସିଙ୍ଗାରି ଗାଁର ଅଧିକାଂଶ ପରିବାର କୁମ୍ଭାର ସମ୍ପ୍ରଦାୟର। ପ୍ରାୟ ୩୫ ଟି ପରିବାର ପୂର୍ବରୁ ନିଜ କୌଳିକ ବୃତ୍ତି ମାଟିରେ ତିଆରି ହାଣ୍ଡି, ମାଠିଆ, ପଲମ, ତାଉଆ, ନନ୍ଦ, ନନ୍ଦିଆ, ଠେକି, କଳସି, ରୁଖା, ଧୂପଦାନୀ, ଦୀପ, ପେଡି ଓ ଅନେକ ଗୃହପୋକରଣ ସାମଗ୍ରୀମାନ କରୁଥିଲେ । ଏହାକୁ ଆଖପାଖ ଗାଁ, ହାଟ ଓ ବଜାରରେ ବିକି ନିଜ ତେଲଲୁଣ ର ସଂସାର ଚଳାଉଥିଲେ । ସେତେବେଳେ ସେମାନଙ୍କ ଅର୍ଥନୈତିକ ବିକାଶ ପାଇଁ ନାଁ ସରକାର ନାଁ ପ୍ରଶାସନ କାହାର ଆବଶ୍ୟକତା ପଡୁ ନଥିଲା । କାରଣ ଆମ ଭାରତୀୟ ଜୀବନ ଜୀବିକା ବ୍ୟବସ୍ଥାରେ ପ୍ରତ୍ୟେକଙ୍କ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ସଭିଙ୍କ ଲାଗି ପୁରାତନ ସମାଜ କିଛିନା କିଛି କାମର ବ୍ୟବସ୍ଥା କରିଥିଲା । କାହାରି କାମରେ କେହି ହସ୍ତକ୍ଷେପ କରୁ ନଥିଲେ । ସମସ୍ତେ ସମସ୍ତଙ୍କ ଉପରେ ନିର୍ଭରଶୀଳ ଥିଲେ । ଏକ ସୁସ୍ଥ ଓ କର୍ମଠ ସମାଜ ନିର୍ମାଣ ହୋଇଥିଲା । ସେଇଥିପାଇଁ ସିଙ୍ଗାରି ଗାଁର ଏହି କୁମ୍ଭକାର ପରିବାରମାନେ କେଉଁ ଆବାହାନ କାଳରୁ କୁମ୍ଭାର କାମକୁ କୁଟୀରଶିଳ୍ପ ଭାବେ ଗ୍ରହଣ କରିନେଇଥିଲା । ପରିବାରର ସମସ୍ତ ସଦସ୍ୟ ଏହି କାମରେ କାରିଗର ।ବଡ଼ମାନେ ମାଟି ସଂଗ୍ରହ କରି ତାକୁ ପାଗ କରନ୍ତି । ସଠିକ ପାଗ ହୋଇଗଲେ ମାଟିର ସାମଗ୍ରୀ ବନାଇଥାନ୍ତି । ମହିଳାମାନେ ଦୀପ, ରୁଖା, ଧୂପଦାନୀ, ବାସନ, କଣ୍ଢେଇ ତିଆରିରେ ସୂକ୍ଷ୍ମ କାରିଗରୀ ଦେଖାଇଥାନ୍ତି । ପିଲାମାନେ ଶୁଖାଇବାରେ ସହାୟତା କରିଥାଁ । ଶେଷରେ ଏହାକୁ ପୁହାଳ, ନଡ଼ା, ପତ୍ର, ଅଗାଡି ସହାୟତାରେ ଉପଯୁକ୍ତ ତାପରେ ପୋଡ଼ିଥାନ୍ତି । ତା'ପରେ ମହିଳାମାନେ ମୁଣ୍ଡରେ ବୋଝ ଆଉ ପୁରୁଷମାନେ ଭାର ସହାୟତାରେ ବଜାର, ସାପ୍ତାହିକ ହାଟ ଓ ଗାଁ ଗାଁ ବୁଲି ବିକ୍ରି କରିଥାନ୍ତି । ସିଙ୍ଗାରି ଗାଁର ଏହି ମାଟିର କୁଟୀର ଶିଳ୍ପ ଦିନେ ସାରା ଜିଲ୍ଲାରେ ନାଁ କମେଇଥିଲା । କୁମ୍ଭାର ମାନଙ୍କର ଦକ୍ଷତା ସହ ଏଠିକା ମାଟିର ବି ବହୁ ସୁନାମ ଥିଲା । କୁହାଯାଏ ସିଙ୍ଗାରି ମାଟି ଲୁହାଠୁ ବଳି ଶକ୍ତ ।ହେଲେ ଆଜି କର୍ପୂର ଉଡିଯାଇ ଖାଲି କନା ପଡ଼ି ରହିଛି । ଆଲମୁନିୟମ, କଂସା, ପିତଳ ବାସନ ବ୍ୟବହାର ଫଳରେ ଅନେକ କୁମ୍ଭକାର ଏହି କୌଳିକ ବୃତ୍ତିରୁ ଦୁରେଇ ଗଲେଣି । ଏଠାରେ କାମ ନପାଇ କୁମ୍ଭକାରରୁ ଅନେକ ଦାଦନ ପାଲଟି ଗଲେଣି । ପରିବାର ଓ ପେଟ ପାଇଁ ପଇସ ।ଦରକାର । ଆର୍ଜି କାର୍ଲି ଏସବୁ କାମରେ ଅଧିକା ପରିଶ୍ରମ ଆଉ କମ ଦାମ ମିଳୁଛି । ଦିନଥିଲା । ସିଙ୍ଗାରିର ୧୦ ରୁ ୧୨ ଗୋଟି ଶାଳ ଚାଲୁଥିଲା ହେଲେ ଏବେ ମାତ୍ର ୩ ଟିରେ ସୀମିତ । ଏବେ ଦୀର୍ଘ ୮ ମାସ ହେବ ମହାମାରୀ କରୋନାକୁ ନେଇ କାମ ସମ୍ପୂର୍ଣ୍ଣ ବନ୍ଦ । ବଜାରକୁ ସାମଗ୍ରୀ ନେଲେ କରୋନା ଡ଼ରରେ କେହି ନେଉ ନାହାନ୍ତି । ଏପରିକି ଦିପାବଳୀ ପାଇଁ ନିର୍ମିତ ଦୀପ ବିକ୍ରି ନହୋଇ ଶାଳରେ ପଡି ରହିଛି । ହାଣ୍ଡି ମାଠିଆ ଭାରରେ ବୁଲାଇ ବୁଲାଇ ଘରକୁ ଫେରି ଆସୁଛି । ବିଗତ ଦିନରେ ପ୍ରଶାସନ ଏଠାରେ ଅତ୍ୟାଧୁନିକ ୪ ଟି କୁମ୍ଭାର ଶାଳ ନିର୍ମାଣ ପାଇଁ, କାରୀଗରଙ୍କୁ ଟେରାକୁଟ ଟ୍ରେନିଂ ଦେବା ପାଇଁ ଓ ଏସବୁର ମାର୍କେଟିଙ୍ଗ ପାଇଁ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ ହେଲେ ଏହା ପ୍ରତିଶ୍ରୁତିରେ ରହିଯାଇଥିବା ଏଠିକା କୁମ୍ଭକାର ସର୍ବଶ୍ରୀ ଭଗବାନ କାଶୀ,ଭୁବନ କାଶୀ, ମୋହନ କାଶୀ, ଭଦ୍ର କାଶୀ ପ୍ରମୁଖ କହିଥିଲେ । ଏବେ ଝାଟିମାଟିର ଚାଳିଆ କୁମ୍ଭାର ଶାଳ ମାଟିରେ ମିଶି ଯିବାକୁ ବସିଲାଣି । ଏହି ପୁରୁଣା କାଳିଆ କାମରେ ଆଉ ପେଟ ପୁରୁନି କି ପିଠି ଲୁଚୁନି । ଏଣୁ ସରକାରୀ ପ୍ରୋତ୍ସାହନ, ଶାଳ, ତାଲିମ ଓ ବଜାରକୁ ନେଇ ବେପାରର ବ୍ୟବସ୍ଥା କରାଗଲେ ହଜି ଯିବାକୁ ବସିଥିବା ଏହି ଐତିହଭରା କୁଟୀରଶିଳ୍ପର ପୁନଃରୁଦ୍ଧାର ହୋଇ ପାରନ୍ତା । ଯାହା ଫଳରେ ସିଙ୍ଗାରି ଗାଁର ଲୋକଙ୍କୁ କର୍ମନିଯୁକ୍ତି ମିଳିବା ସହ ସେମାନଙ୍କ ଅର୍ଥନୈତିକ ବିକାଶ ସମ୍ଭବ ହୋଇ ପାରନ୍ତା । ଏଣୁ ଜିଲ୍ଲା ପ୍ରଶାସନ ସିଙ୍ଗାରି ଗାଁର କୁମ୍ଭକାର ମାନଙ୍କ ଦୁଃଖ ବୁଝି ପ୍ରତିକାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବୀ ହେଉଛି ।ନଚେତ ଆଗାମୀ ଦିନରେ ଏହି କାରିଗରୀ ଓ କାରିଗର ଇତିହାସ ପାଲଟି ଯିବ ।

# ବାଇକ୍ ସମେତ ୩୨ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

କନ୍ଧମାଳ,୨୧।୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ଗୋଛାପଡା ପୁଲିସ ପୁଣି ଜଣେ ଗଞ୍ଜେଇ ମାଫିଆକୁ ଗିରଫ କରିବା ସହ ତା ନିକଟରୁ ଏକ ବାଇକ୍ ଓ ୩୨ କିଲୋ ଗଞ୍ଜେଇ ଜବତ କରିଛି । କୌଣସି ସୂତ୍ରରୁ ଖବର ପାଇ ଗୋଛାପଡା ଥାନା ଅଧିକାରୀ ତୃପ୍ତିରଞ୍ଜନ ନାୟକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗୋଛାପଡା ଥାନା ତାମ୍ପିସୁଖା ସୁନାମୁଦି ପୋଲ ପାଖରେ ବୁଧବାର ବିଳମ୍ବିତ ରାତିରେ ଏହି ଗଞ୍ଜେଇ ଚାଲାଣକାରୀ ଠାରୁ ତାର ବାଇକ୍ ନଂ (ଓ.ଡି-୧୨-ଏ-୦୯୯୫) ସମେତ ୩୨ କିଗ୍ରା ଗଞ୍ଜେଇ ସହ ତାକୁ ଗିରଫ କରିଛନ୍ତି । ଗିରଫ ଅଭିଯୁକ୍ତ ଜଣକ ଗୋଛାପଡା ଥାନା ଅନ୍ତର୍ଗତ ସଲାଗୁଡ଼ା ଗ୍ରାମର ମଦନ ଦିଗାଳ(୪୦) ବୋଲି ପୁଲିସ ସୂତ୍ରରୁ ଜଣାପଡିଛି । ଏ ସଂକ୍ରାନ୍ତରେ ଗୋଛାପଡା ଥାନା ପୋଲିସ ଏକ ମାମଲା ୯୦।୨୦୨୦ ରୁଜୁ କରି ଅଭିଯୁକ୍ତକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

# ଦିବଂଗତ ତାରିଣି ପାଢୀଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କାର ସହାୟତା ଚେକ୍ ପ୍ରଦାନ କଲେ ଜିଲ୍ଲାପାଳ

କନ୍ଧମାଳ,୨୧।୧୧ (ନି.ପ୍ର): କୋଭିଡ୍-୧୯ ଭଳି ମହାମାରୀ ସମୟରେ ଗଣମାଧ୍ୟମର ପ୍ରତିନିଧିମାନେ ନିଜର ତଥା ସେମାନଙ୍କର ପରିବାର ସଦସ୍ୟଙ୍କ ଜୀବନକୁ ବାଜି ଲଗାଇ ସମ୍ବାଦ ସଂଗ୍ରହ ଏବଂ ପ୍ରସାରଣରେ ନିଜକୁ ନିୟୋଜିତ କରିଥାନ୍ତି । ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ପୂର୍ବରୁ ମିଳୁଥିବା ଅନୁକମ୍ପା ମୂଳକ ସହାୟତା ରାଶିକୁ ୧୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି । ଏହି କରୋନା ମହାମାରୀ ସମୟରେ କନ୍ଧମାଳ ଜିଲ୍ଲାରେ କାର୍ଯ୍ୟରତ 'ପ୍ରମେୟ' ଖବରକାଗଜ ସାମ୍ବାଦିକ ତାରିଣୀ ଚରଣ ପାଢ଼ୀ କରୋନାରେ ଆକ୍ରାନ୍ତ ହୋଇ ଗତ ସେପ୍ଟେମ୍ବର ମାସ ୨୯ ତାରିଖରେ ଭୁବନେଶ୍ୱରସ୍ଥ କିମ୍ସ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ । ସ୍ୱର୍ଗତ ପାଢ଼ୀଙ୍କ ପତ୍ନୀ ସବିତା ପାଢ଼ୀ ଏହି ସହାୟତା ରାଶି ପାଇବା ପାଇଁ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ କନ୍ଧମାଳ ଜିଲ୍ଲାପାଳଙ୍କ ଜରିଆରେ ଆବେଦନ କରିଥିଲେ । ଆବେଦନ ପତ୍ର ପାଇବାର ମାତ୍ର୫ ଦିନ ମଧରେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱର୍ଗତ ପାଢ଼ୀଙ୍କ ପତ୍ନୀ ଶ୍ରୀମତୀ ସବିତା ପାଢ଼ୀଙ୍କୁ ୧୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ମଞ୍ଜୁର କରାଯାଇଥିଲା । ପରେ ପରେ ସେହି ଅର୍ଥ ରାଶିକୁ କନ୍ଧମାଳ ଜିଲ୍ଲାପାଳଙ୍କ ଆକାଉଂଟକୁ ପ୍ରଦାନ କରାଯାଇଥିଲା । ତେବେ ଆଜି କନ୍ଧମାଳ ଜିଲ୍ଲାପାଳ ଡା. ବୃନ୍ଦା ଡି. ସେହି ୧୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶିକୁ ଚେକ୍ ମାଧ୍ୟମରେ ଶ୍ରୀମତୀ ପାଢ଼ୀଙ୍କୁ ପ୍ରଦାନ କରିଛନ୍ତି ।

# ପାଚିକା ସହାୟିକା ସଂଘ ପକ୍ଷରୁ ଚାକିରୀର ସ୍ଥାୟୀତ୍ୱ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା,୨୧।୧୧ (ନି.ପ୍ର): ନିଖିଳ ଓଡିଶା ମଧାହ୍ନ ଭୋଜନ ପାଚିକା ସହାୟିକା ସଂଘର କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଏକ ଲିଖିତ ଦାବିପତ୍ର ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କ ଜରିଆରେ ପ୍ରଦାନ କରାଯାଇଛି । କେନ୍ଦ୍ରାପଡା ଜିଲ୍ଲାରେ ୨୧୭ଟି ସ୍କୁଲକୁ ନିକଟବର୍ତୀ ସ୍କୁଲ ସହ ମିଶ୍ରଣ କରାଯାଉଥିବା ବେଳେ ଏହି ସ୍କୁଲ ମାନଙ୍କରେ ବହୁଦିନ ରୁ ମଧାହ୍ନ ଭୋଜନ ପ୍ରସ୍ତୁତି କାର୍ଯ୍ୟକରି ଆସୁଥିବା ପାଚିକା ଓ ସହାୟିକା ମାନେ ସେମାନଙ୍କ ଚାକିରୀର ସ୍ଥାୟୀତ୍ୱକୁ ନେଇ ସଂକଟରେ ପଡିଛନ୍ତି । ପୂର୍ବରୁ ଏମାନଙ୍କର ୨୮ ମାସର ଦରମା ବକେୟା ରହିଥିବା ବେଳେ ଏବେ ଚାକିରୀ ରହିବ କି ଯିବ ତାକୁ ନେଇ ଦ୍ୱନ୍ଦ ଦେଖାଦେଇଛି । ଏନେଇ ପାଚିକା ସହାୟିକା ମାନଙ୍କୁ ବାହାର ନକରି ସେମାନଙ୍କ ଚାକିରୀକୁ ସ୍ଥାୟୀତ୍ୱ ଦେବାପାଇଁ ସଂଗ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଦାବିପତ୍ର ଜିଲ୍ଲା ଶିକ୍ଷା ଅଧିକାରୀ ସଂଜୀବ ସିଂହଙ୍କୁ ପ୍ରଦାନ କରାଯାଇଛି । ରାଜ୍ୟ ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ଜିଲ୍ଲା ସଭାପତି ସୁହାନା ବେଗମ, ସଂପାଦିକା ସୌଭାଗିନୀ ପତି, ସହ ସଂପାଦିକା ଦମୟନ୍ତି ସାମଲ, ଝରଣା ବେହେରା , ଝରଣା ରାଉତ, ଗଜେନ୍ଦ୍ର ନାୟକ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ ।

# ସୋରରେ କରୋନା ରିଟର୍ଣ୍ଣ

ସୋର,୨୧/୧୧(ସପ୍ର)- ସୋର ବ୍ଲକରେ ପୁଣି କରୋନା ପ୍ରାର୍ଦୁଭାବ ପରିଲକ୍ଷିତ୍ ହୋଇଛି । ସରକାରୀ ରପୋର୍ଟ ଅନୁସାରେ ସୋର ବ୍ଲକର କେଶରିପୁର, ସାଜନପୁର ଏବଂ ମାଣତ୍ରୀ ପଞ୍ଚାୟତରେ ୪ଜଣଙ୍କ ଠାରେ କରୋନା ପଜିଟିଭ୍ ବାହାରିଥିବା ରିପୋର୍ଟରେ ଦେଖାଯାଇଛି । ସାଜନପୁରରେ ଏବଂ ମାଣତ୍ରୀରେ ଗୋଟିଏ କରି ପଜିଟିଭ୍ କେଶ ମିଳିଥିବା ବେଳେ କେଶରୀପୁରରେ ୨ଜଣଙ୍କଠାରେ ଏହି ଲକ୍ଷଣ ଥିବା ସୋର ଡାକ୍ତରଖାନାରେ ହୋଇଥିବା ସ୍ୱାବ ଟେଷ୍ଟରୁ ଜଣାଯାଇଛି ।
କେଶରୀପୁରରେ ଜଣେ ୨୪ ବର୍ଷୀୟା ମହିଳା ଏବଂ ଜଣେ ୧୫ ବର୍ଷୟ ବାଳକ, କେଶପୁରରେ ୪୦ ବର୍ଷୀୟ ପୁରୁଷ ଓ ମାଣତ୍ରୀର ୨୪ ବର୍ଷୀୟା ମହିଳାଥିବା ଜଣାପଡ଼ିଛି । ଗତ କିଛିଦିନ ଧରି ସୋରରେ ପ୍ରାୟ ପଜିଟିଭ୍ ସଂଖ୍ୟା ଶୂନ୍ୟଥିବା ବେଳେ ଆଜି ଏକସଙ୍ଗେ ୪ଜଣ ପଜିଟିଭ୍ ମିଳିବା ସ୍ୱାସ୍ଥ୍ୟ ବିଭାଗ ଏବଂ ପ୍ରଶାସନକୁ ଚିନ୍ତାରେ ପକାଇଛି ।

# ୩୧ ତମ ପିକକ୍ ଶିଶୁମେଳା ଉଦଯାପିତ

ଭୁବନେଶ୍ୱର,୨୧।୧୧ (ନି.ପ୍ର): ଡିଜିଟାଲ ମଂଚରେ ସାତଦିନ ଧରି ଚାଲିଥିବା ୩୧ ତମ ପିକକ୍ ଶିଶୁମେଳା ର ଆଜିଥିଲା ଅନ୍ତିମ ଦିବସ । ଶିଶୁ ମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ନିମନ୍ତେ ପିକକ୍ ଶିଶୁମେଳାର ଏହି ମଂଚ ଏକ ଉତମ ମାଧ୍ୟମ ରୂପେ କାର୍ଯ୍ୟ କରିଥିଲା । ସାତଦିନ ବ୍ୟାପୀ ଚାଲିଥିବା ଶିଶୁମେଳାରେ ଓଡିଶା ତଥା ଓଡିଶା ବାହାରର ବିଭିନ୍ନ ରାଜ୍ୟର ବହୁ ପ୍ରତିଭାବାନ ପିଲାମାନେ ନିଜର ପ୍ରତିଭାର ପରିଚୟ ଦେଇଥିଲେ । ଆଜି ରାଜ୍ୟର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲସ କଲଚରାଲ ସେଂଟର (ପିକକ୍) ଶିଶୁମେଳା ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ରୂପେ ଓଡିଶା ହାଇକୋର୍ଟ ର ପୂର୍ବତନ ବିଚାର ପତି ବିରକିଶୋର ମିଶ୍ର କହିଲେ ଯେ ପିଲା ମାନେ ସ୍ୱପ୍ନ ଦେଖିବା ସହିତ ଏହି ସ୍ୱପ୍ନ କୁ ସାକାର କରିବା ନିମନ୍ତେ କାର୍ଯ୍ୟ କରିବା ଉଚିତ୍ । ସମ୍ମାନିତ ଅତିଥିଭାବେ ଯୋଗଦେଇ ସମ୍ବାଦର ମୁଖ୍ୟ ସମ୍ପାଦକ, ପୂର୍ବତନ ସାଂସଦ ତଥା ବର୍ତମାନର ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ନିଜର ବକ୍ତବ୍ୟରେ ପିଲାମାନଙ୍କୁ ନିଜର ପିତାମାତାଙ୍କ ପ୍ରତି କୃତଜ୍ଞ ରହିବାକୁ ପରାମର୍ଶ ଦେଇଥିଲେ ଏବଂ ପିତାମାତା ମାନେ ମଧ ପିଲାମାନଙ୍କର ଇଚ୍ଛା ଓ ରୁଚି କୁ ସମ୍ମାନ ଦେବା ଉଚିତ ବୋଲି ସେ କହିଥିଲେ । ପିଲାମାନଙ୍କୁ ସାହସୀ ଓ ସତ୍ୟ ନିଷ୍ଠ ହେବାକୁ ଶ୍ରୀଯୁକ୍ତ ପଟ୍ଟନାୟକ ପରାମର୍ଶ ଦେଇଥିଲେ । ପ୍ରସିଦ୍ଧ ଚଳଚିତ୍ର ଅଭିନେତ୍ରୀ ଅନୁ ଚୌଧୁରୀ ତାଙ୍କ ବକ୍ତବ୍ୟରେ ପିଲାମାନଙ୍କ ଉପଯୁକ୍ତ ପୋଷଣ ଓ ଲାଳନ ପାଳନ ଉପରେ ଗୁରୁତ୍ୱ ଦେଇଥିଲେ । ରାଜ୍ୟର ଭିନ୍ନକ୍ଷମ ଆୟୋଗର କମିଶନର ଶ୍ରୀମତୀ ସୁଲୋଚନା ଦାଶ କହିଲେ ଯେ ପିଲା ମାନଙ୍କୁ ଏହି କରୋନା ପରି ପରିସ୍ଥିତିରେ ସୁରକ୍ଷିତ ରଖି ତାଙ୍କର ଅନ୍ତର୍ନିହିତ ଗୁଣାବଳୀ ର ବିକାଶ ପାଇଁ ପିତାମାତା ଓ ଅଭିଭାବକ ମାନେ ଯତ୍ନବାନ ହେବା ଉଚିତ୍ । ରାଜ୍ୟ ସରକାର ଙ୍କର ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ କୋଭିଡ ମହାମାରୀ ପରି ପରିସ୍ଥିତି ରେ ସମସ୍ତଙ୍କୁ ସତର୍କ ଓ ସୁରକ୍ଷିତ ରହିବାକୁ ପରାମର୍ଶ ଦେଇଥିଲେ । ଶିଶୁମେଳା କମିଟି ର ଅଧକ୍ଷ ପ୍ରଦୋଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦଯାପନୀ ଉତ୍ସବ ରେ ପିକକ୍ ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ । ପିକକ୍ ର ଅଧକ୍ଷା ଶ୍ରୀମତୀ ମିନାକ୍ଷୀ ପଣ୍ଡା କୋଭିଡ ପରବର୍ତି ସମୟରେ ଶିଶୁ ମାନଙ୍କ ସୁରକ୍ଷାକୁ ନେଇ ବିସ୍ତରିତ ଯୋଜନା ପ୍ରସ୍ତୁତି ର ଆବଶ୍ୟକତା ଅଛି ବୋଲି କହିଥିଲେ ଓ ପିକକ୍ର କାର୍ଯ୍ୟକାରୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ସାତଦିନ ବ୍ୟାପି ଡିଜିଟାଲ ମଂଚରେ ଚାଲିଥିବା ଶିଶୁ ମେଳା ରେ ବିଭିନ୍ନ ଦିବସ ରେ ବିଶିଷ୍ଟ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ସରୋଜିନୀ ଷଡ଼ଙ୍ଗୀ, ଦାନ୍ତ ବିଶେଷଜ୍ଞ ଡାକ୍ତର ସ୍ୱରୂପ ମହାନ୍ତି ଓ ଶିଶୁ ଓ ମହିଳା ବିକାଶ ର ପରାମର୍ଶଦାତ୍ରୀ ଶ୍ରୀମତୀ ମଧୁମିତା ଦାସ ପ୍ରମୁଖ ବିଭିନ୍ନ ବିଷୟ ଉପରେ ନିଜର ବକ୍ତବ୍ୟ ରଖିଥିଲେ । ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ବହୁ ପ୍ରତିଭାବାନ ଶିଶୁଙ୍କୁ ସମ୍ମାନିତ କରଯାଇଥିଲା । କେନ୍ଦ୍ରାପଡା ର ପୂର୍ଣ୍ଣିମା ଗିରି ଙ୍କୁ ସାହସିକତା ପାଇଁ "ବାଜିରାଉତ ସ୍ମାରକୀ ସମ୍ମାନ ୨୦୨୦", ଫୁଲନଖରା ର ମୁଗଭଙ୍ଗା ଗ୍ରାମର ଲୋରିସ୍ମିତା ଦଲାଇଙ୍କୁ ସମାଜ ସେବା ପାଇଁ ପ୍ରାଣନାଥ ପଟ୍ଟନାୟକ ସ୍ମାରକୀ ସମ୍ମାନ ୨୦୨୦, ଭୁବନେଶ୍ୱରର ଆଦର୍ଶ ଦାସ ଙ୍କୁ "ପ୍ରଫୁଲ୍ଲ ଚନ୍ଦ୍ର ଦାସ ଶିଶୁ ପ୍ରତିଭା ସମ୍ମାନ ୨୦୨୦", ଖୋର୍ଦ୍ଧାର ଶିଶୁ ଅଭିନେତ୍ରୀ ଆୟୁଷା ପଟ୍ଟନାୟକ ଙ୍କୁ "ଡାଃ ଶରତ ପୂଜାରୀ ସ୍ମାରକୀ ସମ୍ମାନ ୨୦୨୦", ବଳିଷ୍ଠ ନେତୃତ୍ୱ ତଥା ସମାଜ ପରିବର୍ତନକାରୀ କୋରାପୁଟ ର ଚଂଚଳା ପୁଜାରୀ ଙ୍କୁ "ଆଦରମଣୀ ବରାଳ ସ୍ମାରକୀ ସମ୍ମାନ ୨୦୨୦" ରେ ସମ୍ମାନିତ କରଯାଇଥିଲା । ସେହିପରି ବହୁ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ଏହି ଅବସରରେ ସମ୍ମାନିତ କରଯାଇଥିଲା । ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କାଳିଚରଣ ଜୟସିଂହ ଙ୍କୁ "ଅବନୀ ବରାଳ ସ୍ମାରକୀ ସମ୍ମାନ ୨୦୨୦", ସମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ପପୁ ମହାନ୍ତି ଙ୍କୁ "ସ୍ୱରୂପ ଜେନା ସ୍ମାରକୀ ସମ୍ମାନ ୨୦୨୦", ଡଃ ରଜନୀ ରଞ୍ଜନ ଦାଶ ଙ୍କୁ "ଶିଶୁ ସାଥି ସମ୍ମାନ ୨୦୨୦", ଶ୍ରୀମତୀ ସ୍ନେହ ମିଶ୍ର ଙ୍କୁ ସମାଜସେବା ପାଇଁ "ଡାଃ ପ୍ରଫୁଲ୍ଲଚନ୍ଦ୍ର ଦାସ ଶିଶୁ ଅଧିକାର ସୁରକ୍ଷା ସମ୍ମାନ ୨୦୨୦" ତଥା ମହିଳା ପଂଚାୟତ ପ୍ରତିନିଧି ଓ ଭିଙ୍ଗାରପୁର ର ସରପଂଚ ଶ୍ରୀମତୀ ଜୟଶ୍ରୀ ନାୟକ ଙ୍କୁ "ଆରାଧନା ନନ୍ଦ ସ୍ମାରକୀ ସମ୍ମାନ ୨୦୨୦", ସୁଶ୍ରୀ ଶୈଳାନୀ ସୁମନ ଙ୍କୁ କୋଭିଡ ସମୟରେ ଟେକ୍ନୋଲୋଜି ସହାୟତା ପାଇଁ ସର୍ବୋତ୍କୃଷ୍ଟ ସ୍ୱେଚ୍ଛାସେବୀ ସମ୍ମାନ ରେ ସମ୍ମାନିତ କରଯାଇଥିଲା । ବିଭିନ୍ନ ସନ୍ଧ୍ୟାରେ ଆସାମ୍, ଓଡିଶା ଓ ମଣିପୁର ପିଲାମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ର ପରିବେଷଣ କରାଯାଇଥିଲା । ପିକକ୍ ର ରତ୍ନା ଦାଶ, ପାଣୁ ବେହେରା, ଡଃ ସୁମିତ୍ରା ମହାନ୍ତି, ମୋନାଲିସା ପାତ୍ର, ଜ୍ୟୋତିଶଙ୍କର ମହାନ୍ତି, ଉପମା ମହାନ୍ତି, ଧର୍ମାନନ୍ଦ ସୁନ୍ଦରରାୟ, ଡଃ ମିତାଲି ମହନ୍ତି, ବିଶ୍ୱଜିତ, ସତ୍ୟସୁନ୍ଦର, ଦେବାଶିଷ, ଅତିଷ୍ଟୁ, ପ୍ରିତମ୍, ଶାଶ୍ୱତୀ ପ୍ରମୁଖ ପରିଚାଳନା କରିଥିଲେ ।

# କଠିନ ପରିଶ୍ରମ ଓ ଉତ୍ସର୍ଗୀକୃତ ସେବା ଶ୍ରେଷ୍ଠ ସ୍ଥାନରେ ପହଂଚାଇଥାଏ : ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟା ଭୂଷଣ

ଭୁବନେଶ୍ୱର,୨୧।୧୧ (ନି.ପ୍ର): ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟାଭୂଷର ରେଳପଥର କର୍ମଚାରୀ ଓ ଅଧିକାରୀମାନଙ୍କର ନିଷ୍ଠାପର ଓ ଉତ୍ସର୍ଗୀକୃତ ସେବା ସହ ସେମାନଙ୍କ କର୍ତବ୍ୟ ପ୍ରତି ଇଚ୍ଛାଶକ୍ତି ଓ ପ୍ରଗତିଶୀଳ ମନୋଭାବ ପାଇଁ ପ୍ରଶଂସା କରିଛନ୍ତି । ଏଥିପାଇଁ ପୂର୍ବତଟ ରେଳପଥ ଭାରତୀୟ ରେଳବାଇର ସମସ୍ତ ଜୋନ୍ ମଧ୍ୟରେ ଶ୍ରେଷ୍ଠ ସାମଗ୍ରିକ ପ୍ରଦର୍ଶନ ପାଇଁ ସମ୍ମାନଜନକ ଗୋବିନ୍ଦ ବଲ୍ଲଭ ପନ୍ତ ସିଲ୍ଡ ୨୦୨୦ ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇପାରିଛି । ରେଳପଥର କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇ ବିଦ୍ୟା ଭୂଷଣ କହିଛନ୍ତି ଯେ, ରେଳବାଇର କର୍ମଚାରୀ ମାନଙ୍କର ନିରନ୍ତର ଉଦ୍ୟମ ଏବଂ ସେମାନଙ୍କର ମୂଲ୍ୟବାନ ଅବଦାନ ପାଇଁ ପୂର୍ବତଟ ରେଳପଥ ଆକାଉଂଟସ ଆଣ୍ଡ ଫାଇନାନ୍ସ ମ୍ୟାନେଜମେଂଟ ସିଲ୍ଡ, ଟ୍ରାଫିକ୍ ଟ୍ରାନ୍ସପୋର୍ଟ ସିଲ୍ଡ ଏବଂ ସେଲ୍ସ ମ୍ୟାନେଜମେଂଟ ସିଲ୍ଡ ପାଇବା ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛଇ । ଏହି ସିଲ୍ଡ ଗୁଡ଼ିକ ହେଉଛି ଆମର କର୍ମଚାରୀ ଓ ଅଧିକାରୀଙ୍କ ଉତ୍ସର୍ଗ, କଠିନ ପରିଶ୍ରମ ଏବଂ ସଫଳତାର ସ୍ୱୀକୃତି । ବିଦ୍ୟାଭୂଷଣ ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ୨୦୦୩ ମସିହା ଭାରତୀୟ ରେଳବାଇରେ ୨୦୦ ନିୟୁତ ଟନ୍‌ରୁ ଅଧିକ ପଣ୍ୟ ପରିବହନ କରି ୧୭ଟି ରେଳ ଜୋନ୍ ମଧରେ ଶ୍ରେଷ୍ଠ ଜଣ ଭାବେ ଇତିହାସ ସୃଷ୍ଟି କରିଛି ଏବଂ ଏହା ମଧ୍ୟ ଆୟ ତୁଳନାରେ ବ୍ୟୟ ୫୧.୩୪ ଶତକଡ଼ା ହାସଲ କରିଛି । ଭାରତୀୟ ରେଳପଥରେ ପୂର୍ବତଟ ରେଳପଥର ଶ୍ରେଷ୍ଠତାକୁ ସର୍ବୋତମ ରଖିବା ଲକ୍ଷ୍ୟ ଏବଂ ଅତୀତର କାର୍ଯ୍ୟ ଦକ୍ଷତାକୁ ଅତିକ୍ରମ କରି ଜନସାଧାରଣ ଓ ରେଳ ମନ୍ତ୍ରଣାଳୟର ଆଶା ଓ ଆକାଂକ୍ଷାକୁ ନିଶ୍ଚିତ କରିବାକୁ ଶ୍ରୀ ବିଦ୍ୟାଭୂଷଣ ରେଳବାଇ କର୍ମଚାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୨ ନଭେମ୍ବର, ୨୦୨୦
email : rabibarachayan2015@gmail.com

ଧାରାବାହିକ : ଜୀବନାନୁଭୂତି

ଭାଗ-୩

# ମୋର ପୂର୍ବ ସ୍ମୃତି କଥା



**ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

## ॥ ପାଟଣା ॥

ସେ କାଳର ଦେଶୀୟ ରାଜ୍ୟ ପାଟଣା ବର୍ତ୍ତମାନ ବଲାଙ୍ଗୀର-ପାଟଣା ଜିଲ୍ଲା । ଭାରତର ସ୍ୱାଧୀନତା ପ୍ରାପ୍ତି ଉତ୍ତାରେ ଦେଶାଭ୍ୟନ୍ତରସ୍ଥ ସ୍ୱତନ୍ତ୍ର ଦେଶୀୟ ରାଜ୍ୟସମୂହ ୧୯୪୮ ମସିହା ଜାନୁଆରୀ ମାସ ପ୍ରଥମ ଦିନ ଭାରତ ସହିତ ସମ୍ମିଳିତ ହେଲା । ସେହିଦିନ ପାଟଣା ବଲାଙ୍ଗୀରପାଟଣା ଜିଲ୍ଲାରେ ପରିଣତ ହେଲା । ମହାରାଜା ଶ୍ରୀ ରାଜେନ୍ଦ୍ରନାରାୟଣ ସିଂହ ପାଟଣାର ଶେଷ ଶାସକ ।

ପାଟଣାର ରାଜବଂଶ ସମ୍ବନ୍ଧରେ ଆଲୋଚନା କଲେ ଦେଖାଯାଏ ଯେ, ପ୍ରଥମ ରାଜା ରମାଇ ଦେଓଙ୍କ ଠାରୁ (୧୧୫୯-୧୨୧୧) ଆରମ୍ଭ କରି ଶୂରପ୍ରତାପ ଦେଓଙ୍କ (୧୮୬୬-୧୮୭୧) ପର୍ଯ୍ୟନ୍ତ ୨୭ ଜଣ ରାଜା ରାଜତ୍ୱ କରିଥିଲେ । ସେମାନେ ପ୍ରତ୍ୟେକେ ପୂର୍ବବର୍ତ୍ତୀ ରାଜାଙ୍କ ପୁତ୍ର ଥିଲେ; କିନ୍ତୁ ଶେଷ ଚାରିଜଣ ରାମଚନ୍ଦ୍ର ସିଂହ, ଦଳଗଞ୍ଜନ ସିଂହ, ପୃଥ୍ୱୀରାଜ ସିଂହ ଓ ରାଜେନ୍ଦ୍ର ନାରାୟଣ ସିଂହ 'ରାଜାପୁଅ' ନଥିଲେ । ମହାରାଜା ଶୂର ପ୍ରତାପ ଦେଓଙ୍କ ପୁତ୍ର ନଥିବାରୁ ତାହାଙ୍କ କନିଷ୍ଠଭ୍ରାତା ବିଶ୍ୱନାଥ ସିଂହଙ୍କ ପୁତ୍ର ରାମଚନ୍ଦ୍ର ସିଂହଙ୍କୁ ପୋଷ୍ୟପୁତ୍ର କରିଥିଲେ । ରାମଚନ୍ଦ୍ର ସିଂହ ଅପୁତ୍ରିକ ଅବସ୍ଥାରେ ଦେହତ୍ୟାଗ କରିଥିବାରୁ ତାହାଙ୍କ ପିତୃବ୍ୟ ଦଳଗଞ୍ଜନ ସିଂହ ରାଜପଦରେ ପ୍ରତିଷ୍ଠିତ ହେଲେ । ମହାରାଜା ଦଳଗଞ୍ଜନ ସିଂହଙ୍କ ପୁତ୍ର ପୃଥ୍ୱୀରାଜ ସିଂହ ପାଟଣା ସିଂହାସନରେ ତାହାଙ୍କ ଉତ୍ତରାଧିକାରୀ ହୋଇଥିଲେ ସତ୍ୟ, କିନ୍ତୁ ଜନ୍ମଗ୍ରହଣ କଲା ସମୟରେ ସେ 'ରାଜାପୁଅ' ନଥିଲେ । ତାହାଙ୍କ ପିତା ରାଜାଙ୍କ 'କାକାବାବୁ' ଥିଲେ । ମହାରାଜା ପୃଥ୍ୱୀରାଜ ସିଂହ ମଧ ଅପୁତ୍ରିକ ଥିଲେ ଏବଂ ରାଜେନ୍ଦ୍ର ନାରାୟଣ ସିଂହଙ୍କୁ ପୋଷ୍ୟପୁତ୍ର କରିଥିଲେ । ମହାରାଜା ରାଜେନ୍ଦ୍ର ନାରାୟଣ ସିଂହ ୧୯୨୪ ମସିହାରେ ରାଜତ୍ୱ ପ୍ରାପ୍ତ ହେଲେ ଏବଂ ଯଥା ସମୟରେ ପୁତ୍ର ଲାଭ କଲେ । ଏହି ସମୟରେ ମନେ କରାଯାଇଥିଲା, ଏଥର ପରିସ୍ଥିତିର ବା ବ୍ୟତିକ୍ରମ ହେଲା କିନ୍ତୁ ବିଧିର ବିଧାନ ଅଲଂଘନୀୟ । 'ରାଜାପୁଅ'ଙ୍କ ସକାଶେ ଆଉ ରାଜ୍ୟ ରହିଲା ନାହିଁ ।

ଏହି ଅସାଧାରଣ ପରିସ୍ଥିତି ସମ୍ବନ୍ଧରେ ପାଟଣାରେ ଏକ କିମ୍ବଦନ୍ତୀ ପ୍ରଚଳିତ ଅଛି । ମହାରାଜା ଶୂରପ୍ରତାପ ଦେଓଙ୍କ ରାଜତ୍ୱ ସମୟରେ ପାଟଣାରେ ଆସିବାସୀ କନ୍ଧ ପ୍ରଜାମାନେ ମେଳି କରିଥିଲେ । ମହାରାଜା ବିଦ୍ରୋହ ଦମନ ସକାଶେ ନିଜେ କନ୍ଧମାନଙ୍କ ମହାରାଜା ରାଜେନ୍ଦ୍ର ନାରାୟଣ ସିଂହ ୧୯୬୧-୬୨ ମସିହାରେ ଶାସନ କ୍ଷେତ୍ରରେ ଓଡ଼ିଶାର ଅର୍ଥମନ୍ତ୍ରୀ ଥିଲେ । ବାସସ୍ଥାନ 'କନ୍ଧାନ' ପ୍ରଗଣାକୁ ଯାଇ କନ୍ଧମାନଙ୍କ ଦ୍ୱାରା ଧୃତ ହୋଇ ବନ୍ଦୀ ହେଲେ । ଜଣେ ବିଶ୍ୱାସୀ କନ୍ଧ ଦିନେ ରାତ୍ରିରେ ତାଙ୍କୁ କାନ୍ଧରେ ବସାଇ ଜଙ୍ଗଲ ମଧ୍ୟରେ ଘେନିଗଲା । ଯାଉଥିବା ମାର୍ଗରେ ମହାରାଜା ଯେଉଁଠାରେ ଅଁଳା ଗଛଟିଏ ଦେଖନ୍ତି ତହିଁରୁ ଖଣ୍ଡେ ଡାଳ ଛିଣ୍ଡାଇ ଉକ୍ତ କନ୍ଧର ମୁଣ୍ଡରେ ପକାଇ କାମନା କରନ୍ତି, "ମା ପାଟଣେଶ୍ୱରୀ ! ମୋତେ ନିରାପଦରେ ପହୁଞ୍ଚାଇ ଦେଲେ ପହୁଞ୍ଚିବା ମାତ୍ରକେ ତୋ ଠାରେ ଏହି କନ୍ଧକୁ ବଳିଦେବି ।" କନ୍ଧ ମହାରାଜାଙ୍କୁ ନିରାପଦରେ ପାଟଣାଗଡ଼ରେ ପହୁଞ୍ଚାଇଦେଲା । ମହାରାଜା ତାକୁ ପାଟଣେଶ୍ୱରୀ ମନ୍ଦିରକୁ ଘେନିଗଲେ ଏବଂ ଦେବୀଙ୍କ ସମ୍ମୁଖରେ ଖଡ୍‌ଗ ଉତ୍ତୋଳନ ପୂର୍ବକ ତାହାକୁ ନିଜ କାମନା ବିଷୟ ଜ୍ଞାପନ କଲେ । ମହାରାଜାଙ୍କ ପ୍ରାଣରକ୍ଷକ କନ୍ଧ ନିଜ ପ୍ରାଣରକ୍ଷା ସକାଶେ ଯେତେ ଅନୁନୟ କଲା, ମହାରାଜା ଶୁଣିଲେ ନାହିଁ । ମୃତ୍ୟୁ ପୂର୍ବେ ସେ ଅଭିଶାପ ଦେଲା, "ଏହି ରାଜବଂଶରେ ଆଉ ରଜାପୁଅ କେହି ରଜା ହେବନାହିଁ ।"

ମହାରାଜା ହୀରା ବଜ୍ରଧର ଦେଓଙ୍କ (୧୮୪୮-୧୮୬୬) ପର୍ଯ୍ୟନ୍ତ ରାଜାମାନେ ନିର୍ବିଘ୍ନରେ ରାଜ୍ୟ ଶାସନ କରିଥିଲେ । ମହାରାଜା ଶୂରପ୍ରତାପ ଦେଓ ତାହାଙ୍କ ଅନ୍ତିମକାଳ ପର୍ଯ୍ୟନ୍ତ ରାଜତ୍ୱ କରିପାରିନଥିଲେ । ରାଜ୍ୟରେ ବିଦ୍ରୋହ ଯୋଗୁଁ ୧୮୭୧ ମସିହାରେ ରାଜ୍ୟ ଇଂରେଜ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହିଲା । ୧୮୭୮ ମସିହାରେ ସେ ସ୍ୱର୍ଗାରୋହଣ କଲେ । ସେହି ସମୟରେ ପୋଷ୍ୟପୁତ୍ର ରାମଚନ୍ଦ୍ର ସିଂହ ନାବାଳକ ଥିବାରୁ ୧୮୯୩ ମସିହା ପର୍ଯ୍ୟନ୍ତ ରାଜ୍ୟ ଇଂରେଜ ଶାସନାଧୀନ ହୋଇ ରହିଲା । ସେହି ସମୟରେ ସମ୍ବଲପୁର ଜିଲ୍ଲା ମଧ୍ୟପ୍ରଦେଶ ଅନ୍ତର୍ଗତ ଛତିଶଗଡ଼ ବିଭାଗର ଅନ୍ତର୍ଭୁକ୍ତ ହୋଇ ଶାସିତ ହୋଇଥିଲା ଏବଂ ସନ୍ନିକଟବର୍ତ୍ତୀ ପାଟଣା, ସୋନପୁର, କଳାହାଣ୍ଡି, ବାମଣ୍ଡା ଓ ରେଢ଼ାଖୋଲ ଦେଶୀୟ ରାଜ୍ୟମାନ ଛତିଶଗଡ ବିଭାଗୀୟ ଅନ୍ୟାନ୍ୟ ଦେଶୀୟ ରାଜ୍ୟ ସହିତ ଜଣେ ପଲିଟିକାଲ ଏଜେଂଟଙ୍କ ତତ୍ତ୍ୱାବଧାନରେ ଶାସିତ ହେଉଥିଲା । ଜଣେ ପରେ ଜଣେ ମଧ୍ୟପ୍ରଦେଶ ସରକାରଙ୍କ ଉଚ୍ଚପଦସ୍ଥ କର୍ମଚାରୀ ଆସି ଦେଓ୍ୱାନୀ କାର୍ଯ୍ୟ କରୁଥିଲେ ।

ମହାରାଜା ରାଜେନ୍ଦ୍ର ନାରାୟଣ ସିଂହ ମହାରାଜା ରାମଚନ୍ଦ୍ର ସିଂହଙ୍କ ଦୌହିତ୍ର । ରାମଚନ୍ଦ୍ର ସିଂହ ୧୮୯୩ ମସିହାରେ ତାହାଙ୍କ ୨୧ ବର୍ଷ ବୟସରେ ରାଜତ୍ୱ ପ୍ରାପ୍ତ ହେଲେ ଏବଂ ଦୁଇବର୍ଷ ମାତ୍ର ରାଜତ୍ୱ କରି ୧୮୯୫ ମସିହାରେ ନିଜ ହସ୍ତରେ ପ୍ରାଣତ୍ୟାଗ କଲେ । ଶୁଣାଯାଏ, ଅଳ୍ପବୟସ୍କ ହୋଇଥିଲେ ହେଁ ସେ ରାଜ୍ୟରେ ସୁଶାସନ ଆରମ୍ଭ କରିଥିଲେ । ପ୍ରଜାଙ୍କ ହିତ ସାଧନ ତାହାଙ୍କ ଶାସନର ମୂଳମନ୍ତ୍ର ଥିଲା । ରାଜ୍ୟ ମଧ୍ୟରେ ରାଜ କର୍ମଚାରୀଙ୍କ ଦୁର୍ନୀତି ନିବାରଣରେ ସେ ସର୍ବଦା ତତ୍ପର ଥିଲେ ଏବଂ ଏକାକୀ ଅଶ୍ୱପୃଷ୍ଠରେ ମଫସଲ ଅଂଚଳରେ ବୁଲି ସେମାନଙ୍କ ଚରିତ୍ର ଓ କାର୍ଯ୍ୟକଳାପ ସମ୍ବନ୍ଧରେ ଅନୁସନ୍ଧାନ କରୁଥିଲେ । ତାହାଙ୍କ ଅଶ୍ୱଚାଳନ ପଟୁତା ଦେଖି ଲୋକେ ଚମତ୍କୃତ ହେଉଥିଲେ । ଦୁଇ ଅଶ୍ୱପୃଷ୍ଠରେ ଛିଡ଼ାହୋଇ ସେ ଦୌଡ଼ାଇ ପାରୁଥିଲେ । ଏହା ମୁଁ ନିଜେ ଦେଖିଅଛି । ଅଶ୍ୱ ଦୌଡୁଥିବା ସମୟରେ ସେ ଉଡ଼ନ୍ତା ପକ୍ଷୀ ଶିକାର କରୁଥିଲେ । ଗୋଟିଏ ଲେମ୍ବୁକୁ ଶୂନ୍ୟକୁ ଫିଙ୍ଗି ତରବାରିରେ ତାକୁ ଦୁଇ ଖଣ୍ଡ କରୁଥିଲେ । ବାଘ ଶିକାରରେ ମଧ ତାଙ୍କ ପ୍ରବୀଣତା ଅସାଧାରଣ ଥିଲା । ତଳେ ବାଘ ସମ୍ମୁଖରେ ଛିଡ଼ାହୋଇ ସେ ଶିକାର କରୁଥିଲେ । ଥରେ 'ମଣିଷଖିଆ ବାଘ' କୁ ମାରିବାକୁ ଯାଇ ସେ ଜଣେ ମନୁଷ୍ୟକୁ 'ଚାରା' ବାନ୍ଧିଦେଲେ । ବାଘ ତାକୁ ଆକ୍ରମଣ କରିବାକୁ ଆସିବା ମାତ୍ରକେ ମହାରାଜାଙ୍କ ଅବ୍ୟର୍ଥ ଗୁଳିରେ ତାହାର ପ୍ରାଣନାଶ ହେଲା । ସେ ଲୋକଟିକୁ ବନ୍ଧନରୁ ମୁକ୍ତିକରି ତାକୁ ଏକହଜାର ଟଙ୍କା ଦେଇଥିଲେ ।

ପାଟଣା ବିଶେଷତଃ ମଧ୍ୟପ୍ରଦେଶସ୍ଥ ମରହଟ୍ଟା ଦେବାନଙ୍କ ଶାସନାଧୀନରେ ରହୁଥିଲା । ପ୍ରଜାମାନଙ୍କ ପ୍ରତି ଏମାନଙ୍କ ମମତା ନହେବା ସ୍ୱାଭାବିକ । କଥିତ ହୁଏ, ମହାରାଜା ରାମଚନ୍ଦ୍ର ସିଂହ ତତ୍‌କାଳୀନ ମରହଟା ଦେବାନଙ୍କ ଷଡ଼ଯନ୍ତ୍ରରେ କୌଣସି ବିଷୟରେ ସରକାରଙ୍କ ଦ୍ୱାରା ତିରସ୍କୃତ ହେବାରୁ ପ୍ରଥମରେ ମହାରାଣୀ ଷଡ଼ଯନ୍ତ୍ରରେ ଲିପ୍ତଥିବା ସନ୍ଦେହ କରି ତାଙ୍କୁ ଗୁଳି ଦ୍ୱାରା ହତ୍ୟାକଲେ ଓ ପରମୁହୂର୍ତ୍ତରେ ବନ୍ଧୁକ ଗୁଳିରେ ଆତ୍ମହତ୍ୟା କଲେ ।

୧୮୯୮ ମସିହାରେ ମୁଁ ବଲାଙ୍ଗିର ମଧଇଂରାଜି ପଢ଼ିବାକୁ ଯିବା ସମୟରେ ମହାରାଜା ଦଳଗଞ୍ଜନ ସିଂହ ରାଜତ୍ୱ କରୁଥିଲେ ଓ ସମ୍ବଲପୁରବାସୀ ଶ୍ରୀ ବନମାଳୀ ମିଶ୍ର ତାହାଙ୍କ ଦେବାନ୍ ଥିଲେ । ବନମାଳୀ ମିଶ୍ର ଜଣେ ପ୍ରବୀଣ ଶାସକ ଥିଲେ । ସରକାରୀ କାର୍ଯ୍ୟରେ ସେ ନିମ୍ନସ୍ତରରୁ ଉଠି ମଧ୍ୟପ୍ରଦେଶ ସରକାରଙ୍କ ଅଧୀନରେ ଏକଷ୍ଟ୍ରା ଆସିଷ୍ଟାଣ୍ଟ କମିଶନର ପଦକୁ ଉନ୍ନୀତ ହୋଇଥିଲେ । ସେ ଜଣେ ପୁରୁଣାକାଳିଆ ଲୋକ । ଇଂରେଜି ଜାଣୁ ନଥିଲେ । ଏହି ସମୟରେ ଅଳ୍ପ କେତେବର୍ଷ ପୂର୍ବେ ଏହି ଅଂଚଳ ଇଂରେଜ ଶାସନାଧୀନକୁ ଆସିଥିଲା । ତେଣୁ ଇଂରେଜୀ ଶିକ୍ଷାବିସ୍ତାର ହୋଇନଥିଲା । ଶାସକମାନେ ସ୍ଥାନୀୟଲୋକଙ୍କ ମଧ୍ୟରେ ଯାହାକୁ ଚତୁର ଲୋକ ଦେଖୁଥିଲେ, ତାହାକୁ ରାଜକାର୍ଯ୍ୟରେ ନିଯୁକ୍ତ କରୁଥିଲେ । ଦେବାନ୍ ବନମାଳୀ ମିଶ୍ର ଓଡ଼ିଆ ଭାଷାରେ ରାଜକାର୍ଯ୍ୟ ଚଳାନ୍ତି । ଦେଖିବାକୁ ଦୀର୍ଘକାୟ, ଗୌରବର୍ଣ୍ଣ, ନାତିପୃଥୁଳ, ନାତିଶୀର୍ଣ୍ଣ । ତାହାଙ୍କ କର୍ମପଟୁତା ଓ ନିରପେକ୍ଷ ବିଚାର ଅଦ୍ୟାପି ପାଟଣା ରାଜ୍ୟରେ କୀର୍ତ୍ତିତ ହେଉଅଛି । ୧୮୯୮ ଶେଷ ଆଡ଼କୁ ଛୁଟିନେଇ ସେ ତୀର୍ଥଭ୍ରମଣକୁ ଗଲେ ଓ ଗୟାରେ ବିସୂଚିକା ରୋଗରେ ଆକ୍ରାନ୍ତ ହୋଇ ସେଠାରେ ଦେହତ୍ୟାଗ କଲେ ।

ତାହାଙ୍କ ସମୟର ଦିନକର ଘଟଣା । ଆଜିକାଲି ବଲାଙ୍ଗିରରେ ଯେଉଁ 'ରାଜେନ୍ଦ୍ର ପାର୍କ' ନାମକ ଉଦ୍ୟାନଟି ଅଛି ତାହା ସେତେବେଳେ ଏକ ବିସ୍ତୀର୍ଣ୍ଣ ପଡ଼ିଆ ଥିଲା ଓ ତାହା ମଧ୍ୟରେ ଗୋଟଇଏ 'ବାଘ-ଘର' ଥିଲା । ଦିନେ ପ୍ରତ୍ୟୁଷରେ ଦଳେ ସ୍କୁଲପିଲାଙ୍କ ସଙ୍ଗେ ବୁଲୁଁ ବୁଲୁଁ ବାଘ ଘର ପାଖରେ ଅନେକ ଲୋକ ରୁଣ୍ଡ ହୋଇଥିବା ଦେଖି ମୁଁ ସେଠାକୁ ଗଲି ଓ ସେଠାରେ ମହାରାଜା ତାଙ୍କ ଅନୁଚରବୃନ୍ଦ ଓ ଅନ୍ୟାନ୍ୟ ଲୋକଙ୍କୁ ଦେଖିଲି । ଉପସ୍ଥିତ ଲୋକଙ୍କଠାରୁ ବୁଝିଲି, ବାଘ ଘର ଭିତରେ ପଶୁମାନେ ଅଛନ୍ତି ଓ ସେମାନଙ୍କ ଉପରେ ବାଘର ଆକ୍ରମଣ ଓ ଶିକାର ଦେଖିବା ସକାଶେ ମହାରାଜା ସ୍ୱୟଂ ବିରାଜମାନ ହୋଇଅଛନ୍ତି । 'ବାଘ ଘର' ତିନି ଚାରଟା ପିଞ୍ଜରାରେ ବିଭକ୍ତ ଓ ଦୁଇ ପିଞ୍ଜରା ମଧ୍ୟରେ ଗୋଟିଏ ଲେଖାଏଁ ଟଣା ଜାଲିକବାଟ ଲାଗିଛି । ଗୋଟିଏ ପିଞ୍ଜରା ମଧ୍ୟରେ ଗୋଟିଏ ମହାବଳ ବାଘ ରହିଛି ଓ ଅପର ପଞ୍ଜରା ମଧ୍ୟରୁ ଗୋଟିକରେ ଗୋଟିଏ ଘୁଷୁରୀ ଓ ଅନ୍ୟଟିରେ ଗୋଟିଏ ଛେଳି ରହିଛି । 'ବାଘ ଘର'ର ଜଗୁଆଳି, ମହାରାଜାଙ୍କ ଇଙ୍ଗିତରେ ପାବଚ୍ଛଶ୍ରେଣୀ ଦ୍ୱାରା ଛାତ ଉପରକୁ ଆରୋହଣ କରି ଗଲା ଓ ବାଘ ଓ ଘୁଷୁରି ଥିବା ପିଞ୍ଜରା ଦ୍ୱୟ ମଧ୍ୟସ୍ଥ କବାଟ ଉଠାଇ ଦେଲା । କିନ୍ତୁ ତାହା ମହାରାଜାଙ୍କ ଅଭିପ୍ରେତ ନ ଥିଲା । ସେ ପ୍ରଥମରେ ଛେଳି ଉପରେ ବାଘର ଆକ୍ରମଣ ଦେଖିବେ ବୋଲି ମନେ କରିଥିଲେ । ମହାରାଜାଙ୍କ ହୁକୁମରେ ଉକ୍ତ କବାଟ ପୁଣି ପଡ଼ିଗଲା । ସେତେବେଳକୁ ଏକ ଝାମ୍ପରେ ବାଘ ଘୁଷୁରି ପ୍ରାଣନାଶ କରିସାରିଥିଲା । ମହାରାଜାଙ୍କ ଅଭିପ୍ରାୟ ଲଂଘନ ହୋଇଥିବା ଯୋଗୁଁ ପୁଣି ହୁକୁମ ହେଲା ଯେ, ଜଗୁଆଳିକୁ ବାନ୍ଧି ବାଘର ପିଞ୍ଜରା ଭିତରକୁ ପଶାଇ ଦିଆଯିବ । ତାକୁ ବାନ୍ଧିବା ପାଇଁ ଅନୁଚରମାନଙ୍କ ପ୍ରତି ହୁକୁମ ହେଲା ଏବଂ ସେମାନେ ତାହାରି ଲୁଗାରେ ବାହୁଦ୍ୱୟ ବନ୍ଧନ କରିବାକୁ ଲାଗିଲେ । ଉପସ୍ଥିତ ଜନତା ମଧ୍ୟରୁ ଦୁଇଚାରିଜଣ ବାହାରି ମହାରାଜାଙ୍କ ସମ୍ମୁଖରେ ଛିଡ଼ାହେଲେ ଏବଂ ଏହି କାର୍ଯ୍ୟରୁ ବିରତ ହେବା ସକାଶେ ତାହାଙ୍କୁ ଅନୁନୟ କଲେ । କିନ୍ତୁ କ୍ରୋଧରେ ମହାରାଜାଙ୍କ ସର୍ବାଙ୍ଗ କମ୍ପମାନ ହେଉଥାଏ । ସେତେବେଳେ ଉକ୍ତ ଲୋକ ଚିତ୍କାର କଲା, "ଦେବାନ ସାହେବ, ଧାଆଁ ହୋ ! ରାଜା ମୋତେ ବାଘ ମୁହଁରେ ଦେଉଛି ।" ଭୃତ୍ୟଗଣ ତାହାକୁ ଉଠାଇବାକୁ ଲାଗିଲେ । ଜନତା ମଧ୍ୟରେ ହାହାକାର ପଡ଼ିଗଲା - ଇତିବସରରେ ଦେବାନ ବନମାଳୀ ମିଶ୍ର ଆସି ସେଠାରେ ଉପସ୍ଥିତ ହେଲେ ଓ ପ୍ରକୃତ ଘଟଣା ଜାଣି ଲୋକଟିକୁ ବନ୍ଧନମୁକ୍ତ କଲେ ଓ ମହାରାଜାଙ୍କୁ ସେଠାରେ ଅନ୍ୟତ୍ର ଘେନିଗଲେ । କେତେକ ଦିନ ପରେ ବାଘକୁ ମାରି ଦିଆଗଲା ଓ ଆଉ ବାଘ ବାଘଘରେ ରହିଲେ ନାହିଁ । ସେହିଦିନରୁ ଦେଓ୍ୱାନଙ୍କ ପ୍ରଶଂସା ରାଜ୍ୟମଧ୍ୟରେ ଆହୁରି ଘୋଷିତ ହେବାକୁ ଲାଗିଲା । (କ୍ରମଶଃ)

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର




## ଡାଏରୀ -୪୦



**ଓଡିଆ ସାହିତ୍ୟ କ୍ଷେତ୍ରରେ ଡ. ରଜନୀ ରଂଜନ ଜଣେ ଆଗଧାଡିର ସ୍ରଷ୍ଟା । ଚଳଚ୍ଚିତ୍ର ପାଇଁ କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ସହ ଗୀତ ଲେଖି ସମଗ୍ର ଓଡିଶାରେ ନିଜର ସ୍ୱତନ୍ତ୍ର ପରିଚିତି ନିର୍ମାଣ କରିସାରିଛନ୍ତି । ତାଙ୍କର 'ଡାଏରୀ'ର ପୃଷ୍ଠା 'ଧ୍ୱନି ପ୍ରତିଧ୍ୱନି'ର ପାଠକମାନଙ୍କ ପାଇଁ ନୂଆ ପରିପାଟୀରେ...**

## ॥ ସେଲିବ୍ରିଟିର ଦୁଃଖ-୨ ॥

ସେତେବେଳେ ରଜନୀ ଦାଶ ସେଲିବ୍ରିଟି ନଥିଲା । ଶିଶୁସାହିତ୍ୟ ଲେଖୁଥିଲା ଓ ବେଶୀ ନାଟୁଆ ଥିଲା । ମର୍ଣ୍ଣିଂ କଲେଜରେ ଅଧ୍ୟାପନା । କଲେଜ ଓଭର ପରେ ବଂଧୁ ଅଜୟର ସ୍କୁଟର ବନିଯାଏ ଧୂଳିଆବାବାର କାନ୍ଥଡ଼ା । 'ଚଲ୍ କାନ୍ଥଡ଼ା ଚଲ୍' କହି ଅଜୟ ସ୍କୁଟରରେ ଗିୟର ପକାନ୍ତି । ଗତି ଅନିର୍ଦ୍ଦିଷ୍ଟ । ସମୟ କଟେ ବେଣୁ ପ୍ରତିହାରୀର ମୋନାଲିସା ଆର୍ଟସରେ । ସଂଧ୍ୟାଟା ଦେବ୍ରାଜ ଲେଙ୍କାଙ୍କ ମାର୍କେଟ ବିଲ୍ଡିଂର ନବପ୍ରଭାତରେ ।

ଦିନେ ହଠାତ୍ ଜେବ୍ରାଜ ଲେଙ୍କା ପହଂଚିଗଲେ 'ନବପ୍ରଭାତ' ଦୋକାନରେ । ଅପେକ୍ଷାରେ ଥିବା ରଜନୀ ଦାଶ ଓ ଅଜୟ ସ୍ୱାଇଁଙ୍କୁ ଦୁଇଟା ରସିଦ୍ ବଢାଇ ଦେଇ କହିଲେ, "ନନ୍ଦିନୀ ଦେବୀ ଡାକିଥିଲେ । ତାଙ୍କ ନବଗଠିତ ରାଜନୈତିକ ପାର୍ଟି 'ଜାଗ୍ରତ ଓଡ଼ିଶା'ରେ ମେମ୍ବର ହେଲି । ତମ ଦୁଇଜଣଙ୍କୁ ବି ନିଜେ ଅର୍ଥ ଦେଇ ମେମ୍ବର କରିନେଇଛି । ଅଜୟ ତୁ ଜଟଣୀରୁ ମୁଁ ବାଙ୍କି ନିର୍ବାଚନ ମଣ୍ଡଳୀରୁ ଆଉ ରଜନୀ ପିପିଲି (ଯେହେତୁ ରଜନୀ ଦାଶର ନିର୍ବାଚନ ମଣ୍ଡଳୀ ସଂରକ୍ଷିତ ଥିଲା) ରୁ କଂଟେଷ୍ଟ କରିବ ।

ଦୁଇବଂଧୁ ସ୍ୱପ୍ନ ଦେଖିବା ଆରମ୍ଭ କରିଦେଲେ । ରଜନୀ ଦାଶର ଶ୍ୱଶୁରଙ୍କର ପିପିଲି ରାଜନୀତିରେ ଦଖଲ ଥିଲା । ଅଜୟର ବି ଜଟଣୀରେ ପତିଆରା ଥିଲା । ନିର୍ବାଚନ ଆଉ ଦୁଇ ବର୍ଷ ବାକି ଥିଲା । ଦେବ୍ରାଜ ବାବୁ ପରାମର୍ଶ ଦେଲେ ଜନସଂପର୍କ ଆରମ୍ଭ କରିଦିଅ । ଆମେ ଲେଖକ, କବି ଇଂଟେଲେକ୍‌ଚୁଆଲ ମାନେ ରାଜନୀତିକୁ ଆସିବା ଦରକାର ।

ଏସବୁ ଭିତରେ ଦିନେ ସକାଳୁ ସକାଳୁ କଲେଜରେ ବେଣୁ ପ୍ରତିହାରୀ ଆସି ହାଜର । 'ଆସନ୍ତାକାଲି', 'ଜୟ' ଛାଡ଼ିବା ପରେ ବେଣୁବାବୁ ଗାଁରେ । ବଂଧୁତ୍ୱ ଜମିଥିଲା ଅଜୟ, ରଜନୀ ଓ ବଂଧୁ ପୂର୍ଣ୍ଣ ମହାରଣାଙ୍କ ସହିତ । ବେଣୁବାବୁ ଆକୁଳ ହୋଇ କହିଲେ ଭାଇ ! ବର୍ତ୍ତମାନ ମୋ ସାଥିରେ ପିପିଲି ଯିବାକୁ ପଡ଼ିବ । ମୋ ଭିଣେଇକୁ ତାଙ୍କ ସାଇଲୋକ ବହୁତ ହଇରାଣ କରୁଛନ୍ତି । ଏକଘରକିଆ କରି ରଖିଛନ୍ତି । ଗାଁରେ ଗଣ୍ଡଗୋଳ କରୁଛନ୍ତି । ଆଜି ଯେମିତି ହେଲେ ତାଙ୍କ ପାଖରେ ପହଂଚି ତାଂକୁ ମାନସିକ ବଳ ଦେବାକୁ ପଡ଼ିବ ।

ପିପିଲି ଏରିଆ କଥା ଶୁଣି ରଜନୀ ଦାଶ ଭାବିନେଲା ଅର୍ଗାନାଇଜେସନ୍ ପାଇଁ ଏଇଟା ଭଲ ମଉକା । ଶ୍ୱଶୁରଙ୍କର ପରିଚିତ ତା'ଛଡା ପାଖ ପିଉସାଙ୍କର ପ୍ରତିପତ୍ତିକୁ ଏନ୍‌କ୍ୟାସ କରି ରାଜନୈତିକ ଜୀବନର ମୂଳଦୂଆ ପଡ଼ିପାରେ । ଅଜୟ ବି ରାଜି ହୋଇଗଲେ । ଅଜୟଙ୍କ ସ୍କୁଟରରେ ରଜନୀ ଦାଶ ଓ ବେଣୁ ବାବୁ ସବାର ହୋଇ ପିପିଲି ଜଗନ୍ନାଥପୁର ଶାସନକୁ ମୁହାଁଇଲୁ ।

ଡିସେମ୍ବର ମାସର ଶୀତ ସକାଳ । ଶୀତବସ୍ତ୍ରରେ ଶରୀର ଆଚ୍ଛାଦିତ ।

ଚିହ୍ନିବାର ସୁଯୋଗ ନାହିଁ । ଫୁଲ୍ ସୁଇଟର, ଗ୍ଲୋବ୍‌ସ୍ ହାତରେ, ମୁହଁରେ ମଙ୍କି କ୍ୟାପ ।

ଗାଆଁ ଭିତରକୁ ପ୍ରବେଶ କଲେ ତିନିଜଣ । ଗାଆଁ ଭିତରେ ଅଦ୍ଭୁତ ନିରବତା । କବାଟ ବନ୍ଦ । ଭିଣେଇଙ୍କ ଘର ସାମ୍ନାରେ ପହଂଚିଗଲା ପରେ ବେଣୁବାବୁର ଭିଣେଇ ହାତରେ ଠେଙ୍ଗାଟିଏ ଧରି ବାହାରି ଆସିଲେ ଓ ଏମାନଙ୍କୁ ଦେଖି କହିଲେ "ଆମେ ସବୁ ରେଡି ଅଛୁ । ଦଳେଇ ବାବୁ ଭରସା ଦେଇଛନ୍ତି । ଆମ ଟୋକାଂକୁ ରେଡି ରହିବାକୁ କହିଛନ୍ତି । ସେପଟୁ ହାମ୍‌ଲା ହେଲେ ଆମେ ଆଳୁ (ବୋମା) ଫିଙ୍ଗିବା ।"

ଏସବୁ ଶୁଣିବା ପରେ ରଜନୀଦାଶ ଓ ଅଜୟ ଚମକି ପଡ଼ିଲେ । ଏ ତ' ରୀତିମତ୍ ଯୁଦ୍ଧର ପ୍ରସ୍ତୁତି । "ଆମେ ଆସୁଛୁ କହି ଅଜୟ ସ୍କୁଟର ବୁଲେଇଲେ ଗାଁ ଛକକୁ । ଉଭୟେ ବଂଧୁ ଚୁପ୍ । ଏତେ ଥଣ୍ଡାରେ ବି ଦେହରୁ ଝାଳ ବହିଗଲା । ସମ୍ଭାବ୍ୟ ଆଶଙ୍କାକୁ ହାଲ୍‌କା କରିବା ଉଦ୍ଦେଶ୍ୟରେ ଇଚ୍ଛା ନଥାଇ ବି ଦୁଇଟା ଚ' ଅର୍ଡର ଦେଲା ରଜନୀ ଦାଶ । ହଠାତ୍ ଜଣେ ଲୋକ ଏମାନଙ୍କୁ କହି ଉଠିଲା, 'ଦେଖହେ.. ଅମୁକ ବିଶ୍ୱାଳ ଗାଁଟାକୁ ନଷ୍ଟ କରି ସାରିଲାଣି । ଭୁବନେଶ୍ୱରରୁ ଗୁଣ୍ଡା ଆଣିଛି । ଆଣିବଟିରେ ଠେଙ୍ଗା ।"

ଚମକି ପଡ଼ିଲା ରଜନୀ ଦାଶ । ଲୋକଟାକୁ ମୁହଁରେ ଜବାବ ଦେବାକୁ ଇଚ୍ଛା ହେଉଥିଲା । ହେଲେ କିଛି କହିବା ପୂର୍ବରୁ ଅଜୟ ଚ'ଫିଙ୍ଗି ସ୍କୁଟର ଷ୍ଟାର୍ଟ କରି ସାରିଥିଲେ ଅନାଗତ ଭୟଙ୍କର ପରିସ୍ଥିତିକୁ ଉପଲବ୍ଧି କରି । ରଜନୀ ଦାଶ ଗୋଟାଏ ଲମ୍ଫରେ ସ୍କୁଟର ପଛରେ । ସ୍କୁଟର ଫୁଲ୍ ସ୍ପିଡ୍‌ରେ । ପଛରୁ ବେଣୁ ପ୍ରତିହାରୀର ଡାକ ଶୁଭୁଥିଲା । ହେଲେ ଭୁବନେଶ୍ୱରରେ ପହଂଚିବା ପୂର୍ବରୁ ସେମାନେ ଅଟକି ନଥିଲେ । ପରେ ଘଟଣାର ଅନୁସନ୍ଧାନରୁ ଜଣାଗଲା ବେଣୁ ପ୍ରତିହାରୀ ପ୍ରକୃତ ସତ୍ୟକୁ ଗୋପନ ରଖିଥିଲା । ଭିଣେଇ ଅନୁରୋଧ କରିଥିଲେ ଭୁବନେଶ୍ୱରରୁ କିଛି ସ୍ମାର୍ଟ ଗୁଣ୍ଡାଂକୁ ଆଣି ଗାଁରେ ଆତଙ୍କ ଖେଳାଇବା ପାଇଁ ।

ଉଭୟ ବଂଧୁଙ୍କ ପାଇଁ ଏଭଳି କ୍ଲାଇମାକ୍ସ ହିଁ ଯଥେଷ୍ଟ ଥିଲା । ରାଜନୀତିର ସ୍ୱପ୍ନ ସେଇଠି ହିଁ ସମାପ୍ତ ହୋଇ ସାରିଥିଲା । କିଛି କାରଣ ପାଇଁ ବି ଦେବ୍ରାଜ ଲେଙ୍କା ନିର୍ବାଚନ ମଇଦାନକୁ ଓହ୍ଲାଇବାର ନିଷ୍ପତ୍ତିକୁ ଓହରି ଯାଇଥିଲେ ।

ବାଲକାଟି, ଖୋର୍ଦ୍ଧା-୭୫୨୧୦୦, ମୋ: ୯୩୩୭୨୬୧୦୭୫

କବିତା.... ଆମ ସମୟର

## ମାତୃଭୂମି

### ଭରତ ବେହେରା



କାହାକୁ ତଡ଼ି ନ ଦେଉଥିବା
ଭୂମି : ମାତୃଭୂମି
ଅନନ୍ତ ଶ୍ରଦ୍ଧାରେ ଆଉଁଶି ଦେଉଥିବା
ଭୂମି : ମାତୃଭୂମି
ପିତୃଭୂମିରୁ ଧକ୍‌କା ଖାଇ
ପାଦ ରଖିଥିବା ନିଶ୍ଚିତ ଭୂମି: ମାତୃଭୂମି

ତା'ର ନିଷ୍କପଟ ଆଖି
ନିଷ୍ଠୁପରେ ଦେଖୁଥିବ
ଆବଣ୍ଟିତ ବିଷ ଓ ଅମୃତ
ସ୍ୱପ୍ନ ଆଉ ସ୍ୱେଦ ।

ତା'ର ଉଚ୍ଚାଖାଲ ଦନ୍ତୁରିତ
ନିର୍ମୋହ ନକ୍ସାରୁ
ବାରି ହୋଇ ପଡୁଥିବ ଉଦାର ପଣିଆ ।

କିଏ ପଢୁ କି ନ ପଢୁ ମଣିଷର ଭାଷା
ସ୍ୱୀକୃତି ଦେଉ କି ନ ଦେଉ
ମଣିଷପଣକୁ
ସେ କିନ୍ତୁ ଆଲିଙ୍ଗନ କରୁଥିବ
କାହାର ନା କାହାର ବିବଶ ଅସ୍ତିତ୍ୱ ।

କୁହ
କେଉଁ ଭାଷା ରହିଛି ଅଜଣା
କେଉଁ ପାଠ ରହିଛି ଅପଢ଼ା
କେଉଁ ଶବ୍ଦ ରହିଛି ଅଶୁଣା
କେଉଁ ଦୃଶ୍ୟ ରହିଛି ଅଦେଖା
ତା'ର ନଖ ଦର୍ପଣରେ ।

ହୁଏ ତ ତମ ଦିବ୍ୟ ଆଖି ଦେଖିଥିବ
ମାଟିର, ମଣିଷର ନିର୍ମଳ ନିର୍ମାଣ
ପଣତ ଗଣ୍ଠିରେ ବାନ୍ଧିଥିବ
ପାପାଚାରୀମାନଙ୍କର ଦୈନିକ ହିସାବ ।

ପାଦ ରଖିବାକୁ କିଏ ଦଉ କି ନଦେଉ
ଦୁଇପାଦ ଭୂମି
ଶ୍ରଦ୍ଧାରେ କାଖେଇ ନେବ
ମାତୃଭୂମି ହାଡୁଆ କଙ୍କାଳ ।

ତମେ ହୁଏତ ଦେଖିଥିବ
ନିର୍ଦ୍ଦୋଷ ଅଭିଯୁକ୍ତର
କାନ୍ଦୁଣୁମାନ୍ଦୁଣୁ କାକୁସ୍ତ କାରୁଣ୍ୟ
ଦେଖିଥିବ ଶ୍ୱେତସ୍ନିଗ୍ଧ
ପଙ୍ଗପାଳ ପ୍ରଚ୍ଛନ୍ନ କୌଶଳ ।

ମାତୃଭୂମି !
କାହାକୁ ମୁଁ ପ୍ରଣାମ କରିବି
କାହାକୁ ମୁଁ ପଚାରିବି
ଅଧୁରା ପ୍ରଶ୍ନାଙ୍କ ?
କିଏ ଦେବ ବରାଭୟ ମୁଦ୍ରା
କିଏ ଦେବ ବିମୁଗ୍ଧ ଆଶ୍ରୟ
ଯାହାକୁ ସମ୍ବଳ କରି ଗଢ଼ିଦେବି
ଆକାଶକୁ ଭେଦି ପାରୁଥିବା
ଅନ୍ୟ ଏକ ଉତ୍ତୁଙ୍ଗ କୋଣାର୍କ ।

ହୁଏତ କାଳକୁ ଆଚ୍ଛନ୍ନ କରିପାରେ କଳଙ୍କ
କପାଳକୁ ଭେଦ କରି ପାରେ
କଂସେଇର ଛୁରୀ
ତେବେ ବି ତମ ମଥା ଛୁଇଁ କହିଦେବି
ଅଧୁରା ପ୍ରଶ୍ନାବଳୀର
ପ୍ରତି ବର୍ଣ୍ଣମାଳା ।

+ ଏମ ଆଇଜି - ୨୨, ଜିଏସ ନଗର,
ଜଗତପୁର, କଟକ-୭୫୪୦୨୧
ମୋ: ୯୪୩୭୫୭୦୧୨୦

## ଆସିବା ଯିବା

### ଡ. କୁଂଜ ବିହାରୀ ଧଳ

ଫୁଟୁଥିବା ଫୁଲଙ୍କର ବାସ୍ନା ପାହାନ୍ତାରେ
ଉଠିଲେ ଚହଟି
ଜାଣିବ ଯେ ସକାଳ ଆସିଲା ।

ମନ କୁତୁ କୁତୁ କାକର ବୁନ୍ଦାରେ
କିମିଆ ଲାଗିବ
ଉକୁଟି ଉଠିବ ଆଇନାରେ
ଟୁକୁଡ଼ା ଟୁକୁଡ଼ା ମନର ମାନଚିତ୍ର ।

ଦ୍ୱିପ୍ରହର; ଚାହୁଁ ଚାହୁଁ ଅପରାହ୍ଣ
ସଂଜବତୀ ଜଳିଜଳି ନିଭିଯିବା ଆଗୁଁ
ପେଚାଡାକେ ଅନିଘଞ୍ଚ ତେନ୍ତୁଳି ଡାଳରେ
ପହରିକା ଶିଆଳଙ୍କ ଶଂଖ ଆଓ୍ୱାଜରେ
ଖସିପଡ଼େ ରାତି; ରାତିର ଶିଶିର ।

ଘନଘୋର ନିଦ ଭାଙ୍ଗେ ବିଭୋର ରାତିର ।
ସବୁ ଆସୁଥାଏ, ଯାଉଥାଏ ନିଜସ୍ୱ ଠାଣିରେ
ଭାବୁଥିବା ମଣିଷକୁ, ସମୟ ରହନ୍ତା ଧିର
ପୂର୍ବ ଓ ଭବିଷ୍ୟ ହେଉପଛେ ଯେମିତି ସେମିତି
ରହନ୍ତା କି ସ୍ଥିର ହୋଇ ଜାନୁ ଯଉବନ
ଓ ଭଲ ଭଲ ମୁହୂର୍ତ୍ତ ଗୁଡ଼ିକ !!

ରହିବାଟା ସ୍ଥିର
ହେଉ ବା ନ ହେଉ
ଯିବାଟା ତ ଅଥୟ ଅସ୍ଥିର ।
ହୋଇପାରେ ଦିନେ ସୃଷ୍ଟ-ସୂର୍ଯ୍ୟ ଓ
ଏ ସୌର ଜଗତ
ମିଳାଇ ବି ଯାଇପାରେ
କୋଉ ଶୂନ୍ୟମଣ୍ଡଳରେ ॥

+ ସା/ପୋ- ବାଲିଆ, ଜି- ବାଲେଶ୍ୱର
ମୋ: ୯୮୬୧୩୯୩୫୭୦

## କରୋନାରୁ ମୁକ୍ତି ଦିଅ ଭଗବାନ

### ଡ. ମନୋରଞ୍ଜନ ବିଷୋୟୀ



ମାନବ ଭାବୁଥିଲା
ଅସାଧ୍ୟକୁ କରିଛି ସାଧନ ।
ରଚିଥିଲା
ଶ୍ରେଷ୍ଠ ବୋଲାଇବାକୁ
ନାନା ବ୍ୟୂହମାନ ।

ତା'ର କ୍ରିୟା-ପ୍ରତିକ୍ରିୟା
ହିଂସା-ପ୍ରତିହିଂସାର ପରିଣାମ
ଆଜିର ଏ ଦିନ ।

ଏଠି ନିରାପଦ ନୁହେଁ
ସଂସାର ଡାଳରେ ଝୁଲୁଥିବା
କାହାରି ଜୀବନ ।
ଏବେ ତ ମଣିଷର
ଜୀବନ ପାଲଟିଛି
ବତାସରେ ଝଡ଼ି ପଡ଼ିଥିବା
ପତ୍ର ସମାନ ।
କେତେବେଳେ ବନ୍ୟା-ବାତ୍ୟା-ମରୁଡ଼ି ତ
ଆଉ କେତେବେଳେ
ମହାମାରୀ ନିଏ ଜୀବନ ।

ଏବେ ତ ମହାମାରୀ କରୋନା ଆତଙ୍କ
ସର୍ବତ୍ର ବିଦ୍ୟମାନ ।
ତା'ର ପ୍ରକୋପରେ
ଜନାକୀର୍ଣ୍ଣ ରାଜପଥ ପାଲଟିଛି
ନିର୍ବାକ ଓ ନିର୍ଜନ ।

ବେଳେବେଳେ
ଏ ନିର୍ଜନତାକୁ ଭାଙ୍ଗି ଶୁଭୁଥାଏ
ପୋଲିସ ଗାଡ଼ିର ସାଇରନ୍
ଆଉ ଘରୁ ନ ବାହାରିବା ପାଇଁ
କରୋନାର ଭୟାବହ ସଂପର୍କରେ ସ୍ଲୋଗାନ୍ ।
ତଥାପି କେତେବେଳେ କେଉଁଠି
ପଛଚାରୀକୁ ଦେଖିହୁଏ
କଦାଚିତ୍ ରିକ୍‌ସା
ଆଉ ମୋଟର ଯାନ ।

ଏବେ ତ ଅଟ୍ଟହାସ କରୁଛି
ଗାଁ ଗଣ୍ଡା ସହର ବଜାରର
ବଡ଼ ବଡ଼ ଅଟ୍ଟାଳିକାମାନ ।

ହେ ମାନବ,
କି ଲାଭ ତୋ ଅଣୁ ଶକ୍ତି
ଜ୍ଞାନ ଆଉ ବିଜ୍ଞାନ ।
ଯେତେବେଳେ କି
ଜୀବନ ପାଲଟି ଗଲାଣି
ପୋକମାଛି ସମାନ ।

ନିଜେ ଭସ୍ମାସୁର ସାଜି ଅଜାଡ଼ି ଦେଲୁ
ନିଜ ଗାଁ ଗଣ୍ଡା ଦେଶ ବିଦେଶର
ଅସଂଖ୍ୟ ଜୀବନ ।

ଆଉ ସହି ହେଉନାହିଁ
ପ୍ରଗତିର ଏ ଉପହାସ ମାନ ।

ଏବେ ତ ଶୁଭୁଅଛି ଖାଲି
ବିଶ୍ୱବାସୀଙ୍କ କରୁଣ କ୍ରନ୍ଦନ ।

ହେ ଭଗବାନ,
ନିଜେ ତ ମାନବ ଉଜାଡ଼ି ଦେଇଛି
ତୁମ ବିଶ୍ୱାସର ଇମାରତ୍
ଆଉ ମାନବିକତାର ଉପବନ ।

ତୁମକୁ ନେଇ ବି ସୃଷ୍ଟି କରିଚାଲିଛି
ନାନା ବିବାଦ ମାନ ।
ତଥାପି ହେ ଭଗବାନ,
ମାନବର ସବୁ ଦୋଷ କ୍ଷମା କରି
ବଂଚାଇ ରଖିବାକୁ
କରୁଅଛି ନିବେଦନ ।

+ ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ:୮୮୯୫୧୪୧୭୨୭

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୨ ନଭେମ୍ବର, ୨୦୨୦

## ମନେପଡେ....(୪୦)

## ମଶାଣୀ ରାସ୍ତା ବୁଢା ବରଗଛରେ ଦଉଡ଼ି ଦେଇଥିବା ଝିଅର ବିଭତ୍ସ ଦୃଶ୍ୟ



ସୁଗାଳ୍ପିକ ଓ ସ୍ତମ୍ଭକାର
ଉଦୟ ନାରାୟଣ ଦାସ

ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଦୀର୍ଘଦିନର ନୀରବତା ପରେ ତାଙ୍କର ଆଉ ଏକ ନୂଆ ସ୍ତମ୍ଭ 'ମନେପଡେ' । ଏହା ପୂର୍ବରୁ ତାଙ୍କର ଗାଁ, ସହର, ଡାଏରୀ ଓ ଦୃଷ୍ଟି ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ 'ମନେପଡେ'ରେ ଆପଣ ଭେଟିବେ ଲେଖକଙ୍କ ସ୍ମୃତିକୁ ଗୋଟେ ନିଆରା ଢଙ୍ଗରେ ।

ଚୂନଭାଟୀ କଲୋନୀ, ଗୋପାଳଗାଁ, ଜି- ବାଲେଶ୍ୱର, ଓଡ଼ିଶା-୭୫୬୦୦୧, (ମୋ) ୯୩୩୮୩୨୨୧୯୯

କିଶୋର ସମୟର ଗୋଟିଏ ଗୋଟିଏ ଘଟଣା ଏମିତି ମନକୁ ବିନ୍ଧ କରି ଯାଇଥାଏ ଯେ ଜୀବନ ଶେଷଯାଏ କେବେବି ପାଶୋରି ହେଉ ନଥାଏ । ବେଳେ ବେଳେ ଦୁଃସ୍ୱପ୍ନରେ ତା ଦେଖାଦେଇ ଖୁବ୍ ଭୟଭୀତ କରିଦେଉଥାଏ ମୋର ସତ୍ତାକୁ । ସେମିତି ଗୋଟିଏ ମୋ ପିଲା ଦିନର ଘଟଣା କଥା ମୁଁ ଏଠି ଉତ୍ଥାପିତ କରୁଛି ।

ପଂଚମ ଶ୍ରେଣୀ ବୃତ୍ତି ପରୀକ୍ଷା ପରେ ପରେ ମୁଁ ବେଳେ ବେଳେ କୁଳମଣି ମଉସାଙ୍କ ଘରକୁ ଚାଲି ଯାଉଥିଲି ଦସ୍ୟୁ ନାୟିକା ମୀରା ସିରିଜ୍ ବହି ସଂଗାତଙ୍କ ସହ ପଢିବା ପାଇଁ । ସେଦିନ ସିନ୍ଦୁରା ଫାଟି ନଥିଲା, ମୁଁ ପୋଖରୀ କୂଳରେ ବୁଲୁ ବୁଲୁ ଭାବିଲି ସଂଗାତଙ୍କ ଘରକୁ ଚାଲିଯିବି । ପୋଖରୀ ପୂର୍ବ ପଟ ମଶାଣୀକୁ ଟପି ଗୋଟେ ବାଲି ଗୋହିରୀ ଉର ନଈ ଯାଏ ପଡିଛି । ସେଇ ଗୋହିରୀ ବାଟେ କିଛି ବାଟ ଗଲେ ଦକ୍ଷିଣ ଦିଗବକୁ ବିଲେ ବିଲେ ସଂଗାତଙ୍କ ଘରକୁ ରାସ୍ତା । ମଶାଣୀ ପର ହେଇଗଲେ ଗୋହିରୀର ଉତ୍ତର ପଟକୁ ପଡେ ଗୋଟେ ନିଛାଟିଆ ପଡିଆ । ପଡିଆ ଭିତରେ ଗୋଟେ ପୁରୁଷ ପୁରୁଷର ବୁଢା ବରଗଛ । ଯାହାର ଓହଳ ଓ ଡାଳ ୫ ଏକର ଜାଗାକୁ ମାଡ଼ି ବସିଥିଲା । ସେ ବରଗଛଟା ଏବଡେ ଭୟଙ୍କର ହେଇଥିଲା ଯେ ସେଠି ପହଂଚିଗଲା ମାତ୍ରେ ମୋ ଛାତି ଦକ୍‌ଦକ୍ ହେଇଯାଉଥିଲା, ମୋ ସାଂଗରେ ବାପା ବା ଅନ୍ୟ କେହି ଥିଲେବି ।

ମୁଁ ଏକା ଏକା ସେଇବାଟେ ବାହାରି ଥିଲି ସଂଗାତଙ୍କ ଘରକୁ । ମୁଁ ବୃତ୍ତି ପରୀକ୍ଷାର ଫଳ କଥା ଭାବି ଭାବି ସକାଳରେ ସେଇ ବରଗଛ ପାଖ ହେଇ ଯାଇଥିଲି । କି ଆଚମ୍ବିତ ଦୃଶ୍ୟ ଦେଖ ଏ ବ୍ରାହ୍ମ ମୁହୂର୍ତ୍ତରେ । ଚାରି ପାଂଚ ଜଣ ବୟସ୍କ ଲୋକ ସେଇ ଗଛ ତଳେ ରୁଣ୍ଡ ହେଇ ଗଛକୁ ଅନାଇ କଥାବାର୍ତ୍ତା ହେଉଥିଲେ । ସେ କଥାବାର୍ତ୍ତା ଖୁବ୍ ଗଂଭୀର ଥିଲା । ସେଇ ବରଗଛର ଗୋଟେ ନିଚା ଡ଼ାଳରେ ବୈଷ୍ଣବ ସାହି ମହେନ୍ଦ୍ର ମାମୁଁଙ୍କ ବଡ ଝିଅ ସୁନ୍ଦରୀ ମିନୁ ଅପା (ଯାହାର ବୟସ ଆନ୍ଦାଜ ୨୨ ବର୍ଷ ହେବ) ନିଜ ଛାତିରେ ପକାଉଥିବା ଓଢଣୀକୁ ଦଉଡି କରି ବେକରେ ଫାସ ଦେଇଥିଲା । ଖୁବ୍ ବିଭତ୍ସ ଦେଖା ଯାଉଥିଲା ମିନୁ ଅପାର ମୁହଁ । ତା ଜିଭଟା ଆଗକୁ ବାହାରି ପଡିଥିଲା । ଆଖି ଦି'ଟା ମେଲା ହେଇ ଯାଇଥିଲା ଅଶେଷ ଯନ୍ତ୍ରଣାରେ । ଚୁଳ ଗୁଡ଼ା ଫିଟି ଯାଇ ଖୁବ୍ ଭୟଙ୍କର ଦେଖା ଯାଉଥିଲା । ଦେହରେ ପିନ୍ଧିଥିବା ପଂଜାବୀଟା ଅଂଚୁଡି ଯାଇ ତା' ବକ୍ଷର ଯଉବନ ବାହାରକୁ ବାହାରି ପଡିଥିଲା । ସେସବୁକୁ ମୁଁ ଅନାଇ ପାରୁନଥିଲି । ପ୍ରକୃତରେ ଝିଅ ପିଲାମାନେ ଆଭରଣ ବିନା କେତେ କୁତ୍ସିତ ଓ ଭୟଙ୍କର ଦେଖାଯାଆନ୍ତି ତାହା ମୁଁ ସେଇଦିନ ଜାଣିଲି । ଆସ୍ତେ ଆସ୍ତେ କଥାଟା ଫୁଟିଆର ହେଇଯିବାରୁ ଲୋକମାନେ ଭିଡ଼ ହେଇ ଯାଇଥିଲେ । ମହେନ୍ଦ୍ର ମାମୁ ଓ ମାଇଁ ଲଜ୍ଜା ଓ ଅପମାନରେ ମୁହଁ ତଳକୁ କରି ଧକଉ ଥିଲେ । କିଏ ଜଣେ ସାହସୀ ଲୋକ ଗଛକୁ ଚଢି ମିନୁ ଅପା ଛାତିରେ ଯଉବନକୁ ଲୁଚାଇବା ପାଇଁ ଲୁଗା ଖଣ୍ଡେ ପକାଇ ଦେଇଥିଲା । ଗାଁ ସରପଞ୍ଚ, ୱାର୍ଡ଼ ମେମ୍ବର ଆସି ପହଂଚି ଯାଇଥିଲେ । ଗାଁ ଚୌକିଦାର ସଂଗେ ସଂଗେ ଖନ୍ତାପଡା ଥାନାକୁ ଯାଇ ଖବର ପହଂଚାଇବାରୁ ଥାନାରୁ ଗୋଟେ ଫଟଫଟିଆ ଗାଡ଼ିରେ ଜଣେ ଦାରୋଗା ଜଣେ ସିପାହି ଆସି ପହଂଚି ଯାଇଥିଲେ । ମୁଁ ସେଇଠି ରହି ଯାଇଥିଲି ଦିନେ ପହରେ ଯାଏ ।

ସେଠି ବଡ ଲୋକ ମାନେ ବହୁତ କଥା ହେଉଥିଲେ । ସେସବୁ କଥା ମୋ କୈଶୋର ମଥା ଭିତରେ କିଛି ପଶୁ ନଥିଲା । କେତେ ଲୋକ ମିନୁ ଅପାର ଆତ୍ମହତ୍ୟାର କାରଣ ଖୋଜି କହୁଥିଲେ ତା'ର କଣ କେଉଁ ପୁଅ ସହ ପାପ ସମ୍ପର୍କ ଥିଲା । ସେଥିପାଇଁ ମିନୁ ଅପା କୁଆଡ଼େ ଅବୈଧ ମାଆ ହେବାକୁ ଯାଉଥିଲା । ଲୋକ ଲଜ୍ଜାରୁ ମୁକ୍ତି ପାଇଁ ସେ କୁଆଡ଼େ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିଲା । କିନ୍ତୁ ଆଉ କିଏ ବୟସ୍କ ଲୋକମାନେ ଘଟଣାକୁ ଅନୁଧ୍ୟାନ କରି ଅଲଗା କଥା ସନ୍ଦେହ କରୁଥିଲେ । ସେତେବେଳକୁ ପୁଲିସ୍ ସହାୟତାରେ ଲାସ୍ ତଳକୁ ଓହ୍ଲାଇ ଅଣା ଯାଇଥିଲା । ଖରା ଯୋଗୁଁ ମିନୁ ଅପାର ସୁନ୍ଦର ଶରୀର ଫୁଲି ଯାଇ ଖୁବ୍ ବିଦ୍ରୁପ ଓ ଭୟଙ୍କର ଦେଖାଯାଉଥିଲା । ଲୋକମାନେ କଥା ହେଉଥିଲେ ମିନୁ ଅପାକୁ ନିଶ୍ଚୟ କେଉଁ ଦୁର୍ବୃର୍ତ୍ତ ନିର୍ଜନରେ ନିର୍ମମ ହତ୍ୟା କରିଛି ଓ ଏ ହତ୍ୟା ପ୍ରେମ ଜନିତ । କେସଟା ଉପରକୁ ନ ନେବା ପାଇଁ ଦାରୋଗା ବାବୁ ସହ ଆମ ଗାଁ ସରପଂଚ କ'ଣ ଫୁସୁଲା ଫୁସୁଲି କଥା ହେଉଥିଲେ । ସେଥିପାଇଁ ମହେନ୍ଦ୍ର ମାମୁଙ୍କୁ କେତେ ଟଙ୍କା ଲାଂଚ ନେବା ପାଇଁ ସରପଞ୍ଚ ବାବୁ ବାଧ କରୁଥିଲେ । ଆଜିବି ମୋର ମନେ ଅଛି ମାମୁଙ୍କର ବିଷର୍ଣ୍ଣ ଚେହେରା । ଦୁଃଖ ଓ ଅବସାଦରେ ଭାଙ୍ଗି ପଡିଥିଲେ ସେ । କେସକୁ ଆଗକୁ ନନେବା ପାଇଁ କେଉଁଠୁ ଟଙ୍କା ଆଣି ସରପଂଚ ଓ ପୁଲିସକୁ ଦେଇଥିଲେ । ସେ ମର୍ମନ୍ତୁଦ ଦୁର୍ଘଟଣା ଆଜି ବି ମନେ ପଡିଲେ ମୋ ଛାତି ଥରିଯାଏ । (ଆରଥରକୁ)

---

ଧାରାବାହିକ ଉପନ୍ୟାସ

# ନାତି



ଭାଗ-୩

ଡ. ରତିକାନ୍ତ ବେହେରା
କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ)୯୪୩୯୪୪୨୯୪୨



ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ ।- ଲେଖକ

ସୃଷ୍ଟିର ପ୍ରତ୍ୟେକ ପ୍ରାଣୀମାନଙ୍କ ପାଇଁ ପ୍ରଜନନ ନିମନ୍ତେ ପ୍ରକୃତି ଏକ ସ୍ୱାଭାବିକ ବା ନେଚୁରାଲ୍ ବ୍ୟବସ୍ଥା ଖଂଜି ରଖିଛି । ଏବେ କିନ୍ତୁ ଡାକ୍ତରଖାନାଗୁଡ଼ିକରେ ସ୍ୱାଭାବିକ ପ୍ରଜନନ ଅପେକ୍ଷା ସି.ଏସ୍. ବା ଅସ୍ତ୍ରୋପଚାର ପ୍ରକ୍ରିୟାକୁ ଅଧିକ ଗୁରୁତ୍ୱ ଦିଆଯାଉଛି । କେହି ପ୍ରାୟ ଆଉ ସ୍ୱାଭାବିକ ପ୍ରଜନନ କରିବାକୁ ରାଜି ନୁଅନ୍ତି । ଦୀନନାଥଙ୍କ ଝିଅ, ଜ୍ୱାଇଁ ଓ କହ୍ଲଲତା ପ୍ରଥମରୁ ଭାବିଥିଲେ ସ୍ୱାଭାବିକ ପ୍ରଜନନ ପାଇଁ । କିନ୍ତୁ ଶେଷ ପର୍ଯ୍ୟନ୍ତ ଡାକ୍ତରୀ ଅନୁଧ୍ୟାନରୁ ଜଣାଗଲା ଯେ, ଶିଶୁର ଭଲ ଗ୍ରୋଥ୍ ହୋଇଥିବା କାରଣରୁ ଶୁଭଦାର ନର୍ମାଲ୍ ଡେଲିଭରୀ ବିପଦଜନକ ହୋଇପାରେ ! ତେଣୁ ଶେଷ ପର୍ଯ୍ୟାୟରେ ସମସ୍ତେ ସିଦ୍ଧାନ୍ତ ବଦଳେଇ ଦେଇଥିଲେ । ଏପରିକି ନିଜେ ଦୀନନାଥ ମଧ୍ୟ ସି.ଏସ୍. ହେଉ ବୋଲି ସମ୍ମତି ଦେଇଥିଲେ ।

ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ଶୁଭଦା ଦୁଇମାସ ପୂର୍ବରୁ ବାଲେଶ୍ୱର ଫେରି ଆସିଥିଲା । ଅବଶ୍ୟ ଏଥିପୂର୍ବରୁ ନିର୍ଦ୍ଦିଷ୍ଟ ବ୍ୟବଧାନରେ ମେଡ଼ିକାଲ୍ ଚେକଅପ୍ ହୋଇ ଆସୁଥିଲା । ଶେଷଦିନଗୁଡ଼ିକରେ ବାପାମା'ଙ୍କ ପାଖରେ ରହିବାର ଆବଶ୍ୟକତା ନ ଥିଲେ ବି, ଶ୍ୱଶୁରଙ୍କ ଘର ଆଖପାଖରେ ଭଲ ନର୍ସିଂହୋମ୍ ନଥିବାରୁ ଏବଂ ଏଠାରେ ଡାକ୍ତରୀ ଚିକିତ୍ସାର ଗୁଣାତ୍ମକତା କାରଣରୁ ସମସ୍ତେ ସ୍ଥିର କରିଥିଲେ, ଶୁଭଦା ଏଇଠାରେ ହିଁ ରହିବ । ଆବଶ୍ୟକ ପଡ଼ିଲେ ଜ୍ୱାଇଁ ଭବେଶ ବି ମଝିରେ ମଝିରେ ଚେକ୍‌ଅପ୍ ବେଳକୁ ଆସିପାରିବ ।

ତାହା ହିଁ ହେଲା । ଡାକ୍ତରାଣୀଙ୍କ ଦୁଇଥର ଚେକ୍‌ଅପ୍‌ରେ ପ୍ରସବ ତାରିଖ ଅଲଗା ଅଲଗା ହୋଇଗଲା । ପ୍ରଥମ ଦେଖାରେ ମାର୍ଚ୍ଚ ତେଇଶ ତାରିଖ ଡେଲିଭାରୀ ହେବ ବୋଲି କହିଲେ । ପୁଣି ଦ୍ୱିତୀୟ ଥରକୁ ପନ୍ଦର ତାରିଖକୁ ସ୍ଥିର କଲେ । ଅର୍ଥାତ୍ ଗୋଟିଏ ସପ୍ତାହ ପୂର୍ବରୁ ।

ଏକଥା ଶୁଣି ବାଲେଶ୍ୱରରେ ଡାକ୍ତରୀ ଚିକିତ୍ସା ଉପରେ ଘୋର ଅନାସ୍ଥାଭାବ ଆସିଥିଲା ଦୀନନାଥଙ୍କର । ଅଜବ କଥା । ଦଶଦିନ ଅନ୍ତରରେ ଦିନ ଫରକ୍ ଆସୁଛି କିପରି ? ସୁତରାଂ ଦୀନନାଥ ଧରିନେଲେ ଯଦିଓ ଡା.ମିସେସ୍ ପଣ୍ଡାଙ୍କର ଏ ସହରରେ ବେଶ୍ ଖ୍ୟାତି ଅଛି, ତଥାପି ସେ ଜଣେ ସିଦ୍ଧ ବିଶେଷଜ୍ଞ ନୁହନ୍ତି । ତାଙ୍କ ସାଧନା ଓ ଶିକ୍ଷାଦୀକ୍ଷାରେ କେଉଁଠି ଯେମିତି କିଛି ଊଣା ରହିଯାଇଛି । ନ ହେଲେ ପ୍ରତି ଦେଖାରେ ଭିନ୍ନ ଭିନ୍ନ ତାରିଖ କିପରି ବା ନିର୍ଦ୍ଧାରଣ କରନ୍ତେ ସେ ?

କିନ୍ତୁ ଜ୍ୱାଇଁ ଭବେଶଙ୍କର ମାଡ଼ାମ୍‌ଙ୍କ ଉପରେ ଖୁବ୍ ଆସ୍ଥା ଏବଂ ବିଶ୍ୱାସ ଜମି ଯାଇଥିଲା । ଦିନେ ଏ ସଂକ୍ରାନ୍ତରେ ଜ୍ୱାଇଁଙ୍କ ସହିତ ଦୀନନାଥ ଖୋଲାଖୋଲି କଥା ହେଲେ । ଡାକ୍ତର ବଦଳେଇବାକୁ ପରାମର୍ଶ ଦେଲେ । ହେଲେ ଶେଷ ପର୍ଯ୍ୟାୟରେ ବଦଳେଇଲେ କାଳେ ଅସୁବିଧା ଉପୁଜିପାରେ, ସେଥିପାଇଁ ମାଡ଼ାମ୍‌ଙ୍କ ହାତରେ ତାଙ୍କ ନର୍ସିଂହୋମ୍‌ରେ ଡେଲିଭରୀ କରାଯିବ ବୋଲି ସମସ୍ତେ ନିଶ୍ଚିତ ରହିଲେ ।

।। ଦୁଇ ।।

ଏସ୍.ଏନ୍.ସି.ୟୁ.ରେ ଆଉ ଏକପ୍ରକାର ନୂଆ ସମସ୍ୟା ସୃଷ୍ଟି ହେଲା । ୟା' ଭିତରେ ନବଜାତ ଶିଶୁମାନଙ୍କ ପାଇଁ ଏକ ଏକ ସ୍ୱତନ୍ତ୍ର ଧରଣର ବେଡ୍ ବ୍ୟବସ୍ଥା ରହିଛି । ଅକ୍‌ସିଜେନ୍ ଚେମ୍ବର୍ ଭିତରେ ପିଲା ରହିବ । ଏଣୁ ସେଠି ଅକ୍‌ସିଜେନ୍ ସିଲିଣ୍ଡରର୍ ଆଦୌ ଆବଶ୍ୟକତା ନାହିଁ । ପିଲା ସ୍ୱଚ୍ଛନ୍ଦରେ ନିଶ୍ୱାସ ପ୍ରଶ୍ୱାସ ନେଇପାରିବ । ଦୁଇ ତିନି ପ୍ରକାର ଭିନ୍ନ ଭିନ୍ନ ରଂଗର ସ୍ତିମିତ ଆଲୋକର ଏକ ଏକ ବୋର୍ଡ୍ (ୱାର୍ମର୍) ଠିକ୍ ପିଲାର ଉପରକୁ ଝୁଲି ରହିଛି ଯେଉଁଥିରୁ ଅବିରତ ଆଲୋକ ନିର୍ଗତ ହୋଇ ପିଲା ଉପରେ ପଡୁଛି । ଶୀତତାପ ନିୟନ୍ତ୍ରିତ କୋଠରୀରେ ପିଲାକୁ ଉଷୁମ ମିଳିପାରୁଚି, ଏଇ ଆଲୋକିତ ବୋର୍ଡ୍‌ରୁ । ପାଖେପାଖେ ଦେଖାଶୁଣା କରିବାପାଇଁ ଏକାଧିକ ନର୍ସଙ୍କର ବ୍ୟବସ୍ଥା ରହିଛି ।

ଏମିତି ଏକ ବ୍ୟବସ୍ଥା ଭିତରେ ନାତି ରହିଲା ଛ'ନମ୍ବର ବେଡ଼୍‌ରେ । ଏହିପରି ଅନେକ ବେଡ୍ ଓ ଅନେକ ପିଲା । ପ୍ରାୟ ପଚିଶ ତିରିଶ ସରିକି ଶିଶୁ ଏଠି ଚିକିତ୍ସିତ ହେଉଛନ୍ତି । ଗୋଟେ ଗୋଟେ ବେଡ଼୍‌ରେ ଦୁଇ ତିନିଜଣ ପିଲାଙ୍କୁ ବି ଶୁଆଇ ଦିଆଯାଇଛି ।

ଦୀନନାଥ କାଚ କବାଟ ବାହାରେ ଛିଡ଼ା ହୋଇ ଏକ ଲୟରେ ଚାହିଁ ରହିଥିଲେ ଛ' ନମ୍ବର୍ ବେଡ୍‌ଟିକୁ । ଆରାମରେ ହାତଗୋଡ଼ ହଲଉଛି ନାତି । ଅନୁରୂପ ଓଠର ଚାଳନା ବି କରୁଛି । କାନ୍ଦୁଛି କି ନାହିଁ ମୋଟେ ଜାଣି ହେଉନାହିଁ କିମ୍ବା ଏତେ ପରସ୍ତ କାଚ କବାଟ ଅତିକ୍ରମ କରି ତା'ର କାନ୍ଦଣା ହୁଏତ ବାହାରକୁ ଆସିପାରୁନାହିଁ କିମ୍ବା ଦୀନନାଥଙ୍କୁ ଶୁଭୁନାହିଁ ।

କାଚ ଦୁଆର ସେପାଖେ ଜଣେ କେହି ଛିଡ଼ା ହୋଇଥିବାର ଦେଖି ଡିଉଟିରେ ଥିବା ନର୍ସ ଜଣେ ୟା'ଡ଼କୁ ଆସିଲା ଏବଂ ଦୀନନାଥଙ୍କ ଉଦ୍ଦେଶ୍ୟରେ କହିଲା -

"ଏଠି ଛିଡ଼ା ହୁଅନ୍ତୁ ନାହିଁ । ବାହାରକୁ ଯାଆନ୍ତୁ ।" ଦୀନନାଥ ସାମାନ୍ୟ ଅସ୍ୱସ୍ତି ଅନୁଭବ କଲେ ନର୍ସଟିର ତାଚ୍ଛଲ୍ୟପୂର୍ଣ୍ଣ ଇଂଗିତରେ । ଅସମ୍ମାନ ବୋଧକଲେ ବି । ବୁଲିପଡ଼ି ଫେରି ଆସିବାକୁ ଉଦ୍ୟତ ହୁଅନ୍ତେ, ପୁଣି -

"ଶୁଣନ୍ତୁ ! ଏ ପିଲା ଆପଣଙ୍କର ?"

ହଁ କିମ୍ବା ନା' - କ'ଣ କହିବେ ଦୀନନାଥ ? ହଠାତ୍ କିଛି ଠଉରେଇ ପାରିଲେ ନାହିଁ । ତଥାପି କହିଲେ -

"ମୋ ଝିଅର ପୁଅ । ମାନେ ମୋର ନାତି ।"

"ସେ ଯାହାହେଉ, ତୁମେ ଏ ପିଲାକୁ ଆଣିଛ ?"

ମନେ ମନେ କ୍ରୋଧିତ ହେଲେ ଦୀନନାଥ । ନିଜ ଝିଅଠାରୁ କମ୍ ବୟସର ଏ ଝିଅ । ସାଧାରଣ ଶିଷ୍ଟାଚାର ଟିକେ ନାହିଁ ୟା' ପାଖରେ । ତାଗିଦ କଲାଭଳି ପ୍ରଶ୍ନବାଣରେ ଜର୍ଜରିତ କରିଦେଉଛି ତାଙ୍କୁ । କେତେବେଳେ ଆପଣ, କେତେବେଳେ ତମେ ବୋଲି ସମ୍ବୋଧନ କରୁଛି । ଦୀନନାଥ କୌଣସି ପ୍ରତିକ୍ରିୟା କଲେ ନାହିଁ ଝିଅଟି କଥାରେ । ଦୁଃସ୍ଥିତିରେ ଏବେ ସିଏ । କ'ଣ ବା କହିବେ ତାକୁ ? ତଥାପି -

"ହଁ ।" ସଂକ୍ଷିପ୍ତ ଉତ୍ତର କଲେ ଦୀନନାଥ ।

"ତୁରନ୍ତ ଏ ପିଲାର ଆଡ଼୍‌ମିସନ୍ କରି କାଗଜ ଆଣନ୍ତୁ । ବିନା ଆଡ଼୍‌ମିସନ୍‌ରେ ଏ ପିଲା ଏଠି ରହିପାରିବ ନାହିଁ ।" - କହିଲେ ନର୍ସଜଣକ ।

"ତୁମେ ତାକୁ ଆଡ଼ମିସନ୍ କରେଇ ଦିଅ ।"

"ଆମେ ଆଡ଼ମିସନ୍ କରୁନା । ପିଲାମାନଙ୍କର ଯତ୍ନ ନେଉଁ, ସେବା କରୁଁ । ଆଡ଼ମିସନ୍ ହେବ ଆଉଟ୍‌ଡୋର୍‌ରେ । ଡାକ୍ତର କରିବେ । ଏ ହେଉଛି ସରକାରୀ ବ୍ୟବସ୍ଥା !"

ଡାକ୍ତରଖାନାରେ ନିୟମକାନୁନ୍ ସହିତ ଅପରିଚିତ ସାଧାରଣ ଲୋକଟିଏ ମୁମୂର୍ଷୁ ଅବସ୍ଥାରେ ରୋଗୀଟିଏ ଆଣି କେତେ ହନ୍ତସନ୍ତ ହେଉଥିବେ, ସେ କଥା ସ୍ପଷ୍ଟ ଅନୁଭବ କଲେ ଦୀନନାଥ । ରୋଗୀସେବା କ୍ଷେତ୍ରରେ ବରଂ ସରକାରଙ୍କ ତରଫରୁ ଆଡ଼ମିସନ୍ ବ୍ୟବସ୍ଥା ଉଠେଇ ଦେବା ଉଚିତ ହୁଅନ୍ତା ବୋଲି ସେ ଅନୁଭବ କଲେ । ସଦା କ୍ରୋଧିତା ନର୍ସଜଣକ ସ୍ୱସ୍ଥାନକୁ ଫେରିଯାଉଥିବାର ଦେଖି ଦୀନନାଥ ପ୍ରଶ୍ନକଲେ -

"ପିଲାର ତ କୌଣସି ନାଁ ନାହିଁ ! କାହା ନାମରେ ଆଡ଼୍‌ମିସନ୍ ହେବ ?" - ଟିକେ ବ୍ୟଙ୍ଗାତ୍ମକ ମନେ ହେଉଥିଲା ତାଙ୍କ ସ୍ୱର ।

ବୟସ୍କ ଲୋକଟି ! ନିଜ ବାପା ବୟସର । ଡାକ୍ତରଖାନାର ନିୟମକାନୁନ ଓ ବିଧିବ୍ୟବସ୍ଥା ପ୍ରତି ସଂପୂର୍ଣ୍ଣ ଅନଭିଜ୍ଞ ହୁଏତ । ତେଣୁ ଦୀନନଥଙ୍କ ବ୍ୟଙ୍ଗରେ କୌଣସି ପ୍ରତିକ୍ରିୟା କଲେ ନାହିଁ ନର୍ସ ଜଣକ । ବୁଝେଇବାକୁ ଚେଷ୍ଟାକଲେ -

"ଆପଣ ଆଉଟ୍‌ଡୋର୍‌କୁ ଯାଆନ୍ତୁ । ସେ ସମସ୍ତ ବୁଝେଇ ଦେବେ ଏବଂ ଡାକ୍ତର ଲେଖିଦେଲେ ଯାଇ ଆଡ଼ମିସନ୍ ସେଇମାନେ ହିଁ କରିଦେବେ ।"

ଆଉ ଏକ ସଂକଟରେ ଯେମିତି ପଡ଼ିଗଲେ ଦୀନନାଥ । ଆଉଟ୍‌ଡୋର୍ ପାଖକୁ ଯିବାକୁ ଉଦ୍ୟତ ହୁଅନ୍ତେ ଜ୍ୱାଇଁ ଭବେଶ ପଶି ଆସିଲେ ଭିତରକୁ । କହିଲେ -

"ଆଉଟ୍‌ଡୋର୍ ଟିକେଟ୍ କରିସାରିଛି । ଡାକ୍ତରଙ୍କୁ ଆଡ଼ମିସନ୍ କଥା କହିଲି ଯେ, ସେ କହିଲେ ପିଲାଙ୍କୁ ଆଣନ୍ତୁ । ନ ହେଲେ ଆଡ଼ମିସନ୍ ହୋଇ ପାରିବ ନାହିଁ । ମୁଁ ମୋର ପରିଚୟ ଦେବା ସତ୍ତ୍ୱେ ସେ ପିଲାକୁ ଦେଖିବାକୁ ଚାହୁଁଛନ୍ତି ।"

ଏ ପରିସ୍ଥିତିରେ ପିଲାକୁ ଏବେ ଆଉଟ୍‌ଡୋର୍ ପର୍ଯ୍ୟନ୍ତ ନେବା କେବେ ବି ସଂଭବ ନୁହେଁ । ଏସ୍.ଏନ୍.ସି.ୟୁ.ରୁ ପିଲା ଆଉ ବାହାରକୁ ଆସି ପାରିବ ନାହିଁ । ଆମ୍ବୁଲାନ୍‌ସ ବିନା ଏହା ଅସମ୍ଭବ । ଆମ୍ବୁଲାନ୍‌ବାଲା ଅକ୍‌ସିଜେନ୍ ସହ ଟଙ୍କା ଚୁକ୍ତି ନେଇ ଫେରି ଗଲାଣି କେତେବେଳୁ । ତେଣୁ କ'ଣ କରିବେ, କ'ଣ କରିବେ ବୋଲି ତାଙ୍କ ମୁଣ୍ଡକୁ ବୁଦ୍ଧିଟିଏ ଜୁଟିଲା । ପ୍ରତ୍ୟେକ ଦୁଃସ୍ଥିତି ଓ ସଂକଟବେଳେ ଈଶ୍ୱର ସହାୟ ହୁଅନ୍ତି । ନୂଆ ଉପାୟଟିଏ ଜୁଟେଇ ଦେଇଥାନ୍ତି ମୁଣ୍ଡକୁ । ନୂଆ ନୂଆ ବୁଦ୍ଧିର ସଂଚାର କରିଥାନ୍ତି, ଯାହା ସମାଧାନ ଆଡ଼କୁ ବାଟ କଢ଼େଇ ନିଏ ।

'କାର୍ତ୍ତିକ' ଦୀନନାଥଙ୍କ ସାନଭାଇଙ୍କର ଶଳା । ଏଇଠି ଚାକିରୀ କରନ୍ତି । ଏବେ ଷ୍ଟୋର୍ ଦାୟିତ୍ୱରେ । ଖୁବ୍ ପରୋପକାରୀ । ଜ୍ୱାଇଁଙ୍କୁ 'ଆସ' ବୋଲି କହିଦେଇ ଦୀନନାଥ ଦୌଡ଼ିଲେ ତାଙ୍କ ପାଖକୁ । ପଛେ ପଛେ ଭବେଶ ।

କାର୍ତ୍ତିକ ବାବୁଙ୍କୁ ଦୀନନାଥ ସମସ୍ୟା କଥା କହିଲେ ଏବଂ ଜ୍ୱାଇଁଙ୍କୁ ଚିହ୍ନେଇ ଦେଲେ । ସଂପର୍କରେ କାର୍ତ୍ତିକ ମାମୁ ହେବେ ଭବେଶଙ୍କର । ବାହାଘର ବେଳେ ତିନିବର୍ଷ ପୂର୍ବେ କଲ୍ୟାଣମଣ୍ଡପରେ ବରବେଶରେ ଦେଖିଥିଲେ ଯାହା । ଏବେ ହଠାତ୍ ନ ଚିହ୍ନି ପାରିବା ଥିଲା ସ୍ୱାଭାବିକ ।

ଭବେଶ ନମସ୍କାର ଜଣେଇଲେ କାର୍ତ୍ତିକଙ୍କୁ ।

ସମସ୍ୟାଟି ଶୁଣି ସାରି କାର୍ତ୍ତିକ କହିଲେ-

"ଏଇଟା ଗୋଟେ ମାମୁଲି କଥା । ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ପିଲା ଏବେ ଏସ.ଏନ୍.ସି.ୟୁ. ଭିତରେ ଅଛି ତ ? କେତେ ନମ୍ବର୍ ବେଡ୍‌ରେ ?"

"ଛ' ନମ୍ବର୍ ।" ସଂକ୍ଷିପ୍ତ ଉତ୍ତର ଦେଲେ ଦୀନନାଥ ।

ଏସ୍.ଏନ୍.ସି.ୟୁ ଆଡ଼କୁ ମୁହେଁଇଲେ କାର୍ତ୍ତିକ । ପଛେ ପଛେ ଦୀନନାଥ ଆଉ ଭବେଶ ।

ପ୍ରଥମ କୋଠରୀ ଅତିକ୍ରମ କରିଯାଇ ଛିଡ଼ା ହେଲେ ଦ୍ୱିତୀୟ କୋଠରୀ ଦ୍ୱାର ସାମ୍ନାରେ । ନର୍ସଟି ତୃତୀୟ କୋଠରୀ ଭିଡ଼ରୁ ଗ୍ଲାସ୍ ଦେଇ ଦେଖିପାରିଲା କାର୍ତ୍ତିକ ବାବୁଙ୍କୁ । ଏବଂ ସଂଗେ ସଂଗେ ଚାଲି ଆସିଲା ପାଖକୁ । କବାଟ ଖୋଲି ଦେଉଁ ଦେଉଁ ନମସ୍କାର ବି କଲା ।

କାର୍ତ୍ତିକ ବାବୁ ଦୀନନାଥଙ୍କୁ ସେଇଠାରେ ଅପେକ୍ଷା କରିବାକୁ କହି ଭିତରକୁ ଗଲେ । ଭିତରେ ନର୍ସ ସହିତ କ'ଣ କଥା ହେଲେ କେଜାଣି, ଦୀନନାଥଙ୍କୁ ସୂଚନା ଦେଲେ ଭିତରକୁ ଯିବାକୁ । ଦୀନନାଥ ଭିତରକୁ ଯିବା ପୂର୍ବରୁ ଜୋତା ବଦଳ କଲେ ଏବଂ ଭିତରକୁ ଯିବା ପାଇଁ ଉଦ୍ଦିଷ୍ଟ ଥିବା ନିର୍ଦ୍ଦିଷ୍ଟ ଜୋତା ପାଦରେ ପିନ୍ଧି ଯାଇ ଛିଡ଼ା ହେଲେ ନାତି ପାଖରେ ।

ଦୀନନାଥ ବାବୁଙ୍କର ପରିଚୟ କରେଇ ଦେଇ କାର୍ତ୍ତିକ କହିଲା -

"ଏ ମୋର ଭିଣୋଇଙ୍କର ବଡ଼ଭାଇ । ଅର୍ଥାତ୍ ବଡ଼ ଭିଣୋଇ । ତାଙ୍କ ନାତି ନୁହଁ ସେ ମୋ ନାତି । ମୋ ଭାଣିଜୀର ପୁଅ । ୟା'କୁ ସ୍ୱତନ୍ତ୍ର କେୟାର୍‌ରେ ରଖିବ, ଥିବା ପର୍ଯ୍ୟନ୍ତ । ତୁମ ପରେ ଆଉ ଯିଏ ଡିଉଟିରେ ଆସିବେ, ତାକୁ ମୋ କେଶ୍ ବୋଲି କହିବ ।"

କାର୍ତ୍ତିକବାବୁଙ୍କର କଥା ସରିବା ପୂର୍ବରୁ ଦୀନନାଥଙ୍କର ଅସଲ ପରିଚୟ ଜାଣି ଟିକେ ସଙ୍କୁଚିତ ହୋଇ ଯାଇଥିଲା ଝିଅଟି । ଲାଜରେ ଝାଉଁଳି ପଡ଼ିଥିଲା । ଦୀନନାଥଙ୍କୁ ଏଥପାଇଁ ଆଶ୍ୱସ୍ତି ମିଳିଥିଲା କେତେକାଂଶରେ ।

ଦୀନନାଥ ଦେଖିଲେ, ନାତି ହାତ ଗୋଡ଼ ହଲଉଛି । ଶୋଇ ନାହିଁ, ଚେଇଁଛି । କାର୍ତ୍ତିକ ବାବୁ କହିଲେ -

"ଖୁବ୍ ଶୀଘ୍ର ଠିକ୍ ହୋଇଯିବ ଲାଗୁଛି । ବିଶେଷ କିଛି ଅସୁବିଧା ନାହିଁ । ପୁଣି ନର୍ସ ଉଦ୍ଦେଶ୍ୟରେ ପଚାରିଲେ -

"ୟା' ଭିତରେ କାନ୍ଦିଥିଲା କି ପିଲା ?"

"ଆସିଲା ପରେ ଅଳ୍ପ ଟିକେ କାନ୍ଦିଥିଲା । ଆଉ କାନ୍ଦିନାହିଁ ।" ଉଭୟେ ଏଥର ବାହାରକୁ ଆସିଲେ । ଆସିଲା ବେଳେ ନର୍ସକୁ କହିଲେ -

"ମୁଁ ପିଲାର ଆଡ଼ମିସନ୍ କରି ଆଣୁଛି ।"

ଭବେଶକୁ ସାଙ୍ଗରେ ଧରି କାର୍ତ୍ତିକ ଗଲେ ଆଉଟ୍‌ଡୋର୍ ଏବଂ ଦଶମିନିଟ୍ ପରେ କାମସାରି ଫେରି ଆସିଲେ । ଭବେଶକୁ କାଗଜଟି ନର୍ସକୁ ଦେବାପାଇଁ କହିଦେଇ ଚାଲିଗଲେ ।

ଷ୍ଟୋର୍ ଭିତରକୁ କାର୍ତ୍ତିକବାବୁ ଡାକିନେଲେ ଦୀନନାଥଙ୍କୁ । ପିଅନ ହାତରେ ଚାହା ମଗେଇ ପିଇବାକୁ ଦେଲେ ଏବଂ କହିଲେ -

"ମେଡ଼ିକାଲ୍‌ରେ ଏଠି ସମସ୍ତ ସୁବିଧା ସୁଯୋଗ ଥାଇ ଆପଣ ଶୁଭଦାକୁ ସେ ନର୍ସିଂହୋମ୍ ନେଲେ କାହିଁକି ? ଗତକାଲି ବି ଚାରି ଛ'ଟା କେବିନ୍ ଫାଙ୍କା ଥିଲା । ମୋତେ ଫୋନ୍ କରି କହି ଦେଇଥିଲେ ମୁଁ ସଂଗେ ସଂଗେ ଭଲ ଭି.ଆଇ.ପି. କେବିନ୍‌ଟିଏ ବୁକିଂ କରି ଦେଇଥାନ୍ତି !" (କ୍ରମଶଃ)

---

# ...ଅନୁଦିତ ମିନି ଗପ...

ମୂଳ ହିନ୍ଦୀ- କମଲ କାପୁର
ଅନୁବାଦକ- ବିନୟ କୁମାର ଦାସ
ଅଂଗାରଗଡିଆ, ବାଲେଶ୍ୱର- ୧
ମୋ- ୭୯୭୮୬୦୩୭୩



## ଆଧୁନିକା




କଅଁଳି ଉଠୁଥିବା ନୂଆ ପତ୍ର ପରି କୋମଳାଂଗୀ ସୁନ୍ଦରୀ ନବବଧୂ ବର ସହିତ ସ୍ୱଗୃହ ପ୍ରବେଶ ପାଇଁ ଦୁଆର ମୁହଁରେ ଛିଡା ହୋଇ ରହିଥିଲା । ବରବଧୂଙ୍କର ଗୃହପ୍ରବେଶର କିଛି ବିଧି ବିଧାନ ରହିଛି । ସେତକ କୁ ନିଶ୍ଚୟ ପାଳନ କରିବାକୁ ପଡିବ । ଶାଶୁ ସୁଧାଦେବୀ ଅବଶ୍ୟ ତାର ସମସ୍ତ ବ୍ୟବସ୍ଥା କରିସାରିଛନ୍ତି । ବୋହୂ ଉଦ୍ଦେଶ୍ୟରେ କହିଲେ, " ମା' ଅପୂର୍ବା, ତୋ ସାମ୍ନାରେ ଦୁଆର ବନ୍ଧରେ ଚାଉଳ ଭରା ଶୁଭକଳସ ଥୁଆ ହୋଇଛି । ନିଜ ପାଦରେ ତୁ ତାକୁ ଗଡେଇ ଦେଇ ସିନ୍ଦୁରମିଶା ପାଣିରେ ତୋର ଦୁଇପାଦ ବୁଡାଇ ଚଟାଣରେ ପଦଚିହ୍ନ ଛାଡି ଛାଡି ଏଠାରୁ ତୋ କୋଠରୀ ପର୍ଯ୍ୟନ୍ତ ଚାଲି ଚାଲି ଯାଆ । ସେମିତି ହେଲେ ଏ ଘରର ମାଟି ତୋତେ ଆପଣେଇ ନେବ ଏ ଘରର ଜଣେ ନୂତନ ସଦସ୍ୟା ଭାବରେ । ଏହା ହେଉଛି ଆମର ବିଧି ବ୍ୟବସ୍ଥା । ତୁ ଆଉ ଡେରି କରନା ମା.."

ଅପୂର୍ବା ତଥାପି ସେମିତି ଛିଡା ହୋଇ ରହିଲା । ତା ତରଫରୁ କିଛି ପ୍ରତିକ୍ରିୟା ମିଳିଲା ନାହିଁ । ସୁଧା ଦେବୀ ପୁଣିଥରେ ସେଇ କଥା କହିଲେ । ଏଥର ଅପୂର୍ବା ନିଜର ମୁଣ୍ଡ ହଲାଇ ଏମିତି ସେ କରିପାରିବ ନାହିଁ ବୋଲି ଜଣାଇଦେଲା । ଚମକି ପଡିଲେ ସମସ୍ତେ ଏମିତି ପରିସ୍ଥିତିରେ । ଘର ପ୍ରବେଶ ହୋଇନି..ଅଥଚ ଶାଶୁଙ୍କର ଆଦେଶକୁ ବେଖାତିର ! ସ୍ୱାମୀ ତା ପାପୁଲିକୁ ଚିପି ଦେଇ ଧୀର ସ୍ୱରରେ କହିଲେ , " ମାଆ ଯାହା କହିଲେ ସେଇଆ କର ଅପୂର୍ବା । ଆମ ଘରର ରୀତିନୀତିକୁ ସମ୍ମାନ ଦେବା ତୁମର ପ୍ରଥମ କାମ ।" ଅପୂର୍ବା ସ୍ୱାମୀଙ୍କ କଥାକୁ ରଖିଲା ନାହିଁ । ସେମିତି ଚୁପଚାପ୍ ଛିଡା ହୋଇ ରହିଲା ।

ଉପସ୍ଥିତ ବନ୍ଧୁବାନ୍ଧବ ପଡୋଶୀ ଆଶ୍ଚର୍ଯ୍ୟ ଚକିତ ହୋଇଗଲେ । ନିଜ ନିଜ ଭିତରେ ଫୁଟ୍ ଫାଟ୍ ଆରମ୍ଭ କରିଦେଲେ ।

"ଇଏ କି କଥା ଲୋ ମା.. ଆମ ଆଖି ଉଠିଲା ପାଖରୁ ଆମେ ଏମିତି ଦୃଶ୍ୟ କେବେ ବି ଦେଖିନୁ । "

"ମୁଁ ତ ପ୍ରଥମରୁ ହିଁ ଆଶଙ୍କା କରୁଥିଲି ଏମିତି କିଛି ଗୋଟିଏ ଘଟିବ । ଆରେ ସେ ହେଲା ଧନୀ ଘରର ଝିଅ, ଶିକ୍ଷିତା ଆଉ ଆଧୁନିକା ବି । ସେ କାହିଁକି ଏ ପୁରୁଣା କାଳିଆ ରୀତିନୀତିକୁ ସମ୍ମାନ ଦେବ । କାହିଁକି ମାନିନେବ ଶାଶୁଙ୍କ କଥା ?"

" ଦେଖୁନ..ସେ କେମିତି ସୁନ୍ଦରୀ । ସହରରେ ବଢିଛି । ଛଟକ ତ ଦେଖାଇବ ନିଶ୍ଚୟ । ଏଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି ?"

"ଇଲୋ ଘରେ ନପଶୁଣୁ ମୁଣ୍ଡରେ ଚାଳ ବାଜିଲାଣି... ଆଗକୁ କଣ ହେବ କେଜାଣି ? ବିଚାରୀ ଶାଶୁ !!"

ଶାଶୁ ଅପମାନିତ ହେଲେ ବି ନିଜକୁ ଥଣ୍ଡା ରଖି ସ୍ୱରକୁ ନରମି କହିଲେ, "ଘରର ନିୟମକୁ ସମ୍ମାନ ଦେ ବୋହୂ... ମୋ ସାନକୁହା ମାନ୍ । ଯା..ଆଗକୁ ପାଦ ବଢା ।"

ଏଥର ମୁହଁ ଖୋଲିଲା ଅପୂର୍ବା । ଶାଶୁମା'ଙ୍କୁ ଅନାଇ କହିଲା , "ମା, ଏହି ଶୁଭ କଳସରେ ଗଣେଶ ଦେବତାଙ୍କ ଆକୃତି ଅଙ୍କା ହୋଇଛି । ସେ ଆମର ଇଷ୍ଟ ଦେବତା । ତାଙ୍କୁ ପ୍ରତି କ୍ଷେତ୍ରରେ ପ୍ରଣାମ କରିବା ସମସ୍ତଙ୍କର ନୈତିକ ଦାୟିତ୍ୱ । ପୁଣି କଳସରେ ରହିଛି ଧାନ ଚାଉଳ..ତାହା ତ ଅନ୍ନ ଦେବତା ମାଆ.. ସେମାନଙ୍କୁ ମୁଁ ଜାଣିଶୁଣି ପାଦରେ ଆଘାତ ଦେବି ? ସେ କାମ ମୋ ଦ୍ୱାରା ସମ୍ଭବ ହୋଇପାରିବନି ମା' । ମୋତେ କ୍ଷମା କରି ଦିଅନ୍ତୁ । ପାଣିରେ ସିନ୍ଦୁର ମିଶା ଯାଇଛି । ମୁଁ ତାକୁ ପାଦରେ ମାଡି ଆଗକୁ ଯିବି । ଆପଣ ଜାଣନ୍ତି ମା, ମୋ ସ୍ୱାମୀଙ୍କ ନାମରେ ମୁଁ ସିନ୍ଦୁର ପିନ୍ଧିବି ମୋ ସୀମନ୍ତରେ..ଯାହା ମୋ ମଥାରେ ରହିବ ତାକୁ ମୁଁ ପାଦରେ ଲଗାଇବି ? ଏହା ମୋ ପାଇଁ ମହାପାପ ହେବ ମା' । ଆପଣ ମୋତେ ସ୍ୱୀକାର କରିଛନ୍ତି ମାନେ ତ ଏ ଘର ବି ମୋତେ ଆପଣେଇ ସାରିଛି । ବିଧିବିଧାନ ରୀତିନୀତି ନାମରେଏମିତି ପାପ କାମ କରିବାକୁ ମୋତେ ଆଦେଶ ଦିଅନ୍ତୁ ନାହିଁ ମା, ମୁଁ ମାନିପାରିବି ନାହିଁ ।"

ଏତକ ଶୁଣିଲା ପରେ ସମସ୍ତେ ତଟସ୍ଥ ହୋଇଗଲେ । ବୋହୂ କଥାରେ ଦମ୍ ରହିଥିଲା । ଯୁକ୍ତିଯୁକ୍ତ କଥା କହିଛି ବୋହୂ । କେହି ଜଣେ କହୁଥିବାର ଶୁଣାଗଲା, "ବୋହୂ ଆଧୁନିକା...କିନ୍ତୁ ବିଚାରବନ୍ତ । ତା ଚିନ୍ତାଧାରାରେ ଆଧୁନିକତା ହିଁ ରହିଛି ।"

■ ■ ■

# ଜାତିବାଦର ବିଲୋପ ବନାମ ବିଶ୍ୱାସ

## ॥ ବିନୋଦ ॥



(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଯଦିଓ ମଣିଷ ତିଆରି କରିଥିବା ସମ୍ବିଧାନରେ ସମସ୍ତଙ୍କୁ ସମାନ ଅଧିକାର ପ୍ରଦାନ କରାଯାଇଛି ଠିକ୍ ସେହିପରି ଏହି ମଣିଷ ଚାହିଁଲେ ଆଜନ୍ମରୁ ଜାତିତ୍ୱ ହଟାଇବାଟା ବଡ଼ କଥା ନୁହେଁ । ଏଥିପାଇଁ କେବଳ ମାନସିକତା ଓ ଦୃଢ଼ ଇଚ୍ଛାଶକ୍ତି ଲୋଡ଼ା । ଏଥିଲାଗି ସାଂସ୍କୃତିକ ସ୍ତରରେ ଏକ ନବଜାଗରଣ ଲୋଡ଼ା । ଅନେକ ବଡ଼ ଲେଖକ/କବି/ଔପନ୍ୟାସିକ ଜାତିବାଦ ବିରୋଧରେ ଲେଖା ଲେଖିଛନ୍ତି ହେଲେ ସେମାନେ ନିଜ ସାଙ୍ଗା ଛାଡ଼ିବା ଦେଖାଯାଇନାହିଁ କି ସେମାନଙ୍କ ସନ୍ତାନସନ୍ତତିଙ୍କୁ ଭିନ୍ନ ଜାତିରେ ବିବାହ ଦେବା ଲାଗି ଚାହିଁନାହାନ୍ତି । ଯେଉଁଠି ହୋଇଛି ସେଠାରେ ଆକସ୍ମିକତା ମାତ୍ର ।

ବହୁ ବାବାମାତା, ସାଧୁ ଭାରତରେ ଉତୁରିଛନ୍ତି । ନାନା ପ୍ରକାର ମତର ପ୍ରସାର କରିଛନ୍ତି । ସମତା ବାର୍ତ୍ତା ଦେଇଛନ୍ତି । ହେଲେ ଜାତିବାଦର ବ୍ୟୁହ ଭିତରେ ସେମାନେ ରହିଛନ୍ତି । ଜାତିବାଦ ବିରୋଧରେ ସ୍ୱର ଉତ୍ତୋଳନ ପ୍ରାୟତଃ କରିନାହାନ୍ତି । ନିଜେ ସାଧୁ ହୋଇ ତପସ୍ୟା କରିଦେଲେ ସମାଜରେ ଥିବା କୁସଂସ୍କାର, ଜାତିବାଦ, ମୌଳବାଦ, ସାମ୍ପ୍ରଦାୟିକତାବାଦ ଆଦି ହଟାଇବା ପାଇଁ ବାର୍ତ୍ତା ଦେଇନାହାନ୍ତି । ପରନ୍ତୁ ଜାତିବାଦର କଠୋର ବ୍ୟବସ୍ଥା ଭିତରେ ରହି ଏହି ସବୁ ସ୍ଲୋଗାନ ଦେଇଥିବାରୁ ତାହାର ବିଶେଷ ପ୍ରଭାବ ପଡ଼ିନାହିଁ ।

ମଣିଷର ମାନସିକତାରୁ ଜାତି ସୃଷ୍ଟି । ଏହି ଜାତି ଅନୁସାରେ ନିର୍ଦ୍ଧାରିତ ହୋଇଥାଏ ମାନସିକତା । ଏହି ମାନସିକତାକୁ ଦୂରେଇବା ଲାଗି ସବୁ ସ୍ତରରେ ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ବିପ୍ଳବ ଲୋଡ଼ା ।

ମଣିଷ ସମାଜ ଲାଗି ସବୁଠାରୁ ଅଧିକ କ୍ଷତି ଯଦି କେହି କରିଥାଏ ତାହା ହେଉଛି ଭକ୍ତିବାଦ । ଏହି ଭକ୍ତିବାଦ ମଣିଷକୁ ଅତି ନିକୃଷ୍ଟ କରିଦିଏ । ଏକ ଶୂନ୍ୟ ଭାବନା ଆଧାରରେ ଏକ ଧନ୍ୟ(!) ଜୀବନ ଲାଗି ଯେଉଁ ମନ୍ତ୍ର ଭକ୍ତିବାଦ ପ୍ରଦାନ କରେ ତାହା ପରୋକ୍ଷ ଭାବେ ବସ୍ତୁବାଦୀ ଦର୍ଶନ, ଅର୍ଥନୈତିକ ସମାନତା, ସାମାଜିକ ସମତା ଆଦିକୁ ପଦାଘାତ କରିବାରେ ସକ୍ଷମ ହୁଏ ଏବଂ ଶାସକ, ରକ୍ଷଣଶୀଳ, କ୍ଷମତାଶାଳୀ ଗୋଷ୍ଠୀ ଲାଗି ବିଶେଷ ଉପାଦେୟ ସାବ୍ୟସ୍ତ ହୋଇଥାଏ ।

ଜାତିବାଦ, କୁସଂସ୍କାର, ଅନ୍ଧମାନସିକତା, ଶୋଷଣ, ଦାରିଦ୍ର୍ୟ, ଅପସଂସ୍କୃତି, କୁତ୍ସ ଭାବନା ଆଦି ଭିତରେ ରହି ତଥାକଥିତ ଆନନ୍ଦମୟ ଜୀବନରେ ଲିପ୍ତ ହେବାର ସହଜ ମାର୍ଗ ହେଉଛି ଭକ୍ତିବାଦ । ତେଣୁ ଶହ ଶହ ବର୍ଷ ଧରି ଭକ୍ତିମାର୍ଗ ଦେଶରେ ପରିଲକ୍ଷିତ ହୋଇଥିଲେ ଏହା ଏକ ବିପ୍ଳବ ଆଣିବାରେ ଅକ୍ଷମ ହୋଇଛି, ସାମାଜିକ ସମତା ପ୍ରତିଷ୍ଠା କରିବାରେ ବ୍ୟର୍ଥ ହୋଇଛି, ଅର୍ଥନୈତିକ ଶୋଷଣ ବିରୋଧରେ ମଣିଷମାନଙ୍କୁ ଏକାଠି ସଂଗ୍ରାମ ପଥରେ ନେବାର ପ୍ରତିବଦ୍ଧତାକୁ ହଟାଇଛି ।

ଶ୍ରୀଚୈତନ୍ୟ କୀର୍ତ୍ତନ ବିପ୍ଳବ ଆରମ୍ଭ କରିଥିଲେ । ଏହାର ମୂଳମନ୍ତ୍ର ଥିଲା ମୁସଲମାନ ଓ ବ୍ରାହ୍ମଣ ବିରୋଧରେ ସ୍ୱର ଉତ୍ତୋଳନ । ମାତ୍ର ଜାତିବାଦର ବିଲୋପ ଲାଗି ଏହା ଉଦ୍ଦିଷ୍ଟ ନଥିଲା । ଯଦିଓ ତାଙ୍କ କୀର୍ତ୍ତନ ମଣ୍ଡଳୀରେ ସବୁଜାତି, ବର୍ଣ୍ଣ ଏପରିକି ମୁସଲମାନଙ୍କୁ ବି ନାଚିବାର ଅନୁମତି ଥିଲା ତଥାପି ଜାତିବାଦର ବିଲୋପ ଲାଗି ତାଙ୍କର ବାର୍ତ୍ତା ନଥିଲା ।

ଜାତିବାଦ ପରି ଶହ ଶହ ବର୍ଷ ଧରି ରହିଆସିଥିବା ଏକ ମାନସିକତାକୁ ଦୂର କରିବା ଲାଗି ଅସ୍ତ୍ରଶସ୍ତ୍ର ଜରିଆରେ ବିପ୍ଳବ ସମ୍ଭବ ନୁହେଁ । ଏଥିପାଇଁ ଭିନ୍ନ ଏକ ଆଦର୍ଶର ଆନ୍ଦୋଳନ ଲୋଡ଼ା । ହୃଦୟଗତ ପରିବର୍ତ୍ତନ ଲୋଡ଼ା । ଜାତି, ବର୍ଣ୍ଣ, ଧର୍ମକୁ ପାଥେୟ କରି ଏହି ବିପ୍ଳବ ସମ୍ଭବ ନୁହେଁ । କାରଣ ସବୁଧର୍ମର ଅସ୍ତିତ୍ୱ ବିଶେଷ ଭାବେ ଜାତିବାଦୀ ମାନସିକତାରେ ହିଁ ତିଆରି ହୋଇଛି ।

ନାଜିମାନଙ୍କ ଇହୁଦି ବିରୋଧୀ ମାନସିକତା, ଆରଏସଏସର ମୁସଲିମବିରୋଧୀ ମାନସିକତା ଇତ୍ୟାଦି ଜରିଆରେ ଜାତିବାଦର ବିଲୋପ ସମ୍ଭବ ନୁହେଁ । ଏହି ମାନସିକତା ଜରିଆରେ ବି ଅର୍ଥନୈତିକ ଅସମାନତାର ବିଲୋପ କଳ୍ପନା କରିବା ଭୁଲ । ଏଥିଲାଗି ଏପରି ଏକ ଚେତନାଗତ ସ୍ତରକୁ ସମସ୍ତଙ୍କୁ ଯିବାକୁ ପଡ଼ିବ ଯଦ୍ୱାରା ଜାତିବାଦୀ ମାନସିକତାକୁ ନିଜେ ହିଁ ଦୂର କରିବାକୁ ପଡ଼ିବ । ଏହା ଭାବିବା ଯଥାର୍ଥ ହେବ ଯେ, ମଣିଷ ସୃଷ୍ଟି କାଳରୁ ଜାତିବାଦ ନଥିଲା । ସାରା ବିଶ୍ୱର ମଣିଷ ସମାଜ ଗୋଟିଏ ଥିଲା । କାଳକ୍ରମେ ସଭ୍ୟତାର ବିକାଶ, ବିଜ୍ଞାନର ଯାତ୍ରା, ଅର୍ଥନୈତିକ ସମାଜ ପ୍ରତିଷ୍ଠା ପରେ ଜାତିବାଦର ଅୟମାରମ୍ଭ ହୋଇଥିଲା ଯାହାର ଚେର କ୍ରମଶଃ ସବୃହତ ହୋଇପାରିଛି ।

ବାସ୍ତବରେ ଆଦିବାସୀ ବୋଲି କେହି ନାହାନ୍ତି । ସେମାନଙ୍କୁ ମଣିଷ ହିଁ ଆଦିବାସୀ ବୋଲି ଦର୍ଶାଇଛି । ସେମାନେ ହୁଏତ ଭାରତରେ କାଳକାଳରୁ ଦୁର୍ଗମ ଇଲାକାରେ ଅଣବିକଶିତ ଅବସ୍ଥାରେ ରହିଆସିଛନ୍ତି । ସଭ୍ୟତାର ଆଲୋକ ସେମାନଙ୍କ ନିକଟରେ ପହଂଚିବାକୁ ଅଧିକ ସମୟ ଲାଗିଛି । ତଥାପି ସେମାନଙ୍କ ଅର୍ଥନୈତିକ ସ୍ଥିତି ଦୃଷ୍ଟିରୁ ସେମାନେ ଏବେ ବି ବିକାଶର ସ୍ୱାଦୁ ଚାଖିପାରିନାହାନ୍ତି । ପୁଣି ବ୍ରାହ୍ମଣ, କରଣ, ବୈଶ୍ୟ, ଶୂଦ୍ର ଆଦି ଆରମ୍ଭରୁ ଦେଶରେ ନଥିଲେ । ଏସବୁ ମଣିଷ ହିଁ ସୃଷ୍ଟି କରିଛି । ଏଣୁ ଏସବୁ ବ୍ୟବସ୍ଥାକୁ ଆଉ କେହି ଭାଙ୍ଗିପାରିବେ ନାହିଁ କେବଳ ମଣିଷ ବ୍ୟତୀତ ।

ପ୍ରାଥମିକ ସ୍ତରରୁ ଉଚ୍ଚଶିକ୍ଷା ଯାଏ ହଜାର ହଜାର ପାଠ୍ୟପୁସ୍ତକ ପ୍ରକାଶିତ ହୋଇଛି । ଜାତିବାଦର ସୃଷ୍ଟି ସମ୍ପର୍କରେ କିଛି କିଛି ତଥ୍ୟ ଉପସ୍ଥାପିତ ହୋଇଛି । ମାତ୍ର ଜାତିବାଦର ବିଲୋପ ଲାଗି ପ୍ରାଥମିକ ଶିକ୍ଷାସ୍ତରରୁ କୌଣସି ଉଦ୍ୟମ ହୋଇନାହିଁ । ଯଦିଓ ସବର୍ଣ୍ଣ ଅସବର୍ଣ୍ଣ, ଜାତିଭେଦ ଆଦି କିଛିଟା ବିଦ୍ୟାଳୟରେ ଲୋପ ପାଇଛି ମାତ୍ର ସାମାଜିକ ସ୍ତରରୁ ଏହି କୁସଂସ୍କାର ହଟାଇବା ଲାଗି ଶିକ୍ଷାରେ ପ୍ରତିଫଳିତ ହୋଇପାରିନାହିଁ ।

ଜାତିବାଦକୁ ସବୁଠାରୁ ବେଶୀ ଶକ୍ତିଶାଳୀ କରୁଛି ସଂରକ୍ଷଣ ରାଜନୀତି । ନିମ୍ନବର୍ଗର ଜାତି, ଆଦିବାସୀ, ପଛୁଆ ଗୋଷ୍ଠୀଙ୍କ ଉତ୍‌ଥାନ ଲାଗି ଲାଗୁ କରାଯାଇଥିବା ସଂରକ୍ଷଣ ନୀତି ଯୋଗୁ ବାସ୍ତବରେ ଦେଶରେ ଆଖିଦୃଶିଆ ଭାରସାମ୍ୟ ରକ୍ଷା ପାଇଲା ନାହିଁ ପରନ୍ତୁ ଜାତିବାଦ ଅଧିକ କଠୋର ହେଲା । ଯେଉଁ ଜାତି ଲାଗି ଯେତେ ଅଧିକ ସଂରକ୍ଷଣ ସୁବିଧା କରାଯାଉଛି ସେହି ଜାତିର ଶୃଙ୍ଖଳ ସେତେ ଶକ୍ତିଶାଳୀ ହେବାରେ ଲାଗିଛି । ଏପରିକି ଅଧିକରୁ ଅଧିକ ଜାତି ସଂରକ୍ଷଣ ଦାବିରେ ଏକତ୍ରିତ ହେଉଛନ୍ତି, ଜାତିବାଦୀ ମାନସିକତାକୁ ଅଧିକ ଶକ୍ତିଶାଳୀ କରୁଛନ୍ତି ।

ସାମାଜିକ ଭାବନା ସ୍ତରରୁ ସରକାରୀ ପ୍ରୋତ୍ସାହନ ବାସ୍ତବରେ ଜାତିବାଦକୁ ଅଧିକ କଠୋର କରୁଛି । ଏହା ସହ ଗଣମାଧ୍ୟମ ବି ଏସବୁକୁ ସହଯୋଗ କରୁଛି । ଗଣମାଧ୍ୟମ ଏକ ସୁସ୍ଥ ସମାଜ ଗଠନ କରିବା ଲାଗି ଯେଉଁ ଉଦ୍ୟମ କରିବା କଥା ତାହା କରୁନାହିଁ ବରଂ ସମସ୍ତ ସରକାରୀ ନିୟମ, ନୀତି, ଆଇନକୁ ସୁନାପୁଅ ଭଳି ମାନିବା ପରିଲକ୍ଷିତ ହେଉଛି ।

ହିନ୍ଦୁମାନେ ଦେବଦେବୀ ପୂଜା କରିବାରେ ବିଶ୍ୱରେ ନମ୍ବର ୱାନ । ହଜାର ହଜାର ଦେବଦେବୀଙ୍କୁ ସେମାନେ ପୂଜା କରନ୍ତି । କିଏ ବିଦ୍ୟା ପାଇଁ ତ କିଏ ଧନ ଲାଗି । ବିଭିନ୍ନ ସ୍ୱାର୍ଥରେ ସେମାନେ ପୂଜାକୁ ପ୍ରାଧାନ୍ୟ ଦିଅନ୍ତି । ମାତ୍ର ସେମାନଙ୍କ ଭିତରେ ଯେ ଜାତିବାଦ ପରି ଏକ ଭୟଙ୍କର, କୁତ୍ସିତ, ଅପସଂସ୍କୃତି ସମ୍ପନ୍ନ ବିଷ ଭରି ରହିଛି ଏହା ସେମାନେ ଜାଣିପାରନ୍ତି ନାହିଁ । ଜୀବଜନ୍ତୁଙ୍କ ମାଂସ ଖାଇ ଯେପରି ଅହିଂସା ମାର୍ଗ ଅନୁସରଣ କରନ୍ତି, ଶୁଦ୍ଧ ବାର ଦେଖି ଆମିଷ ଖାଆନ୍ତି ନାହିଁ ଏବଂ ଆମିଷ ବାରରେ ଆମିଷ ଖାଆନ୍ତି ଠିକ୍ ସେପରି ସେମାନେ ଦେବଦେବୀଙ୍କ ନିକଟରେ ନାନା ପ୍ରକାର ସ୍ୱାର୍ଥ ବିଷୟକ କାମନା କରିଥାନ୍ତି ।

ଜୀବଜଗତରେ ସବୁଠାରୁ ଶ୍ରେଷ୍ଠ ପ୍ରାଣୀ ବୋଲି ମଣିଷକୁ ହିଁ କୁହାଯାଏ । ହେଲେ ଏହା କେବଳ ମଣିଷ ହିଁ କହିଥାଏ । ଅନ୍ୟ କୌଣସି ଜୀବଜନ୍ତୁ ମଣିଷକୁ ଶ୍ରେଷ୍ଠ ବୋଲି ଭାବନ୍ତି କି ନ ଭାବନ୍ତି ତାହା ଜଣାପଡ଼େନାହିଁ । ମାତ୍ର ଏହା ସତ୍ୟ ଯେ ମଣିଷକୁ ଦେଖିଲେ ବାଘ ଖାଇବାକୁ ଗୋଡ଼ାଏ, ପାଦରେ ଦଳି ମାରିଦେବାକୁ ହାତୀ ଗୋଡ଼ାଏ, ଦଂଶନ କରିବାକୁ ସାପ ଗୋଡ଼ାଏ ଇତ୍ୟାଦି । ମଣିଷଙ୍କୁ ଶହ ଶହ ପ୍ରକାର କୀଟ, ଜୀବଜନ୍ତୁ ଆକ୍ରମଣ କରିଥାନ୍ତି । ତେଣୁ ମଣିଷକୁ ବୋଧହୁଏମାନେ ଶ୍ରେଷ୍ଠ ପ୍ରାଣୀ ବୋଲି ଗ୍ରହଣ କରି ନଥାନ୍ତି ।

ମଣିଷ ଅହିଂସା କଥା କୁହେ । ମାତ୍ର ହଜାର ହଜାର ପଶୁଙ୍କୁ ବଳି ଚଢ଼ାଏ, ତା'ର ମାଂସ ଖାଏ । ମଣିଷ ସଭ୍ୟ ବୋଲି ଦାବି କରେ । ମାତ୍ର ବିଭିନ୍ନ ଅସାଧ ସାଧନ କରିବା ଆଶାରେ ଦେବଦେବୀଙ୍କ ନିକଟରେ ମାନସିକ କରେ ।

ଏକ ଗଣତାନ୍ତ୍ରିକ ତଥା ଭୋଟକୈନ୍ଦ୍ରିକ ରାଷ୍ଟ୍ରରେ ଜାତିବାଦର ସ୍ଥିତି ଅତି ମଜଭୁତ । ଏହାର ଚେର ଅତି ଗଭୀରକୁ ଯାଇଛି । ନା କୌଣସି ରାଜନୈତିକ ଶକ୍ତି ନା କୌଣସି ସଚ୍ଚା ସମାଜସେବୀ ଏହାର ବିରୋଧ କରନ୍ତି । ଯେଉଁ କିଛି ବ୍ୟକ୍ତି ସମାଜସେବୀ ବୋଲାନ୍ତି ସେମାନେ ହୁଏତ ପରିସ୍ଥିତି ଚାପରେ କିଛି ଗୋଟାଏ ପ୍ରଗତିଶୀଳଧର୍ମୀ କାର୍ଯ୍ୟ କରନ୍ତି । ଏପରି କିଛି ତଥାକଥିତ ପ୍ରଗତିଶୀଳ କର୍ମୀ ଅଛନ୍ତି ଯେଉଁମାନେ ନିମ୍ନଜାତିର ହୋଇ ତାଙ୍କଠାରୁ ଅଧିକ ନିମ୍ନଜାତିର ନାରୀଙ୍କୁ ବିବାହ କରନ୍ତି ନାହିଁ । ବରଂ ଉଚ୍ଚଜାତିର ତଥା ଚାକିରି କରିଥିବା ମହିଳାଙ୍କୁ ବିବାହ କରି ବାହାବା ନିଅନ୍ତି ।

ତେଣୁ ଜାତିବାଦକୁ ହଟାଇବା ଏକ ସାମଗ୍ରିକ ବ୍ୟବସ୍ଥାଗତ ପରିବର୍ତ୍ତନକୁ ପାଥେୟ କରେ । ଶିକ୍ଷା, ଆଇନ, ସାମାଜିକ, ରାଜନୈତିକ, ବ୍ୟକ୍ତି ଆଦି ସ୍ତରରେ କ୍ଷେତ୍ର ପ୍ରସ୍ତୁତ ହେଲେ ଜାତିବାଦ ନିଶ୍ଚୟ ଦୂରୀଭୂତ ହୋଇପାରିବ ।
(ସମାପ୍ତ)

+ ଭୁବନେଶ୍ୱର
(ମୋ) ୯୪୩୭୧୬୪୭୬୪

## କଥାକବିତା

### କବିର ପ୍ରାର୍ଥନା



କମଳ କୁମାର ମହାନ୍ତି

ଜୀବନ ଝଳି ଉଠୁଛି । ତା'ର ଚମକ କେତେ ସୁଖ ଆଣେ ! ଅଥଚ ତା'ର ଡାକ ଶୁଭୁ ନାହିଁ । ତା'ର ଅମୃତ ଆହ୍ୱାନକୁ ଆଢୁଆଳରେ ରଖି ମୃତ୍ୟୁର ଜୟଗାନ କରୁଛୁ ଆମେ । ଆଗରେ ତ ହାତଠାରି ଡାକୁଛି ପ୍ରଥମ ବର୍ଷା, ମାଟିଗନ୍ଧ । ତା' ସଙ୍ଗେ ଏକ ସାବଜା ପ୍ରଗଲ୍‌ଭତା । ଝର୍କା ବାହାରେ ଜହ୍ନ ହସୁଛି, ହସୁଛି ଚେନାଏ ଆକାଶ । ଉଡ଼ି ଯାଉଛନ୍ତି ଭଦଭଦଳିଆ, ବଗ, ସାରସ, ଗେଣ୍ଡାଳିଆ । ମନେ ପଡ଼ିଯାଉଛି ଭାଗବତ ଙ୍କ, ସନାତନୀ ଭୋର୍ ବେଳାର ଜିଗର । ସେ ଜୀବନର ସଂଧାନ ଆଉ କେବେ କରିବା !

ସତରେ ସ୍ୱପ୍ନ ହଜିଛି ମନରୁ । ସ୍ୱପ୍ନହୀନତାର ଶବ୍ଦସବୁ ଆଜି ଆମ ସର୍ଜନାରେ ପରିପୁଷ୍ଟ ହେଉଛନ୍ତି । ସ୍ୱପ୍ନ ଓ କଳ୍ପନା ବିଳାସର ପ୍ରୀତିକଣା ହଜିଛି ମନରୁ । ହୃଦୟର ହିରଣ୍ମୟ ଗର୍ଭରେ ସଂଚାର ହେଉନାହିଁ ପ୍ରେମର ପରମ ଅଭିନିବେଶ । ଖବର ସାଉଁଟି ଜ୍ଞାନର ଚୌହାଦୀକୁ ସଂକୀର୍ଣ୍ଣ କରିଦେଇଛୁ ଆମେ । ଜ୍ଞାନର ଗମ୍ଭୀରା ଭିତରେ ହଜିଯାଇଛି ପ୍ରଜ୍ଞାର ପରାକାଷ୍ଠା । ପ୍ରେମର ମହାର୍ଘ ଅନୁଭବ ଫୁର୍ କରି ଉଡ଼ିଯାଇଛି ହୃଦୟରୁ । ଧୀରେ ଧୀରେ ପ୍ରେମ ଭାଙ୍ଗିଯାଉଛି । ଧସି ଯାଉଛି ତା'ର ମୁଲାୟମ ପ୍ରତିକୃତି । ଧର୍ଷିତ ହେଉଛି ତା'ର ଆଦର୍ଶ । ଉଜୁଡ଼ି ଯାଉଛି ତା'ର ସଂସ୍କାର । ପ୍ରେମ ଆଉ ପୁଞ୍ଜି ହୋଇ ନାହିଁ ପ୍ରେମିକର । ସେ ଫେରି ଯାଇଛି ଅନିର୍ଦ୍ଦିଷ୍ଟ ଦିଗକୁ ।

ମାତ୍ର ପ୍ରେମପାଇଁ କବିଟିଏ ପ୍ରାର୍ଥନା କରୁଛି ଅହରହ । ଦେବୀ ମଣ୍ଡପରେ ଦୀପଟିଏ ଲଗାଇ ଆହ୍ୱାନ କରୁଛି ପ୍ରେମକୁ । ହେ ପ୍ରେମ ! ଆସ, ଲୁହ ହୋଇ ଝର । ହସ ହୋଇ ବର୍ଷିଯାଅ । ସତରେ ପ୍ରେମର ଛୁଆଁରେ ଶବ୍ଦ ସବୁ ଓଁକାର ପାଲଟିଯାଆନ୍ତା କି ! ସକାଳ ନୂଆ ହୋଇ ଉଦେ ହୁଅନ୍ତା କି ସବୁରି ମନରେ । କବିତା ପରି ଲାଗୁଥାନ୍ତା ସବୁ ଅନୁଭବ । ସ୍ୱଚ୍ଛନ୍ଦରେ ମଂଦ୍ରିତ ହେଉଥାନ୍ତା ତା'ର ମୂର୍ଚ୍ଛନା । ମୃତ୍ୟୁରେ ବି ଖୋଜିଲେ ମିଳି ଯାଉଥାନ୍ତା ଜୀବନ । ସବୁ ଚିନ୍ତାରେ ରୂପାୟନ ହେଉଥାନ୍ତା ମହାଚେତନା । ସବୁ ହସରେ ମିଳନ୍ତା ସଂଧାନ । ସବୁ ଗୀତ ହେଉଥାନ୍ତା ମନ୍ତ୍ର । ସବୁ ମଣିଷ ପାଲଟି ଯାଆନ୍ତେ ନୂଆ ସର୍ଜନାର ନାନ୍ଦୀକାର । ସବୁ ପୂଜାରେ ମିଳୁଥାନ୍ତା ଧୂପବାସ୍ନା, ଧଣ୍ଡାମାଳ । ସବୁ ମନସ୍କାମ ହୁଅନ୍ତା ସଫଳ ।




## ॥ ଅନ୍ଧ ॥



କୃଷ୍ଣ ଚନ୍ଦର୍
(୧୯୧୪-୧୯୭୭)

ଧର୍ମ ମଣିଷର ଚକ୍ଷୁ ଭଳି । ତାକୁ ସୁପଥରେ ପରିଚାଳିତ କରିବା ପାଇଁ ଏହାର ସର୍ଜନା । କିନ୍ତୁ ବେଳେ ବେଳେ ଏଇ ଧର୍ମ ହିଁ ମଣିଷ ପାଇଁ ସାଜେ ଅନ୍ଧପୁତୁଳି । ଧର୍ମାନ୍ଧ ମଣିଷ କୁପଥରେ ମାଡ଼ିଚାଲେ ଆଗକୁ । ଭୟାଭୟ ହିଂସାରେ ଧରିତ୍ରୀ ମାତାର ପଣତ ହୁଏ ରକ୍ତରଞ୍ଜିତ । ସେଥିପାଇଁ ଧର୍ମକୁ ଅଫିମ ବୋଲି କହନ୍ତି ବାମପନ୍ଥୀ । ଏଇ ଅଫିମର ଆକଣ୍ଠ ସେବନରେ ମାତାଲ ହୋଇ ଭାରତ ଭୂଖଣ୍ଡରେ ସ୍ୱାଧୀନତା ପୂର୍ବରୁ ଯେଉଁ ପାଶବିକ ତାଣ୍ଡବର ରଚନା ହୋଇଥିଲା ତା'ରି ଜ୍ୱଳନ୍ତରୂପ ଆମେ ଦେଖିବାକୁ ପାଉ ପ୍ରଖ୍ୟାତ ଉର୍ଦ୍ଦୁ କଥାକାର କୃଷ୍ଣ ଚନ୍ଦରଙ୍କ ବିଭିନ୍ନ ଗଳ୍ପରେ । ତନ୍ମଧ୍ୟରୁ ପ୍ରଥମ ପୁରୁଷରେ ଲେଖା 'ଅନ୍ଧ' ଗଳ୍ପରେ ଦେଶ ବିଭାଜନ ସମୟରେ ଲାହୋର ସହରରେ ସଂଘଟିତ ହୋଇଥିବା ହିଂସାର ଏକ ନଗ୍ନନମୂନା କିଛି ଏଇମିତି ....

ଚୌକ ବସ୍ତିର 'ପୀର ଜହାଜୀ' ଗଳିରେ ମାତ୍ର ଦୁଇଘର ହିନ୍ଦୁ ରହୁଥିଲେ । ତିନିତାଲା ବିଶିଷ୍ଟ ସବୁଠାରୁ ଉଚ୍ଚ ଘରଟି ଲାଲା ବଂଶୀଲାଲ ଖତ୍ରୀଙ୍କର । ସେ ପଞ୍ଜାବୀ ନୁହେଁ ହିନ୍ଦୀ ଭାଷାଭାଷୀ, ଉତ୍ତର ପ୍ରଦେଶର ଲୋକ । ସେଥିପାଇଁ ପଞ୍ଜାବୀମାନେ ତାଙ୍କୁ ଘୃଣା କରନ୍ତି । ତାଙ୍କ ଘରର ସ୍ତ୍ରୀଲୋକେ ନାଚଗୀତ ପସନ୍ଦ କରନ୍ତି । ୨୪ ଘଣ୍ଟା ରେଡ଼ିଓ ବାଜୁଥାଏ । ଘରର ସବୁଠୁ ଛୋଟ ଝିଅ ପୁଷ୍ପା, ୧୬/୧୭ ବର୍ଷର ହୋଇଥିବ । ତାଙ୍କ ତିନିତାଲା ଛାତ ଉପରେ ଛିଡ଼ାହୋଇ ମୋତେ ଆକର୍ଷିତ କରିବା ଉଦ୍ଦେଶ୍ୟରେ ନାଚେ । ମୁଁ ଛାତ ଉପରକୁ ଉଠିଯାଇ ଏକଲୟରେ ତାକୁ ଅନାଇ ରହେ । ଆମେ ମୁସଲମାନ, ସେ ହିନ୍ଦୁ । ମୁଁ ଚମାର, ସେ ହିନ୍ଦୁ ଖତ୍ରୀ । ଥିଲାବାଲା ଲୋକ ହୋଇଥିବାରୁ ତାଙ୍କର ଢେର ଗର୍ବ । ଆମ ଗଳିରେ କେବେ ବାହାରେ ବୁଲାବୁଲି କରନ୍ତିନି । ଘରୁ ବାହାରିଲେ ଗାଡ଼ିରେ ଚଢ଼ି ଚାଲିଯାଆନ୍ତି ଲରେନ୍ସ ବାଗ୍ । ଆମ ସ୍ତ୍ରୀଲୋକଙ୍କର ଏଣେ ରନ୍ଧାବଢ଼ା ଠୁଁ ବଜାର ସଉଦା ପର୍ଯ୍ୟନ୍ତ ସବୁକାମରେ ନାକ ପୋଛିବାକୁ ବି ତର ନଥାଏ । ସମସ୍ତେ ତେଣୁ ଏଇ ଖତ୍ରୀ ପରିବାରକୁ ଈର୍ଷା କରନ୍ତି । ଏମାନେ ବି ଭାରି ନୀଚ ପ୍ରକୃତିର । ମୁସଲମାନଙ୍କୁ ଘୃଣା କରନ୍ତି । ଆମସହ ବିଶ୍ୱାସଘାତ କରିବା ତ ପ୍ରତ୍ୟେକ କାଫେରର ରକ୍ତରେ ଥିବା ଗୁଣ । ହିନ୍ଦୁମାନେ ଆମ ମୁସଲମାନଙ୍କ ଭଳି ବିଶାଳ ହୃଦୟ କୋଉଠୁ ପାଇବେ । ଏମାନଙ୍କ ତୁଣ୍ଡରେ ମିଠା ତ ଭିତରେ ହଳାହଳ ବିଷ । ହିନ୍ଦୁଙ୍କ ଉପରେ ଭରସା କଲେ ମୃତ୍ୟୁ ସୁନିଶ୍ଚିତ ।

ଦ୍ୱିତୀୟ ଘର ରାମନାରାୟଣ ବ୍ରାହ୍ମଣର । ଠିକ୍ ଆମ ଘର ସାମ୍ନାରେ ସେମାନେ ରହନ୍ତି । ରାମନାରାୟଣର ମା' ଥିଲା ଠିଆଖଣ୍ଡା, ସାକ୍ଷାତ ରଣଚଣ୍ଡୀ । ଗଳିର ସବୁ ସ୍ତ୍ରୀଲୋକ ଗୋଟେ ପଟେ ତ ସେ ଏକା ଆରପଟେ । ଗାଳି ଲାଗିବାରେ ତା'ର ସମକକ୍ଷ ସେଇ ଖଣ୍ଡମଣ୍ଡଳରେ କେହି ନଥିଲେ । ସେ ବଜାତ୍ ମାଇକିନାର କଥା ଏତେ କଟୁ ଯେ ତୁମ କଳିଜା ବି ସିଝିଯିବ । ସଭିଏଁ ତାକୁ ଭୟରେ ହାତ ଯୋଡ଼ନ୍ତି । କେହି ଭଲ ପାଆନ୍ତିନି । ହେଲେ, ରାମନାରାୟଣଟା ଭାରି ଭଲ, ଯାହାକୁ କହନ୍ତି ଗାଈଗଙ୍ଗା । ସଭିଙ୍କ ସହ ହସି ହସି କଥାବାର୍ତ୍ତା କରେ । ତା' ମୁହଁରୁ କେବେ ମୁଁ କଡ଼ାକଥା ପଦେ ଶୁଣିନାହିଁ । ଏମିତି ଲୋକ କୋଉ କର୍ମର ନୁହେଁ । ଘରେ ବାସନ ଥିଲେ କେତେବେଳେ କେମିତି ଖଣ୍‌ଖାଣ ହେବ ନିଶ୍ଚିତ । ସେତିକି ନହେଲେ ଜୀବନର କି ମଜା ! ଯେତେବେଳେ ଦେଖିଲେ ତଳକୁ ମୁହଁପୋତି ଗଳିରୁ ବାହାରକୁ ବା ଭିତରକୁ ଆସୁଥାଏ । କେହି ଡାକିଲେ ବତିଶ ଦାନ୍ତ ଦେଖାଇ ହାତ ଯୋଡ଼ିଦିଏ । ରାମନାରାୟଣର ଚାରିଟା ଛୁଆ । ତିନିଟା ସ୍କୁଲରେ ପଢୁଥିଲେ । ଚତୁର୍ଥଟି ବର୍ଷକର । ତାକୁ ସବୁବେଳେ ତା' ମା' ଛାତିରେ ଓହଳି ଦୁଧ ପିଉଥିବାର ମୁଁ ଦେଖିଛି । ଏଇ ହିନ୍ଦୁ ସ୍ତ୍ରୀଲୋକମାନେ ବଡ଼ ଅଲାଜୁକି, ବେହିୟା । ନା ପର୍ଦ୍ଦା ନା ଲୋକଲାଜ । ସଭିଙ୍କ ସାମ୍ନାରେ ଛାତିଖୋଲି ଛୁଆଙ୍କୁ କ୍ଷୀର ଖୁଆନ୍ତି । ଆଉ ତାଙ୍କ ଛୁଆମାନେ ବି ଶଃ... ଚୁଚୁମି ଚାଲିଥାନ୍ତି ଯେମିତି .... ।

ଲାହୋରରେ ଦଙ୍ଗା ଆରମ୍ଭ ହେବାରୁ ସ୍ଥାନେ ସ୍ଥାନେ ଶାନ୍ତିରକ୍ଷା କମିଟି ଗଠନ କରାଯାଏ । ଆମ ଗଳିରେ ବି ଗୋଟିଏ କମିଟି ହୁଏ । ଲାଲା ବଂଶୀରାମ ଓ ରାମନାରାୟଣ ସେଥିରେ ସାମିଲ ହୁଅନ୍ତି । ଆମେ କିନ୍ତୁ ସେସବୁ ଝଞ୍ଜଟ୍‌ରେ ନଥାଉ । ଆମ ମୁସଲମାନମାନଙ୍କ ତରଫରୁ ମସଜିଦ୍‌ର ମୁଲ୍ଲା ଓ କାଠଗୋଦାମର ମାଲିକ ଫତେହ ମୁହମ୍ମଦକୁ ପଠାଇ ଦେଉ । ପ୍ରକୃତରେ ଆମର ଇଚ୍ଛା ନଥିଲା ଏଇ ଶାନ୍ତିରକ୍ଷାରେ । ମାରପିଟ୍ ଦଙ୍ଗାହଙ୍ଗାରେ ଯେଉଁ ମଜା ଅଛି ତାହା ଅନ୍ୟତ୍ର କୋଉଠୁ ମିଳିବ ? ଭିତରେ ପରସ୍ପର ପ୍ରତି ଭରିରହିଛି ହଳାହଳ ବିଷ ଆଉ ଉପରେ ଶାନ୍ତିରକ୍ଷା ଉଦ୍ଦେଶ୍ୟରେ କମିଟି ! ଲାଲା ବଂଶୀରାମ ଖୁବ୍ ଚିନ୍ତିତ ଥାଆନ୍ତି । ଧାଉଁଥାନ୍ତି ଏଠୁ ସେଠିକି । ଚୌଧୁରୀ ଫତେହ ମୁହମ୍ମଦ ସିଧା ସିଧା କହିଦିଏ, ଠିକ ଢଙ୍ଗରେ ରହିଲେ କୌଣସି ମୁସଲମାନ ତାଙ୍କ ଉପରକୁ ହାତ ଉଠେଇବେନି ବୋଲି । ଆଉ ଟିକିଏ ବି ଉଁ ଚୁଁ କଲେ ଧନଜୀବନର ସତ୍ତା ରହିବନି । ଲାଲା ହାତଯୋଡ଼ି କହୁଥାଏ ସେମାନେ ପଚାଶ ବର୍ଷ ହେଲା ଏଠି ସାଇଭାଇ ହୋଇ ରହିଛନ୍ତି ତା' ଜେଜେବାପା ଲାଲା 'ସଲଖନ୍ ରାମ' ଅନରାରୀ ମାଜିଷ୍ଟ୍ରେଟଙ୍କ ଅମଳରୁ ବୋଲି । ତା କଥା ଶୁଣି ବୁଢ଼ାଟିଏ ଉତ୍ୟକ୍ତ ହୋଇ କହେ, "ସେକଥା ଛାଡ଼ିଦେ । ଏକ ନମ୍ବରର ହାରାମୀ ଥିଲା ତୋ ଜେଜେ ସଲଖନ୍ ରାମ । ଛୋଟିଆ କଥାରେ ମୋ ପୁଅକୁ ୬ ମାସ ଜେଲଦଣ୍ଡ ଦେଇଥିଲା ସେ ଶଳା । ବଣିଆ ଦୋକାନରୁ ଦଶଟଙ୍କା ଉଠେଇ ନେଇଥିଲା ବୋଲି ୬ ମାସ... ।" ସବୁକଥା ମୁଣ୍ଡ ତଳକୁ ପୋତି ଶୁଣେ ଲାଲା । ଟିକିଏ କଥା ବିଗିଡ଼ିଲେ ଚମଡ଼ା ଛେଲି ଦେବାକୁ ଲୋକେ ଅନେଇ ବସିଥିଲେ ସେଦିନ । ଶାନ୍ତିରକ୍ଷା କମିଟି କିଛିଦିନ ପରେ ଆପେ ଆପେ ନିଷ୍କ୍ରିୟ ହୋଇଯାଏ ।

ପ୍ରଥମେ ଉଭୟ ସମ୍ପ୍ରଦାୟ ମଧ୍ୟରେ କେବଳ ବାକ୍‌ବିତଣ୍ଡା ଚାଲୁଥିଲା ହେଲେ ବିହାରରେ ମୁସଲମାନଙ୍କ ଉପରେ ଆକ୍ରମଣର ଖବର ଶୁଣି ଆମ ଦେହରେ ନିଆଁ ଲାଗିଯାଏ । ଏଇ ଶଳା କାଫେରଗୁଡ଼ା କିଛି ନକହିବାରୁ ବଢ଼ି ବଢ଼ି ମୁଣ୍ଡ ଉପରକୁ ଚଢ଼ିଲେଣି । ଆରେ ଭୁଲିଗଲ କି, ଏଇ ଗତକାଲିଯାଏ ପରା ଆମେ ହିନ୍ଦୁସ୍ଥାନର ବାଦଶାହ ଥିଲୁ । ତୁମେସବୁ କାଫେର ଆମ ଜୋତା ଚାଟୁଥିଲ । ଆଜି ଏଡ଼େ ସାହସ ! ଆମେ କିଛି ବନ୍ଧୁ ଏଇ ହିନ୍ଦୁମାନଙ୍କୁ ମଜା ଚଖେଇବାର ନିଷ୍ପତ୍ତି ନେଉ । ଆମ ଯୋଜନା ବିଷୟରେ ଅବଗତ ହୋଇ କେହି କେହି ପୁରୁଖା ଆମକୁ ଗାଳି ଦିଅନ୍ତି ହେଲେ ଆମେ ତାଙ୍କ କଥାକୁ କର୍ଣ୍ଣପାତ ବି କରୁନା । ସୁରକ୍ଷା ଦୃଷ୍ଟିରୁ ଘରର ସ୍ତ୍ରୀଲୋକ ଓ ଛୁଆମାନଙ୍କୁ 'ଭାଇଗେଟ୍' ପଠାଇଦେଉ । କିଛିଦିନ ପରେ ଲାହୋରରେ ବାଜେ ହିଂସାର ବିଗୁଲ । ଆରମ୍ଭ ସେଇ ହିନ୍ଦୁମାନେ କରନ୍ତି । କୃଷ୍ଣଗଳିରେ, ରାମଗଳିରେ, କୃଷ୍ଣନଗରରେ, ସନ୍ତନଗରରେ, ଶାହ ଆଲ୍‌ମୀରେ.... ଲାହୋରରେ ଯେଉଁଠି ଯେଉଁଠି ହିନ୍ଦୁ ଅଧିକ ଥିଲେ ସେଇଠି ଦୈନିକ ଜଣେ ଦୁଇଜଣ ଲେଖାଁ ମୁସଲମାନ ହଣା ହେବାକୁ ଲାଗନ୍ତି । ଆମେ କୋଉ ଚୁପ୍ ବସିବା ଲୋକ ଯେ ? ମୁସଲମାନ ଗରିବ, ବୋକା, ଅଳସୁଆ ହୋଇପାରେ ହେଲେ ଭୟାଳୁ କେବେନୁହେଁ । ଥରେ ଆଲ୍ଲାଙ୍କ ନାଁ ନେଇ ମୁସଲମାନ ଉଠିଲା ତ ଦୁଇ ତିନିଦିନରେ ହିନ୍ଦୁ ତଥା ଶିଖଙ୍କ ହାଲତ ଖରାପ । ଆକବରୀ ଦରୱାଜାରୁ ଭାଇଗେଟ୍ ଆଉ ଶାହ ଆଲ୍‌ମୀରୁ ଶାହୀ ମୁହଲ୍ଲା ପର୍ଯ୍ୟନ୍ତ ସବୁଠି 'ନାରାୟେ ତକ୍‌ବୀର' ଶୁଭିବାକୁ ଲାଗେ । ପୀର ଜହାଜୀ ଗଳିର ମୁସଲମାନ ବି ମାତି ଉଠନ୍ତି । ପ୍ରଥମେ ଆମେ ଲାଲା ବଂଶୀରାମଙ୍କ ଘରେ ପଶିବାକୁ ଚେଷ୍ଟାକରୁ । ଏଇ କିଛିଦିନ ପୂର୍ବରୁ ଦୁଆରମୁହଁରେ ଲୁହାର ବଡ଼ କବାଟ ଲଗାଇ ଦେଇଥିବାରୁ ଭିତରକୁ ଯିବା ସମ୍ଭବ ହୋଇପାରେନି । କିଛିସମୟ ହୋ ହଲ୍ଲା ପରେ ମଧ୍ୟ ସେମାନେ କବାଟ ନଖୋଲିବାରୁ ବାହାରପଟୁ କିଳିଣି ଲଗାଇ ଘରେ ନିଆଁ ଲଗାଇଦେଉ । ଶଳେ ମର ଏଥର ତନ୍ଦୁର ଭଳିରେ । ଲୁଟିବା ପାଇଁ କେତେ ଜିନିଷ ଥିଲା ତା'ଘରେ । ହେଲେ କ'ଣ ବା କରିବୁ ? ଭିତରକୁ ପଶିପାରିଥିଲେ ସିନା ସାଉଁଟି ଆଣିଥାନ୍ତୁ । ଚୁଲୀ ଭିତରେ ଶୁଖା କାଠ ଭଳି ଘର ହୁ ହୁ ହୋଇ ଜଳୁଥାଏ । ଖୁବ୍ ଉଚ୍ଚକୁ ଉଠୁଥାଏ ନିଆଁ । ଲାଲା, ନିଜକୁ ଓ ତା' ପରିବାରବର୍ଗଙ୍କୁ ବଞ୍ଚେଇବା ପାଇଁ ଖୁବ୍ ଚେଷ୍ଟା କରେ । ତା' ହାରିଗୁହାରିକୁ ଆମେ କର୍ଣ୍ଣପାତ କରୁନା । ପୁଷ୍ପାଟା ବିଚାରୀ ମରିଗଲା ବୋଲି ମୋର ଯାହା ଅବସୋସ । କ'ଣ ବା କରିପାରିଥାନ୍ତି ଯେ ? ତାକୁ ବଞ୍ଚେଇବା ପାଇଁ ପ୍ରୟାସ କରିଥିଲେ ସାଥୀମାନେ କହିଥାନ୍ତେ ଖୋଦ୍ ମୁସଲମାନ ହୋଇ ମୁଁ ସେଇ କାଫେରଙ୍କ ପକ୍ଷ ନେଉଛି ବୋଲି । କେତେ ଯେ କଷ୍ଟ ପାଇଥିବ ବିଚାରୀ ମଲା ବେଳକୁ । ସେ ତରତର ହୋଇ ପାହାଚ ଚଢୁଥିବାର ମୋ ଦୃଷ୍ଟିରେ ପଡ଼େ । ଲାଲାର ସ୍ତ୍ରୀର କପଡ଼ାରେ ନିଆଁ ଲାଗିଯିବାରୁ ସେ ବିକଳ ହୋଇ ଛାତ ଉପରକୁ ଉଠିଯାଇ ଆମ ଆଗରେ ତଳକୁ ଡେଇଁପଡ଼େ । ହେଲେ ଜ୍ୱଳନ୍ତ ଅଗ୍ନି କବଳରୁ କିଏ ବା ବଞ୍ଚିପାରେ ଯେ ?

ଆମେ ପୁଣି ରାମନାରାୟଣ ଘର ଆଡ଼େ ମୁହାଉଁ । ମାମୁଲି କାଠ କବାଟ । ଭିତରୁ ଛିଟକିଣି ଲାଗିଥାଏ । କେହି ନଖୋଲିବାରୁ ଦୁଇଚାରି ଧକ୍କା ଦେଇ ତାକୁ ଭାଙ୍ଗିଦେଉ । ଭିତରେ ରାମନାରାୟଣ ବ୍ରାହ୍ମଣ ହାତଯୋଡ଼ି ଠିଆହୋଇ ବରଡ଼ାପତ୍ର ଭଳି ଥରୁଥାଏ । ଡାକିବାରୁ କବାଟ କାହିଁକି ଖୋଲିଲୁନି ବୋଲି ପଚାରିବାରୁ ସେ ଶୋଇ ପଡ଼ିଥିବାର ବାହାନା କରେ । ଗଲ୍ଲେ ପହଲୱାନ୍‌ର ଗୋଟେ ଗଳାଧକ୍କାରେ ଦୁଆରମୁହଁ ପାଖରେ ମୁହଁମାଡ଼ି ପଡ଼ିଲା ବେଳକୁ କେହିଜଣେ ତା' ପିଠିରେ ଭୂଷିଦିଏ ଛୁରୀ । ପୁଅର ଅବସ୍ଥା ଦେଖି ମା' ହାଉଳା ଖାଇ ଧାଇଁଆସେ । ତାକୁ ବି ଛୁରୀଭୂଷି ତା' ପୁଅ ଉପରକୁ ଠେଲି ଦିଆଯାଏ । ତା'ପରେ ରାମନାରାୟଣର ସ୍ତ୍ରୀର ପାଳି । ସେ ବେଶି ହଇରାଣ କରେନି । ଚାରୋଟି ଛୁଆଙ୍କ ମା', ଦେଖିବାକୁ ଖୁବ୍ ଅସୁନ୍ଦର । ତାକୁ କିଏ ମୁସଲମାନ ବନେଇବ ? ମରୁ ପୋଡ଼ାମୁହିଁ । ଘରଭିତରେ ଏତେ କାଣ୍ଡକାରଖାନା ହେଲା ପରେ ବି ତା' ବର୍ଷକର ପୁଅଟି ଝୁଲଣାରେ ନିଘୋଡ଼ ନିଦରେ ଶୋଇଥାଏ ଯେମିତି କିଛି ହୋଇନି ! ଆମେ ସବୁ ସେଇ ଝୁଲଣା ପାଖକୁ ଯାଉ । ରସିଦ୍ ଛୁରୀ ବାହାର କରିବାରୁ ମୁଁ ତାକୁ ବାରଣ କରେ । ସମସ୍ତେ କିନ୍ତୁ ଏକମତ ଥାଆନ୍ତି ଯେ ସେଇଟା ସାପର ଛୁଆ ହୋଇଥିବାରୁ ତାକୁ ମାରିଦେବା ଦରକାର । ମୁଁ ତାଙ୍କ ପ୍ରସ୍ତାବରେ ରାଜି ନହୋଇ ତାକୁ ସେଇମିତି ଛାଡ଼ିଦେବାପାଇଁ ଆଦେଶ ଦିଏ । କାରଣ ତାକୁ ଦେଖି ମୋ ସାନପୁଅ 'ୟାକୁବ୍' କଥା ମୋର ମନେ ପଡ଼ିଯାଇଥିଲା । ସିଏ ବି ଏଡ଼ିକିଟିଏ, ଠିକ୍ ବର୍ଷକର । ଛୁଆକୁ ଝୁଲଣାରେ ଛାଡ଼ି ଆମେ ଘରର ଆସବାବପତ୍ର ଆଡ଼େ ନଜର ପକାଉ । ଦେଢ଼ ଦୁଇହଜାର ଟଙ୍କାର ଗହଣା ଓ ଆଠଶହ ନଗଦ ଟଙ୍କା । ତାକୁ ନିଜ ନିଜ ଭିତରେ ବାଣ୍ଟିନେଉ । ବାକ୍ସ ଭିତରେ ସ୍କୁଲରୁ ଫେରି ନଥିବା ପିଲାଙ୍କର କପଡ଼ା ଥିଲା । ରାମନାରାୟଣର ମା' ତା' ବାହା ବେଳର ଶାଢ଼ି ସାଇତି କରି ରଖିଥିଲା । ରାମନାରାୟଣର ସ୍ତ୍ରୀର ଯୌତୁକ କପଡ଼ା ବି ଥିଲା । ତାକୁ ସବୁ ବାଣ୍ଟିନେଉ ଆମେ । ମୋ ଭାଗରେ ୬ ଟି ରେଶମୀ ଶାଢ଼ି ଆଉ କିଛି ସୂତି କପଡ଼ା ପଡ଼େ । ବିବି ପାଇଁ କାନର ଝୁମୁକା, ମଥାର ଝୁମର ଆଉ ଗୋଟେ ରୁପା ଗିଲାସ । ନିଜ ନିଜ ଜିନିଷ ସମ୍ଭାଳି ଆମେ ଆଲ୍ଲା ହୋ ଅକବରର ବିଜୟଧ୍ୱନିରେ ନିର୍ଜୀବ ଘର ଓ ନିର୍ଜୀବ ମଣିଷଙ୍କୁ ଥରାଇ ସେଇଠୁ ବାହାରିଆସୁ । ବାହାର ଚଟାଣ ସାରା ରକ୍ତ । ପଚାସଢ଼ା ପନିପରିବା ଓ କଦଳୀଚୋପା ଭରା ନାଳ ପାଖରେ ପଡ଼ିଥାଏ ରାମନାରାୟଣ, ତା ମା' ଓ ସ୍ତ୍ରୀର ନିସ୍ପନ୍ଦ ମୃତ ଶରୀର । ସାମ୍ନାରେ ଏବେ ବି ଜଳୁଥାଏ ବଂଶୀରାମର ଘର । ଲୁହା ଦରଜା ପାଖରେ ରାସ୍ତା କଡ଼କୁ ପଡ଼ିରହିଥାଏ ତା' ସ୍ତ୍ରୀର ଶବ, ଯିଏ ତୃତୀୟ ମହଲା ଛାତରୁ ତଳକୁ ଡେଇଁ ପଡ଼ିଥିଲା । ଗଳିରେ ସମସ୍ତଙ୍କ ଘରର ତାଟିକବାଟ ପଡ଼ିଯାଇଥାଏ । ଚାରିଆଡ଼େ ନିସ୍ତବ୍ଧତାର ରାଜୁତି । ଏଠି ସେଠି ମୁସଲିମ୍ ଲିଗ୍‌ର ବିଜୟ କେତନ ଉଡୁଥାଏ ଫର ଫର । ସାଥୀମାନେ ଯିଏ ଯାହା ଘରକୁ ବାହୁଡ଼ି ଯାଆନ୍ତି । ମୁଁ ରସିଦ୍ ସହ ଭାଇଗେଟ୍ ଆଡ଼େ ମୁହାଁଏ । ସେଠି ନୁରାଚାଚାଙ୍କ ଘରେ ଥାଆନ୍ତି ମୋ ପରିବାର ।

ବାଟରେ ଶୁଣିବାକୁ ପାଏ ଯେ ଦର୍ଶନନଗର ହିନ୍ଦୁମହାସଭାର କିଛି ସଦସ୍ୟ 'ଦାତା କେ ଦରୱାଜା' ପଛରେ ଥିବା ମୁସଲମାନ ବସ୍ତି ଉପରେ ଅତର୍କିତ ଆକ୍ରମଣ କରି ସମଗ୍ର ବସ୍ତିରେ ନିଆଁ ଲଗାଇ ଦେଇଛନ୍ତି । ଏ ଖବର ଶୁଣି ଛାନିଆଁରେ ଆମେ ଧାଇଁବାକୁ ଲାଗୁ । ସେପଟୁ ନସରପସର ହୋଇ ନୁରାଚାଚା ଧାଇଁ ଧାଇଁ ଆସୁଥାନ୍ତି । ଆମକୁ ଦେଖି କାନ୍ଦି କାନ୍ଦି "ସବୁ ସରିଗଲା ବେଟା, ସବୁ ସରିଗଲା" ବୋଲି କହନ୍ତି । କାଫେରମାନେ ତାଙ୍କ ଘରେ ନିଆଁ ଲଗାଇ ଦେଇଛନ୍ତି । ଚାଚୀ ଜଳି ମରିଯାଇଛି । ତେବେ ମୋ ବିବି ???? ଘର, ପାଉଁଶର ଗୋଟେ ଗଦା ଭଳି ପଡ଼ିଥାଏ । ନିଆଁ ଏବେ ବି ଏଠି ସେଠି କୁହୁଳୁଥାଏ । ଦୁଆରମୁହଁରେ ବିବିର ଲାସ । ମୁଣ୍ଡଟି ଛତୁ ହୋଇ ଯାଇଥାଏ । ତା' ପାଖରେ ପଡ଼ିଥାଏ ମୋ ବଡ଼ପୁଅ ଦାଉଦ୍ ! ସାତବର୍ଷର ଦାଉଦ, ମୋ ଗଣ୍ଠିଧନ !! ଚନ୍ଦ୍ର ପରି ପୁଅ ମୋର ! ତା' ଗଳାରେ ଗଭୀର କଟାଦାଗ । ମୁଁ ମୋ ଛୁଆଙ୍କ ପାଇଁ କପଡ଼ା ଆଣିଥିଲି । ବିବି ପାଇଁ କେତେ ସରାଗରେ ଆଣିଥିଲି ମଥାର ଝୁମର ଓ ବନାରସୀ ଶାଢ଼ି । ୟା' ଅଲ୍ଲା... କ'ଣ ହୋଇଗଲା ଏସବୁ ? ମୋ ୟାକୁବ୍ ଠିକ୍ ତ ଅଛି ଚାଚା ? "ପ୍ରଥମେ ଛୋଟ ଛୁଆଟା ଭାବି କାଫେରମାନେ ତାକୁ ଛାଡ଼ି ଦେଉଥିଲେ ହେଲେ ଜଣେ ସାପଛୁଆର ବଡ଼ ବିଷ ବୋଲି କହିବାରୁ ତା' ଉପରେ ପେଟ୍ରୋଲ ଢାଳି...." ଆଗକୁ ଆଉ ଚାଚାଙ୍କ ପାଟିରୁ କଥା ବାହାରେନି । ଘରକୋଣରେ ହାଡ଼ ଓ ପାଉଁଶ ଗୋଳିହୋଇ ପଡ଼ିଥାଏ ଛୋଟ ମୁଣ୍ଡଟିଏ । "ଗଳିରେ କେହି ପୁରୁଷ ନଥିଲେ ବେଟା । ଆମେ ସମସ୍ତେ ଯାଇଥିଲୁ ଲୁଟ୍‌ମାର କରିବାକୁ । କିଏ ଜାଣିଥିଲା ଏଇ ବଦମାସମାନେ ଆମ ଅନୁପସ୍ଥିତିରେ ହିଁ ହମ୍‌ଲା କରିବେ ବୋଲି । ତା'ପୁଣି ଏଇମିତି ନିରୀହ ସ୍ତ୍ରୀ ତଥା ଛୁଆଙ୍କ ଉପରେ !" ମୁଁ ଶାଢ଼ି, ଗହଣାକୁ ବିବିର ଲାସ ପାଖରେ ଥୋଇ, "ମୋତେ ତୋ କସମ୍ ଲୋ ଆୟେଶା, ଯଦି ତୋ ହତ୍ୟାର ପ୍ରତିଶୋଧ ନନିଏ ତେବେ ମୁଁ ବାପର ନୁହେଁ କୋଉ ଘୁଷୁରୀର ପୁଅ ବୋଲି ଜାଣିବୁ" ବୋଲି କହି ହାତରେ ଛୁରୀ ଧରି ଗଳି ବାହାରକୁ ବାହାରିଆସେ । ରସିଦ୍ ବ୍ୟସ୍ତ ହୋଇ କୁଆଡ଼େ ଯାଉଛ ବୋଲି ପଚାରେ । ସାମ୍ନାରୁ ପୋଲିସ ଆସୁଥିବାର ଆଶଙ୍କା କରେ । ପୋଲିସର ମା'କୁ... ପୋଲିସର ଭଉଣୀକୁ.... ମୁଁ ଏବେ ସିଧା ଶାହ ଆଲମୀ ଯାଉଛି । କାହାର ସାହସ ଅଛି ତ ମୋତେ ଅଟକାଇ ଦେଖୁ । ଆଲ୍ଲା ହୋ ଅକବର୍ ।

(ସମାପ୍ତ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୨ ନଭେମ୍ବର, ୨୦୨୦

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com






## ଆଉଜା କବାଟ (୧୬୧)

# ଶିକ୍ଷାକ୍ଷେତ୍ର କେତେ ପବିତ୍ର


ଡ. ରାଧାରଂଜନ ପଟ୍ଟନାୟକ


ଶିକ୍ଷାଳୟ ହିଁ ଶିକ୍ଷାର ମନ୍ଦିର। ଗୁରୁ ହିଁ ଦ୍ୱିତୀୟ ଈଶ୍ୱର। ଆଦର୍ଶ ତଥା ନୀତିବାନ୍ ଛାତ୍ର ଗଠନ କରିବା ଗୁରୁମାନଙ୍କ ଗୁରୁଦାୟିତ୍ୱ। ପ୍ରାଚୀନ ଯୁଗର ଗୁରୁକୁଳାଶ୍ରମଠାରୁ ଆରମ୍ଭ କରି ଏକବିଂଶ ଶତାବ୍ଦୀର ଅତ୍ୟାଧୁନିକ ଶିକ୍ଷାକ୍ଷେତ୍ର କେବଳ ଆଙ୍ଗିକ ବିଭବରେ ପରିବର୍ତ୍ତିତ ହୋଇଛି। ଆତ୍ମା କିନ୍ତୁ ଅପରିବର୍ତ୍ତିତ। ପିଲାଏ ପାଠ ପଢ଼ିବେ। ସମାଜର କଲ୍ୟାଣ କରିବେ। ସ୍ୱ-ଉପାର୍ଜନ କ୍ଷମତା ପ୍ରାପ୍ତ ହେବ। ଏହି ନୀତି ଆଦର୍ଶକୁ ପାଥେୟ କରି ଗଢ଼ି ଉଠିଛି ବିଦ୍ୟାଳୟ ମହାବିଦ୍ୟାଳୟ ସର୍ବୋପରି ବିଶ୍ୱବିଦ୍ୟାଳୟ।

ଶିକ୍ଷାକ୍ଷେତ୍ର ସମ୍ପ୍ରତି କେତେ ପବିତ୍ର! ତାହା ହିଁ ଆଜିର ପ୍ରସଙ୍ଗ। ଏକ ଅନ୍ଧାର ଜଗତରୁ ଆଲୋକର ଶିଖା ଦେଖାଏ ଶିକ୍ଷା। ଶିକ୍ଷା ହିଁ ମଣିଷର ଚାରିତ୍ରିକ ମୂଲ୍ୟକୁ ସଂଶୋଧିତ କରି ନୀତିନିଷ୍ଠ ରାସ୍ତା ପ୍ରଦର୍ଶିତ କରିଥାଏ। ତେଣୁ ଶିକ୍ଷାଳୟମାନଙ୍କର ପ୍ରତ୍ୟେକ ଛାତ୍ର ଏକ ଏବଂ ସମଭାବାପନ୍ନ। ଆଜି ଆଉ ମହାଭାରତର ଯୁଗ ନାହିଁ ଯେ, ଏକଲବ୍ୟଙ୍କୁ ଶିକ୍ଷାଦାନରୁ ବଞ୍ଚିତ କରାଯିବ। 'ସମଗ୍ର ଶିକ୍ଷା ଅଭିଯାନ' ପ୍ରତ୍ୟେକ ପିଲାଙ୍କୁ ଶିକ୍ଷା ଗ୍ରହଣ କରିବାର ଅଧିକାର ଦେଇଛି। ଶିକ୍ଷାପ୍ରାପ୍ତି ପରେ ଜାତିଗଠନରେ ସେମାନେ କିଭଳି ବ୍ରତୀ ହୋଇପାରିବେ, ତାହା ହିଁ ଶିକ୍ଷାର ମୂଳମନ୍ତ୍ର। ସମ୍ପ୍ରତି ସମାଜ ବଦଳିଛି, ସଭ୍ୟତା ବଦଳିଛି, ବଦଳିଛି ମଣିଷର ମନ ଓ ପ୍ରକୃତି। ପ୍ରତ୍ୟେକ ଗୋଟିଏ ଜାତି ତାହା ହେଉଛି ମଣିଷ ଜାତି। ସେଠି ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟ ପଛୁଆ ବର୍ଗ ଏବଂ ସାଧାରଣବର୍ଗ ଛାତ୍ରଛାତ୍ରୀମାନଙ୍କ ଭିତରେ କୌଣସି ପ୍ରଭେଦ ନାହିଁ।

ସେ ବିଦ୍ୟାଳୟ ହେଉ ଅଥବା ମହବିଦ୍ୟାଳୟ। ସବୁଠି ସହପାଠୀମାନଙ୍କ ମଧ୍ୟରେ ଗଢ଼ିଉଠିଥାଏ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ। ପରସ୍ପର ଚିହ୍ନନ୍ତି। ଯୋଡ଼ି ହୁଅନ୍ତି ପୁଣି ସହଭାଗିତାରେ ବିଦ୍ୟାଧ୍ୟୟନ କରନ୍ତି। ନବାଗତ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିବାପାଇଁ ବିବିଧ ନୃତ୍ୟଗୀତର ଆୟୋଜନ ମଧ୍ୟ କରିଥାଆନ୍ତି। ଏହାରି ମଧ୍ୟରେ ସୃଷ୍ଟି ହୁଏ ଆତ୍ମୀୟତାର ଭାବାବେଗ। କିନ୍ତୁ ଆଜି? ଶିକ୍ଷାକ୍ଷେତ୍ର ପାଲଟିଛି ବିଭେଦକ୍ଷେତ୍ର। ପବିତ୍ରତା ନାହିଁ। ସହାନୁଭୂତି ନାହିଁ। ନାହିଁ ପୁଣି ପ୍ରାଣପଖଲା ହୃଦୟ ଖୋଲାକଥା। ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ବିଭେଦତାର ପାଚେରୀ ବେଶ୍ ପରିଦୃଶ୍ୟ। ଏଭଳି ହେବାର ପ୍ରଚ୍ଛଦରେ କୌଣସି ବ୍ୟକ୍ତିମାନଙ୍କର ପ୍ରଚ୍ଛନ୍ନ ହାତ ଥିଲା ଭଳି ମନେହୁଏ। ନିଜ ପାରିଲା ପଣିଆର ଶସ୍ତା ବିଜ୍ଞାପନ ପାଇଁ ପ୍ରଚ୍ଛଦ ନାୟକମାନେ କିଛି ନା କିଛି କରିଥାନ୍ତି। ଭୂତ-ଭବିଷ୍ୟତ ଏବଂ ବର୍ତ୍ତମାନର କଥା ଚିନ୍ତା କରନ୍ତି ନାହିଁ। ସାମୟିକ ଉଦ୍‌ବେଳନରେ ଉଦ୍‌ବେଳିତ ହେଇଥାନ୍ତି ସେମାନେ।

ଚଳମାନ ସମୟରେ ଶିକ୍ଷାକ୍ଷେତ୍ର ଏବେ ରାଜନୀତିର ଖଣି ପାଲଟିଯାଇଛି। କିଛି ଖଣିମାଫିଆ ରାଜନୀତି ଖଣିରୁ ବିଭିନ୍ନ ସମୟରେ ସଂହତିର ରତ୍ନକୁ ଚୋରି କରିବାର ଲାଗିଛନ୍ତି। କେଉଁଠି ଜାତିବାଚକ ଉପସର୍ଗତ! ପୁଣି କେଉଁଠି ଧର୍ମବାଚକ। କେଉଁଠି ଦେଶଦ୍ରୋହର କଥା ତ, ପୁଣି କେଉଁଠି ପାକିସ୍ତାନର ଜିନ୍ଦାବାଦର ସ୍ଲୋଗାନ। ଏମିତି ଚାଲିଛି ଶିକ୍ଷାକ୍ଷେତ୍ରର ବାତାବରଣ।

ଏବେ ମହାବିଦ୍ୟାଳୟ କଥା ଚିନ୍ତା କରିବା। ମୁଁ ଯେତିକି ଜାଣିଛି ମହାବିଦ୍ୟାଳୟମାନଙ୍କରେ ଛାତ୍ର ୟୁନିୟନ୍ ଥାଏ। ଏହି ୟୁନିୟନ୍ ପାଇଁ ବିଭିନ୍ନ ରାଜନୀତିକ ଦଳରୁ ଛାତ୍ରଛାତ୍ରୀମାନେ ପ୍ରତିଦ୍ୱନ୍ଦିତା କରିଥାନ୍ତି। କାରଣ ଜଣେ ନେତା ସମାଜ ପାଇଁ କ'ଣ କରିପାରିବ, ନେତାର ଆଦର୍ଶଗଣ ସବୁ କ'ଣ ହେବା ଦରକାର ଏହିଠାରୁ ହିଁ ଛାତ୍ରମାନେ ଶିକ୍ଷା ଗ୍ରହଣ କରିଥାନ୍ତି। ଏଥିରେ ସବୁ ବର୍ଗର ପିଲାମାନେ ପ୍ରତିଦ୍ୱନ୍ଦିତା କରିଥାନ୍ତି। ନିର୍ବାଚନ ପରେ ପୁଣି ପ୍ରାକ୍ ନିର୍ବାଚନର ମତାନ୍ତରକୁ ଭୁଲି ଗୋଟିଏ ପଥରେ ଯାତ୍ରା କରନ୍ତି, ତାହା ହେଉଛି ଛାତ୍ର ଜୀବନର ପଥ। ନବାଗତ ଛାତ୍ରଛାତ୍ରୀମାନଙ୍କୁ ମହାବିଦ୍ୟଳୟମାନଙ୍କରେ ସ୍ୱାଗତ କରିବା ଧାରା ଏକ ସୁସ୍ଥ ପରମ୍ପରା। ବିଭିନ୍ନ ବିଭାଗ ତରଫରୁ ବରିଷ୍ଠମାନେ କନିଷ୍ଠମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥାନ୍ତି। ଏଥିପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ହୁଏ। ପରସ୍ପର ଭାବର ବିନିମୟ ହୁଏ। କିନ୍ତୁ ଆଜିକାଲି ଦେଖାଯାଉଛି କେତେକ ନିର୍ଦ୍ଦିଷ୍ଟ ମହାବିଦ୍ୟାଳୟ (ସରକାରୀ/ବେସରକାରୀ) ଜାତିଭିତ୍ତିକ ଉତ୍ସବ ପାଳନ କରାଉଛନ୍ତି। ଏପରିକି ଜାତିବର୍ଗ ଅନୁସାରେ ୟୁନିୟନ ଗଠନ କରାଯାଉଛି। ଏହା ସରକାରଙ୍କର ସ୍ୱୀକୃତି ପ୍ରାପ୍ତ ବା ଅଣସ୍ୱୀକୃତି ପ୍ରାପ୍ତ ତାହା କହିହେବ ନାହିଁ। ଏଭଳି ପ୍ରୟାସକୁ କେତେକ ଯୁକ୍ତି ଦର୍ଶାଇ କହନ୍ତି ଜାତିଭିତ୍ତିକ ନୃତ୍ୟଗୀତ ହେଲେ ଅସୁବିଧା କ'ଣ? ହୁଏତ ସେମାନେ ଏଭଳି ଯୁକ୍ତିକୁ ନିଜ ପାଣ୍ଡିତ୍ୟର ବିଶେଷଣ ବୋଲି ଭାବନ୍ତି। ଜାତିଭିତ୍ତିକ ନୃତ୍ୟରେ ଅବଶ୍ୟ ବିରୋଧ କରିବାର ନାହିଁ, କିନ୍ତୁ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ପିଲାଙ୍କୁ ସେହିବର୍ଗର ଛାତ୍ରଛାତ୍ରୀମାନେ ଯେ ସ୍ୱାଗତ କରିବେ, ତାହା ବିଧିସମ୍ମତ କି? ଏହା କ'ଣ ଶିକ୍ଷାକ୍ଷେତ୍ରରେ ସୁସ୍ଥ ପରମ୍ପରା ସୃଷ୍ଟି କରିପାରିବ କି? ଏମିତି ଏକ ଉତ୍କଟ ଜାତିପ୍ରଥାକୁ ଆମେ ପ୍ରୋତ୍ସାହନ ଦେଉଛୁ। ଆମେ ହିଁ ବିଷମଞ୍ଜି ବୁଣୁଛୁ। ଫଳରେ ଛାତ୍ରଛାତ୍ରୀମାନଙ୍କ ହୃଦୟରେ ଅସୂୟା ଭାବର ମହାଦ୍ରୁମ ଯେ ଶାଖା ପ୍ରଶାଖା ପ୍ରସାରିବ, ଏ କଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଏଥିପାଇଁ ଗୋଟିଏ କମନ୍ ପ୍ଲାଟଫର୍ମର ଆବଶ୍ୟକତା ଅଛି।

ଶିକ୍ଷାକ୍ଷେତ୍ର ଭଳି ଏକ ପବିତ୍ର ସ୍ଥାନକୁ ଆମେ ଅପବିତ୍ର କରିବସିଛୁ। ଏଥିପାଇଁ ଅଧ୍ୟାପକ ଏବଂ ଅଧ୍ୟକ୍ଷ ସମ୍ପୂର୍ଣ୍ଣ ମାତ୍ରାରେ ଦାୟୀ। କାରଣ ଶିକ୍ଷା ପରିସରକୁ ନିୟନ୍ତ୍ରଣ କରିବାର ଅଧିକାର ଏଇମାନଙ୍କ ହାତରେ ଥାଏ। କିନ୍ତୁ ପରିତାପର ବିଷୟ ସମ୍ପୃକ୍ତ ଅଧ୍ୟାପକମାନେ ଏଥିପ୍ରତି ଯତ୍ନବାନ୍ ହୁଅନ୍ତି ନାହିଁ। କିଛି ଗୋଟେ ନୂଆକରି ଦେଖାଇବା ବାହାନାରେ କଳଙ୍କିତ ପରମ୍ପରା ସୃଷ୍ଟି କରିଚାଲିଛନ୍ତି। ବ୍ୟଙ୍ଗକବି ଦୀପକ ବୋଷ କହନ୍ତି - "ନୂଆ କିଛି କରିବା ନାଁରେ ନୂଆ ନଳାପାଣି ପିଇବା ଏମାନଙ୍କର ଅଭ୍ୟାସ ହୋଇଗଲାଣି।"

ପ୍ରତ୍ୟେକ ବ୍ୟକ୍ତିଙ୍କର ମନ ଗୋଟିଏ ରହସ୍ୟ। ଯେ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ମନ ଭିତରେ କ'ଣ ଅଛି, ତାହା ଜାଣି ହୁଏନା ସେ ପର୍ଯ୍ୟନ୍ତ ଉପଯୁକ୍ତ ଶିକ୍ଷା ଦିଆଯାଇପାରେ ନାହିଁ। କେତେକ ଅଧ୍ୟାପକ ଅଛନ୍ତି, ଯେଉଁମାନେ ଘୋଷାଡୁଥିବା ନେତା ହେବାକୁ ଭଲପାଆନ୍ତି। ସେମାନେ ଭାବନ୍ତି, ଯାହା କରୁଛନ୍ତି ସବୁ ଠିକ୍। ଏପରିକି ଶ୍ରେଣୀଗୃହରେ ସବୁ ଜ୍ଞାନ, ପ୍ରଜ୍ଞା ଓ ଶିକ୍ଷାର ଉତ୍ସ ବୋଲି ସେମାନେ ଆତ୍ମ ଘୋଷଣା କରିଥାଆନ୍ତି। ଏପରି ଅଧ୍ୟାପକ କ୍ଷମତା ଲୋଭୀ ହେବା ସହ ଶସ୍ତା ନାମ କମେଇବାପାଇଁ ଛାତ୍ରଛାତ୍ରୀମାନଙ୍କ ମନରେ ନକାରାତ୍ମକ ଭାବଧାରା ସୃଷ୍ଟି କରିଥାନ୍ତି। ତେଣୁ ସେମାନେ ବଡ଼ ହୋଇ ଜାତିକଲ୍ୟାଣ କରିବା ଉଦ୍ଦେଶ୍ୟ ପରିବର୍ତ୍ତେ ଜାତି ଜାତି ଭିତରେ ଏକ ପାର୍ଥକ୍ୟର ବନ୍ଧ ବାନ୍ଧିଥାଆନ୍ତି।

ଚଢ଼େଇ ଉଡ଼େ, ମାଛ ପହଁରେ, ମଣିଷ ଚିନ୍ତାକରେ ଓ ଶିଖେ। କେବଳ ସେମାନଙ୍କୁ ଉପଯୁକ୍ତ ମାର୍ଗଦର୍ଶନର ଆବଶ୍ୟକତା ଅଛି। ଛାତ୍ରମାନଙ୍କର ମାନବୀୟ ହୃଦୟବୃତ୍ତି କିପରି ବିକଶିତ ହେବ, ସେଥିପ୍ରତି ଧ୍ୟାନଦେବା ଆବଶ୍ୟକ। କିନ୍ତୁ ଅଧୁନା ଅଧ୍ୟାପକମାନେ ଶିକ୍ଷାଦାନକୁ ଏବ ବ୍ୟାବସାୟିକ ଟ୍ରେଡରେ ପରିଣତ କରିଦେଇଛନ୍ତି। ତେଣୁ ଅଧିକାଂଶ ଅଧ୍ୟାପକ ଛାତ୍ରଛାତ୍ରୀମାନଙ୍କର ଆଦର୍ଶ ହୋଇ ରହିପାରନ୍ତି ନାହିଁ। ଏପରିକି, ସେମାନଙ୍କ ଜୀବନବୋଧ ଏବଂ ଭାବବୋଧ ସହିତ ପରିଚିତ ହୋଇପାରନ୍ତି ନାହିଁ। ଫଳରେ ସାମାଜିକ ସମ୍ପର୍କ ଶିଥିଳ ହୋଇ ଯାଉଛି।

ଅତୀତରେ ଭୟଥିଲା। ଶିକ୍ଷକମାନଙ୍କର ଅନୁଶାସନାତ୍ମକ ଶାସ୍ତି ଥିଲା। କେବଳ ଏତିକି ନୁହେଁ, ଖରାପ କାର୍ଯ୍ୟ କଲେ ଲୋକନିନ୍ଦାକୁ ବି ଭୟଥିଲା। କିନ୍ତୁ ଆଜି ସବୁଠି ବେଖାତିର ଭାବ ବସାବାନ୍ଧିଲାଣି। ଜୀବନ ଚାହେଁ ଏକ ଆଦର୍ଶ ପଥ। କିନ୍ତୁ ସେ ଆଦର୍ଶ ଆଜି ନାହିଁ। ସବୁଠି ଛଳନାର କଚ୍ଛପୀୟ ମୂର୍ତ୍ତି। ସମ୍ପର୍କ ଯୋଡ଼ିବାର ଛଳନା, ଉତ୍ସବ ଆୟୋଜନର ଛଳନା, ନୃତ୍ୟଗୀତ ନାମରେ ଛଳନା, କେବଳ ଛଳନାର ଛଉନାଚ ଏଠି ସେଠି ସବୁଠି। ଜର୍ଜ ଲୁକାଚ କହନ୍ତି- "ସମାଜ ପରିବର୍ତ୍ତନର ଦାୟବଦ୍ଧତା ନୁହେଁ, ବରଂ ଚଳଣି / ବିଶ୍ୱାସ / ବିକାଶ / ସଦ୍‌ଭାବନା / ସହଯୋଗ / ସହାନୁଭୂତି ପ୍ରତି ଅଙ୍ଗୀକାରବଦ୍ଧତା (**commitment to common culture and social status**) ହିଁ ସମାଜ ଗଠନ ପାଇଁ ଲୋଡ଼ା। ସୁତରାଂ ଏକ ମଧୁମୟ ସମାଜ ଗଠନପାଇଁ ଆମେ ମିଳିମିଶି ପ୍ରତ୍ୟେକ ବର୍ଗର ସାଂସ୍କୃତିକ ଭାବଧାରା, ନୃତ୍ୟ, ଗୀତର ଆୟୋଜନ କରିପାରିଲେ, ପ୍ରତ୍ୟେକଙ୍କ ହୃଦୟରେ ପରସ୍ପର ପ୍ରତି ଅନ୍ତରଙ୍ଗତା ପ୍ରକାଶ ପାଇବ। ଏଥିପ୍ରତି ମୁଖ୍ୟତଃ ବିଦ୍ୟାଳୟ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ସମ୍ପୃକ୍ତ ଶିକ୍ଷକ ଏବଂ ଅଧ୍ୟାପକମାନେ ଧ୍ୟାନ ଦେବା ଉଚିତ୍। ଶିକ୍ଷା ନାମରେ ସରକାର ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ଉତ୍ତର ଛାତ୍ର ଗଠନ ପାଇଁ। କାରଣ ଆଜିର ଛାତ୍ର ହିଁ ଦେଶର ଭବିଷ୍ୟତ। ସେହିମାନଙ୍କ ହାତରେ ଶାସନର ଦାୟିତ୍ୱ। ଯଦି ପ୍ରଥମରୁ ସେମାନଙ୍କୁ ନୀତିନିଷ୍ଠ, ସମଭାବାପନ୍ନ ଦର୍ଶନର କଥା ଶିକ୍ଷା ପ୍ରଦାନ କରାଯାଏ, ତେବେ ଆତ୍ମୀୟତାର ସେତୁ ଯେସର୍ଜନା ହୋଇ ପାରିବ ଏଥିରେ ସନ୍ଦେହ ନାହିଁ। କେବଳ ସେତିକି ନୁହେଁ, ଛାତ୍ର ଜୀବନର ନୈତିକ, ଭୌତିକ, ଆଧ୍ୟାତ୍ମିକ ଏବଂ ଆବେଗଗତ ସମସ୍ୟାର ସମାଧାନ ହୋଇପାରିବ। ଠିକ୍ ସେତିକିବେଳେ ଶିକ୍ଷାକ୍ଷେତ୍ର ପାଲଟିଯିବ ପବିତ୍ର ପୀଠ, ଯେଉଁଠି ଛାତ୍ରଛାତ୍ରୀମାନେ ସଂସ୍କାରିତ ଚେତନାରେ ଭୂମିରୁ ଭୂମା ଯାଏଁ ଭାବଗତ ସଂପର୍କ ଯୋଡ଼ିବାରେ କ୍ଷମ ହୋଇପାରିବେ।


କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨


## ସ୍ମୃତି ଶତଦଳ ୧୭୨

(ପୂର୍ବ ପ୍ରକାଶିତ ଉତ୍ତାରୁ)



## ।। ବିଜୁବାବୁଙ୍କ ସହ ସାକ୍ଷାତ ।।


ଡା. ସରୋଜିନୀ ଷଡଙ୍ଗୀ
ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭


ଆଶ୍ଚର୍ଯ୍ୟ ଜନକ ଭାବରେ କଟା ହାତ ଯୋଡ଼ା ଅପରେସନ୍ ସକ୍‌ସେସଫୁଲ ହୋଇଥିଲା ଏବଂ ଇଞ୍ଜିନିୟର ଛାତ୍ର ଜଣକ ଆସ୍ତେ ଆସ୍ତେ ନିଜ ହାତ ଓ ଆଙ୍ଗୁଠି ହଲାଇ ପାରିଲେ ଏବଂ ହାଲୁକା ଜିନିଷ ହାତରେ ଧରିପାରିଲେ । ରୋଗୀର ବାପା ଓ ମା' ଆନନ୍ଦରେ ଅଧୀର ହୋଇଉଠିଲେ ଏବଂ ଆସି ରମାରମଣଙ୍କୁ ବହୁତ ଧନ୍ୟବାଦ ଦେଇ କହିଲେ, ଆପଣ ଆମ ପୁଅର ଜୀବନ ରକ୍ଷା କରି ତାକୁ ଆଉ ଗୋଟିଏ ଜୀବନ ଦେଇଛନ୍ତି ଏବଂ ବଂଚିବାର ଏକ ନୂତନ ଦିଶା ଦେଖାଇଛନ୍ତି, ଆମେ ଆପଣଙ୍କ ପାଖରେ କେତେ ଯେ ଋଣୀ, ତାହା ଆପଣ କଳ୍ପନା କରିପାରିବେ ନାହିଁ । ତା' ଡାହାଣ ହାତରେ ସେ ଲେଖିପାରିବ ଏବଂ ଇଞ୍ଜିନିୟରଟିଏ ହେବ ଏବଂ ତା ଜୀବନ ନିର୍ବାହ କରିପାରିବ, ଏ କଥା ଆମେ ସ୍ୱପ୍ନରେ ସୁଦ୍ଧା ଭାବିନଥିଲୁ, ଆମେ କଣ ଦେଇ ଏ ଋଣ ସୁଝିପାରିବୁ? "ଡଃ ଷଡଙ୍ଗୀ ସଙ୍ଗେ ସଙ୍ଗେ କହିଲେ, ରୋଗୀ ଓ ଆପଣଙ୍କ ମୁହଁର ଧାରେ ହସରେ ହିଁ ମୋର ପରିଶ୍ରମର ମୂଲ୍ୟ ମୁଁ ପାଇପାରିଛି ଆଉ କିଛି ମୁଁ ଚାହେଁ ନାହିଁ ।"

ଅଙ୍ଗରୋପଣର ପ୍ରଥମ ଉଦାହରଣ ହେଉଛନ୍ତି ପ୍ରଭୁ ଗଣେଶ । ଏହା ପଛରେ ଗୋଟିଏ ଛୋଟ କାହାଣୀ ଅଛି । ଥରଟିଏ ମା' ପାର୍ବତୀ ପୁତ୍ର ଗଣେଶଙ୍କୁ ଘରର ଦ୍ୱାର ଜଗାଇ ସ୍ନାନ କରିବାକୁ ଯାଇଥିଲେ । ବହୁଦିନ ପରେ ଶିବ ଠିକ୍ ସେହି ସମୟରେ ଘରେ ପହଂଚି ଗଣେଶଙ୍କୁ ନିଜର ପୁଅ ବୋଲି ଚିହ୍ନି ନପାରି ତୁରନ୍ତ ଦ୍ୱାର ଖୋଲିବାକୁ କହିବାରୁ, ଗଣେଶ ମଧ୍ୟ ନିଜ ପ୍ରତିଜ୍ଞାରେ ଅଟଳ ରହି ଆଦୌ ଦ୍ୱାର ଖୋଲିନଥିଲେ । ତେଣୁ ଶିବ ତତକ୍ଷଣାତ୍ ଗଣେଶଙ୍କର ମୁଣ୍ଡ କାଟିଦେଇଥିଲେ । ପରେ ପାର୍ବତୀଙ୍କର କରୁଣ ରୋଦନ ଓ ସବୁ କଥା ଶୁଣି, ପୁଣି ଥରେ ପୁତ୍ରର ଜୀବନଦାନ ପାଇଁ କଟା ମୁଣ୍ଡ ସ୍ଥାନରେ ଆଉ ଗୋଟିଏ ଜୀବନ୍ତ ମୁଣ୍ଡ ଯୋଡିବା ପାଇଁ ଚାହିଁଲେ ଶିବ ଓ ପାର୍ବତୀଙ୍କର ଅନୁଚରମାନେ ତୁରନ୍ତେ ଉତର ଦିଗକୁ ମୁଣ୍ଡ କରି ଶୋଇଥିବା ହାତୀର ମୁଣ୍ଡ କାଟି ଆଣି ଯୋଡିଦେଇଥିଲେ । ଦେଖନ୍ତୁ ନାଁ ପୌରାଣିକ ଯୁଗରେ ମଧ୍ୟ ବିଜ୍ଞାନର ସଦୁପଯୋଗ କେତେ ଚମତ୍କାର ଥିଲା !

କଟା ହାତ ଯୋଡିବା ଏକ ବିରଳ ଘଟଣା ଥିଲା । ଏ ଖବର ମଧ୍ୟ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କର ଦୃଷ୍ଟି ଏଡାଇ ଯାଇ ନଥିଲା । ଦୂରଦର୍ଶନରେ ନିଉଜ୍ ଦେଖି ସେ ସ୍ତମ୍ଭୀଭୂତ ହୋଇ ଯାଇଥିଲେ ଏବଂ ନିର୍ଦ୍ଦେଶ ଦେଇଥିଲେ, "ଏସ୍.ସି.ବି. ମେଡିକାଲ କଲେଜରୁ ଡଃ ରମାରମଣ ଷଡଙ୍ଗୀଙ୍କୁ ଡକାଅ । ମୁଁ ତାଙ୍କୁ ଦେଖି ଅଭିନନ୍ଦନ ଜଣାଇବାକୁ ଚାହେଁ । ଏଭଳି ପ୍ରତିଭାବାନ୍ ଡାକ୍ତର ଯେ ଆମ ଓଡିଶାରେ ଅଛନ୍ତି ଏବଂ ତାଙ୍କର କୃତିତ୍ୱ ଯେ, ସର୍ବଭାରତୀୟ ସ୍ତର ଠାରୁ କୌଣସି ଗୁଣରେ କମ ନୁହେଁ ଏ କଥା ହୃଦୟଙ୍ଗମ କରି ସେ ଭାବବିହ୍ୱଳ ହୋଇ ଯାଇଥିଲେ । ବାରମ୍ବାର ତାଙ୍କ ଅଫିସରମାନଙ୍କୁ ଏକଥା ଦୋହରାଇ ଥିଲେ ।

ତା ପରଦିନ ମୁଖ୍ୟମନ୍ତ୍ରୀଙ୍କ ସାଙ୍ଗରେ ସାକ୍ଷାତକାର ପାଇଁ ସମୟ ସ୍ଥିର ହେଲା । ଡଃ ଷଡଙ୍ଗୀ ରୋଗୀ, ତାର ବାପା, ମା' ଓ ଅପରେସନ୍ କ୍ୟାସେଟ୍ ସହ ବାହାରିଲେ । ମୁଁ ମଧ୍ୟ ସାଙ୍ଗରେ ଯିବାର ସୌଭାଗ୍ୟ ପାଇଥିଲି । ଆମେ ମୁଖ୍ୟମନ୍ତ୍ରୀ ଙ୍କ ପ୍ରକୋଷ୍ଠ ରେ ପ୍ରବେଶ କଲାବେଳେ ବିଜୁବାବୁ ଗୋଟିଏ ଆର୍ମଚେୟାର ରେ ବସିଥିଲେ । ପାଖରେ ଥିଲେ ତାଙ୍କର ସେକ୍ରେଟାରୀ ପ୍ୟାରୀବାବୁ, ତଥାଗତ ବାବୁ ଏବଂ ଡଃ ପ୍ରସନ୍ନ ପାଟଶାଣୀ ଏବଂ ତାଙ୍କ ସହକର୍ମୀମାନେ । ସମସ୍ତେ କଟା ହାତ ରୋଗୀକୁ ଦେଖିବାକୁ ଉତ୍ସୁକ ଥିଲେ । ଆମେ ତାଙ୍କୁ ପ୍ରଣାମ ଜଣାଇଲା ପରେ ସେ ରମାରମଣଙ୍କୁ ପାଖରେ ବସାଇ ଆମୂଳଚୂଳ ବିବରଣୀ ଶୁଣିଲେ, କ୍ୟାସେଟ୍ ଦେଖିଲେ ଏବଂ ରୋଗୀ ସହ କଥାବାର୍ତ୍ତା ହେଲେ । ରୋଗୀ ମଧ୍ୟ ହାତର ମୁଭମେଂଟ କରି କଲମ ଧରି ଲେଖିଥିଲେ । ସେ ମଧ୍ୟ ହସି ହସି ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ ହାତରେ ଆଉ ଟିକିଏ ଜୋର୍ ପାଇଲେ ସେ ମୋଟର ସାଇକେଲ ମଧ୍ୟ ଚଲାଇ ପାରିବେ । ସେ ଏକଥା ଶୁଣି ମୁଖ୍ୟମନ୍ତ୍ରୀ ବହୁତ ଖୁସି ହୋଇଯାଇଥିଲେ ଏବଂ ଡଃ ଷଡଙ୍ଗୀ ଙ୍କର ଅନୁରୋଧ କ୍ରମେ ଏସ.ସି.ବି ମେଡିକାଲ କଲେଜରେ ଏକ ଓପନ ହାର୍ଟ ସର୍ଜରୀ ୟୁନିଟ ପ୍ରତିଷ୍ଠା ପାଇଁ ସାହାଯ୍ୟ କରିବାକୁ ପ୍ରସ୍ତାବ ଦେଇଥିଲେ । ଏହା ଛଡା ଡଃ ଷଡଙ୍ଗୀଙ୍କର ଅନୁରୋଧ ରଖି ବହୁ ଗରିବ ରୋଗୀଙ୍କର ଅପରେସନ୍ ବେଳେ ମୁଖ୍ୟମନ୍ତ୍ରୀଙ୍କ ସାହାଯ୍ୟ ପାଣ୍ଠିରୁ ଅର୍ଥ ମଧ୍ୟ ଯୋଗାଇ ଦେଇଥିଲେ । ବିଜୁବାବୁଙ୍କର ସୁପାରିଶ୍ ସହ ଡଃ ଷଡଙ୍ଗୀ ଙ୍କୁ "ଓପନହାର୍ଟ ସର୍ଜରୀର ପ୍ରାଇମ ମୁଭର" ଭାବେ ଆପଏଂଟମେଂଟ ଦିଆଯାଉଥିଲା । କେବଳ ରିଇମ୍ପ୍ଲାଂଟେସନ୍ ସର୍ଜରୀ ନୁହେଁ ଏସ.ସି.ବି. ରେ ବହୁତ ବିରଳ ଅପରେସନ୍ କରିବାର ସୁଯୋଗ ମଧ୍ୟ ସେତେବେଳେ ଡଃ ଷଡ଼ଙ୍ଗୀ ପାଇଥିଲେ । ଯଥା ଓଡିଶାରେ ପ୍ରଥମ ଭାଲଭ ରୋପଣ, ବାଇପାସ୍ ସର୍ଜରୀ ଓ ଭସ୍କୁଲାର ସର୍ଜରୀ । ଏଗୁଡିକ ଓଡିଶାର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଏକ ନୂତନ ଦିଗଦର୍ଶନ ଦେଇଥିଲା । ଏହା ବିଜୁବାବୁଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ କହିଲେ ଅତ୍ୟୁକ୍ତି ହେବନାହିଁ ।

ତାର କିଛି ବର୍ଷ ପରେ ଡଃ ରମାରମଣଙ୍କର ପ୍ରଚେଷ୍ଟାରେ କଟକର ହୃଦବକ୍ଷ ଶଲ୍ୟ ବିଭାଗରେ ଓପନ୍ ହାର୍ଟ ସର୍ଜରୀ ୟୁନିଟ ପ୍ରତିଷ୍ଠା ହେଲା ଏବଂ ହାର୍ଟ ସର୍ଜରୀ ମଧ୍ୟ ସଫଳ ଭାବରେ ଆରମ୍ଭ ହୋଇପାରିଲା ।

ହୃତପିଣ୍ଡ ହେଉଛି ଏମିତି ଏକ ଅଙ୍ଗ ଯାହା ଜନ୍ମ ଠାରୁ ମୃତ୍ୟୁ ଯାଏ ସାରା ଜୀବନ ସ୍ପନ୍ଦିତ ହେଉଥାଏ ଏବଂ ଆଦୌ ବିଶ୍ରାମ ନିଏ ନାହିଁ । କିନ୍ତୁ କେତେକ କାରଣରୁ (ଅନ୍ତର୍ନିହିତ ରୋଗ, ଜନ୍ମଗତ ବା ଅନ୍ୟ ରୋଗ) ହୃତପିଣ୍ଡ କ୍ଲାନ୍ତ ହୋଇଯାଏ । କେତେକ ସ୍ଥଳରେ ଏହା ଜନ୍ମଗତ ହୃଦରୋଗ ହେଲା ବେଳେ ଆଉ କେତେକ ଆନୀତ ହୃଦରୋଗ ମଧ୍ୟ ଦେଖାଦିଏ । ଅନ୍ୟ କ୍ଷେତ୍ରରେ ହୃତପିଣ୍ଡକୁ ରକ୍ତ ଯୋଗାଉଥିବା କରୋନାରୀ ଧମନୀରେ ଚର୍ବି ଅଂଶ ବା ପ୍ଲାକ୍ ଜମିଯାଇ ଧମନୀ ସଂଙ୍କୁଚିତ ହୋଇଯାଏ ଓ ହାର୍ଟ ଆଟାକ୍ ହୋଇଥାଏ । ଆଗରୁ ହୃତପିଣ୍ଡ ରେ କ୍ଲୋଜଡ୍ ହାର୍ଟ ସର୍ଜରୀ କରାଯାଉଥିଲା । ଯେଉଁଥିରେ ହାର୍ଟ ବିଟ୍ କରୁଥିବା ବେଳେ ବା ସ୍ପନ୍ଦିତ ହେଉଥିବା ବେଳେ ଅପରେସନ୍ କରାଯାଉଥିଲା । କିନ୍ତୁ ଓପନ ହାର୍ଟ ସର୍ଜରୀରେ ଶରୀରର ତାପମାତ୍ରା କମାଇଦେଇ ହୃତପିଣ୍ଡକୁ କେତେକ ଦ୍ରବଣ ଦ୍ୱାରା ବନ୍ଦ କରାଯାଇଥାଏ ଏବଂ ହାର୍ଟ ଲଙ୍ଗ ମେସିନ୍ ହିଁ ଶରୀରରୁ ଦୂଷିତ ରକ୍ତ ଆଣି ବିଶୁଦ୍ଧ କରି ଶରୀର ଭିତରକୁ ଛାଡି ଦେଇଯାଏ । ଏଠି ହାର୍ଟ ଲଙ୍ଗ ମେସିନ୍ ହିଁ ହୃତପିଣ୍ଡ ଓ ଫୁସ୍‌ଫୁସ୍ ଭଳି କାମ କରିଥାଏ । ଅପରେସନ୍ ସରିଗଲା ପରେ ହାର୍ଟକୁ ପୁଣି ଦ୍ରବଣ ଦ୍ୱାରା କାର୍ଯ୍ୟକ୍ଷମ କରାଯାଏ ଏବଂ ହୃତପିଣ୍ଡ ପୁଣି ସ୍ପନ୍ଦିତ ହୋଇଥାଏ । ଓପନ ହାର୍ଟ ସର୍ଜରୀ ଓଡିଶାର ହୃଦବକ୍ଷ ଶଲ୍ୟ ବିଭାଗ ପାଇଁ ଏକ ମାଇଲ ଷ୍ଟୋନ୍ କହିଲେ ଅତ୍ୟୁକ୍ତି ହେବନାହିଁ ।

ଆମ ଗାଇନୋକୋଲୋଜି ଡିପାର୍ଟମେଂଟରେ ମଧ୍ୟ କେତେକ ବିରଳ ଓ ଚାଲେଞ୍ଜ ଅସ୍ତ୍ରୋପଚାର କରିବାର ସୌଭାଗ୍ୟ ମତେ ମିଳିଥିଲା । ତେବେ ମୋର ଡାକ୍ତରୀ ପ୍ରଫେସନ୍ ଓ ପେଶା ସହ ମୋର ସାରସ୍ୱତ ସାଧନା ଓ କବିତା ଲେଖିବାର ନିଶା ମଧ୍ୟ ସମାନ୍ତରାଳ ଗତିରେ ଚାଲିଥିଲା । ସେତେବେଳେ ପ୍ରାୟ ଅନେକ ପତ୍ର ପତ୍ରିକାରେ ମୁଁ କବିତା ଲେଖୁଥିଲି । କବିତା ସହ କିଛି କିଛି କ୍ଷୁଦ୍ର ଗପ ମଧ୍ୟ ଲେଖୁଥିଲି । ମତେ ପ୍ରଥମେ ଗୋଟିଏ ସାହିତ୍ୟ ସଭାରେ ସମାଜର ତତ୍କାଳୀନ ସଂପାଦିକା ମନୋରମା ମହାପାତ୍ର କହିଥିଲେ, "ସରୋଜିନୀ ତୁମେ କବିତା ଲେଖିବା ସହ ସେମିତି ଭାଷା ଦେଇ ଗଳ୍ପ ଆକାରରେ ସ୍ୱାସ୍ଥ୍ୟ ଭିତିକ ପ୍ରବନ୍ଧ ଲେଖ, ଯାହା ମହିଳାମାନେ ପଢିବେ ଏବଂ ଅନେକ ଅଜଣା ବିଷୟ ଜାଣିବେ ତଥା ନିଜ ସ୍ୱାସ୍ଥ୍ୟ ବିଷୟରେ ସଚେତନ ହେବେ । ତାପରେ ମୁଁ ପଛକୁ ନଚାହିଁ ଅନେକ ଗୁଡିଏ ସ୍ୱାସ୍ଥ୍ୟ ସଂପର୍କିତ ପ୍ରବନ୍ଧ ସମାଜ, ଧରିତ୍ରୀ, ପ୍ରଜାତନ୍ତ୍ର ଆଦି ପତ୍ରପତ୍ରିକାରେ ଲେଖିବା ଆରମ୍ଭ କରିଦେଲି, ଯାହା ଅନେକ ପାଠିକାଙ୍କୁ ସଚେତନ ମଧ୍ୟ କରିଥିଲା ଏବଂ ସେମାନଙ୍କ ପାଇଁ ଏକ ବରଦାନ ସଦୃଶ କାମ କରିଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । (କ୍ରମଶଃ)

## ପୁସ୍ତକ ସମୀକ୍ଷା

### ଓଡ଼ିଆ-ବନାନ ସୂତ୍ର

ସଂରଚନା :
ଶ୍ରୀ ଚକ୍ରଧର ପଣ୍ଡା

ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ନେଳିଆବାଗ, ଶ୍ରୀକଣ୍ଠପୁର, ବାଲେଶ୍ୱର
(ମୋ) ୯୪୩୭୦୮୯୨୪୧
ମୂଲ୍ୟ : ୧୨୦/-

ନିର୍ଭୁଲ ବନାନ୍ ରହିତ ସାହିତ୍ୟ ବିକଳାଙ୍ଗ। ଯେ କୌଣସି ଭାଷା ଓ ସାହିତ୍ୟର ବନାନୀ ଭିତରେ 'ବନାନ' ଏକ ଅପରିହାର୍ଯ୍ୟ ଶୃଙ୍ଖଳା। ଭାଷାକୁ ନିୟନ୍ତ୍ରଣ କରିବାପାଇଁ ତଥା ସମୃଦ୍ଧ ପ୍ରାଚୀନ ସାହିତ୍ୟର ଯଥାର୍ଥ ଅନୁଶୀଳନ ପାଇଁ ବନାନ୍ ଜ୍ଞାନ ଥିବା ଏକାନ୍ତ ଆବଶ୍ୟକ। ଏହି ଦୃଷ୍ଟିରୁ ଆମେ ଗୌରବ ଅନୁଭବ କରିବା ଉଚିତ୍ ଯେ ସଂସ୍କୃତ ପରି ବିଶ୍ୱର ସର୍ବପ୍ରାଚୀନ, ବଳିଷ୍ଠତମ ଏବଂ ବୈଜ୍ଞାନିକ (ଧ୍ୱନି ବିଜ୍ଞାନ ପର୍ଯ୍ୟବେସିତ) ଭାଷାର ତତ୍‌ଭବ ଭାଷା ରୂପେ ଓଡ଼ିଆ ଭାଷା, ସାହିତ୍ୟ ଓ ଲେଖନୀ ଗୁଡ଼ିକ ମଧ୍ୟ ପ୍ରଭାବିତ ତଥା ଶୃଙ୍ଖଳିତ। ସାହିତ୍ୟ ସର୍ଜନାକୁ ବ୍ୟାକରଣର କଠୋର ନିୟମ ଭିତରେ ବାନ୍ଧିବା ସଂପୂର୍ଣ୍ଣ ରୂପେ ସଂଭବ ନୁହେଁ ବୋଲି ଅନେକ ଯୁକ୍ତି ବାଢ଼ନ୍ତି। ଶକ୍ତିଶାଳୀ ତଥା ତୀବ୍ର ଅନୁଭବର ସ୍ୱଚ୍ଛନ୍ଦମୟ ପରିପ୍ରକାଶ ହିଁ ସାହିତ୍ୟ ଏବଂ ସର୍ଜନଶୀଳତାର ପ୍ରବାହ ଭିତରେ ସ୍ଥଳବିଶେଷରେ ବର୍ଣ୍ଣାଶୁଦ୍ଧିକୁ କୋହଳ ଦୃଷ୍ଟିରୁ ବିଚାର କରି ପାଠକଟିଏ ସାହିତ୍ୟ ସୃଷ୍ଟିର ଭାବାତ୍ମକ, ବ୍ୟଞ୍ଜନାତ୍ମକ ଏବଂ ଆଭିମୁଖ୍ୟ ଦିଗରେ ମନୋନିବେଶ କରି ଅଶୁଦ୍ଧ ଲିଖନରୁ ଦୃଷ୍ଟି ଏଡାଇଯାଇ ସ୍ରଷ୍ଟାର ଅଭିବ୍ୟକ୍ତିରେ ମୁଗ୍ଧ ଅଥବା ନିରାଶ ହେଲେ ଯଥେଷ୍ଟ ବୋଲି ମଧ୍ୟ ମତପ୍ରକାଶ ପାଏ। ମାତ୍ର 'ତବ ବାଧତି ବାଧତେ' ନ୍ୟାୟରେ ବିଜ୍ଞ ପାଠକଙ୍କ ବୌଦ୍ଧିକତାର ପ୍ରଚକ୍ଷୁ ଫାଙ୍କରୁ ବର୍ଣ୍ଣାଶୁଦ୍ଧିଟିଏ ଖସିବା ସହଜ ନୁହେଁ। ଖସିଯିବାର ଅର୍ଥ, ଆମ ଭାଷା ଓ ସାହିତ୍ୟ ସମୃଦ୍ଧିର ଉଚ୍ଚ ପାହାଚରୁ ତଳକୁ ଖସିଖସି ଯାଇଛି ବୋଲି ବୁଝିବାକୁ ପଡ଼ିବ। ସାଂପ୍ରତିକ ସାହିତ୍ୟ ସୃଷ୍ଟି ଗୁଡ଼ିକ କୌଣସି ଭାଷାବିତ୍ ବା ବନାନବିତ୍ ମାନଙ୍କ ଦ୍ୱାରା ପଠିତ, ପରୀକ୍ଷିତ, ସମୀକ୍ଷିତ ଓ ପ୍ରକାଶ ପାଇବା ଉପଯୋଗୀ ଅଥବା ନୁହେଁ ଏହି ବିଚାର, ବିମର୍ଶ ଓ ନିଷ୍ପତ୍ତି ପୂର୍ବରୁ ହଜାର ହଜାର ବନାନ୍ ବିଭ୍ରାଟକୁ ନେଇ ନବପିଢ଼ି ଭିତରେ ମାରାତ୍ମକ ବନାନ୍‌ଭ୍ରାନ୍ତିର ସଂଭାବନା ସହ ପ୍ରକାଶ ପାଉଛି। ସଂସ୍କୃତ ଭାଷାକୁ ନିଜର ଜନନୀ ବୋଲି ସ୍ୱୀକାର କରିଥିବା ଓଡ଼ିଆ ଭାଷାରେ ମଧ୍ୟ ଗୋଟିଏ ଗୋଟିଏ ଶବ୍ଦ ଏକାଧିକ (ସ୍ଥଳ ବିଶେଷରେ ଶତାଧିକ) ପ୍ରତିଶବ୍ଦ ବାହୀ। ସଂସ୍କୃତ ଉଦ୍ଭବ ଏହି ଅନ୍ୟତମ ପ୍ରାଚୀନ ଓଡିଆ ଭାଷା ଓ ସାହିତ୍ୟରେ ସ୍ଥାନିତ ଓ ବ୍ୟବହୃତ ପ୍ରତ୍ୟେକ ଶବ୍ଦର ରହିଛି ବ୍ୟୁତ୍‌ପତି ଗତ ନିର୍ଦ୍ଦିଷ୍ଟ ଅର୍ଥ। ସଂସ୍କୃତ ପରି ଓଡିଆ ଭାଷାରେ ମଧ୍ୟ ବ୍ୟବହୃତ ପ୍ରତ୍ୟେକ ଶବ୍ଦ ଯଥାର୍ଥ ଅର୍ଥବାହୀ ଏବଂ ଏକ ଏକ ଭାବାତ୍ମକ ସଂବେଗର ଯଥାର୍ଥ ଓ ସାର୍ଥକ ଲିପିବଦ୍ଧ ରୂପ। କାରଣ ସନ୍ଧି, ସମାସ, କୃଦନ୍ତ ଓ ତଦ୍ଧିତ ପ୍ରତ୍ୟୟ ପରି ବ୍ୟାକରଣ ଶୃଙ୍ଖଳାର ପାତାଳ ବ୍ୟାପି ଚେରକୁ ନେଇ ସୁଦୃଢ଼ ଏହି ଭାଷା। ମାତ୍ର ଗଭୀର ପରିତାପର ବିଷୟ, ସେସବୁକୁ ଗଭୀର ଅଭିନିବେଶ ସହ ଅଧ୍ୟୟନ, ତର୍ଜମା ଏବଂ ସଂଶୋଧନ କରିବା ଏବଂ ଅଧିକରୁ ଅଧିକ ସଂସ୍କୃତ ଓ ମାର୍ଜିତ ହୋଇ ଉଠିବାର ନିଷ୍ଠା ଓ ପରମ୍ପରା କ୍ରମେ ଲୋପ ପାଇଯାଉଛି। ଏହି ସଂକଟମୟ ପରିସ୍ଥିତିରେ ବିଶିଷ୍ଟ ବନାନ ଗବେଷକ ଶ୍ରୀ ଚକ୍ରଧର ପଣ୍ଡାଙ୍କ ଦ୍ୱାରା ସଂରଚିତ ତଥା ଗବେଷିକା ଅଧ୍ୟାପିକା ଅର୍ଚ୍ଚନାମୟୀ ପଣ୍ଡା ଏବଂ ଇଂ. କେଦାର ବିହାରୀ ପଣ୍ଡାଙ୍କ ଦ୍ୱାରା ସଂଯୋଜିତ ଓ ସୁବର୍ଣ୍ଣଶ୍ରୀ, ବାଲେଶ୍ୱର ଦ୍ୱାରା ପ୍ରକାଶିତ 'ଓଡିଆ ବନାନ ସୂତ୍ର' ପୁସ୍ତକର ଦ୍ୱିତୀୟ ସଂସ୍କରଣଟି ଅତି ଉପାଦେୟ ମନେହୁଏ।

ପାଖାପାଖି ଦୁଇଶହ ପୃଷ୍ଠା ସଂବଳିତ ଏହି ସମୟ ଉପଯୋଗୀ ପୁସ୍ତକଟିର ପ୍ରଚ୍ଛଦରେ ସ୍ଥାନ ପାଇଛି ଓଡିଶା ମାଟିର ଗୌରବୋଜ୍ଜଳ କୋଣାର୍କ ସୂର୍ଯ୍ୟମନ୍ଦିରର ଛବି ଏବଂ ମନ୍ଦିରର ପଶ୍ଚାତ୍ ଭାଗରେ ଦୃଶମାନ କମଳାରଙ୍ଗର କୋମଳ ସୂର୍ଯ୍ୟର ପୂର୍ଣ୍ଣୋଦୟ ସ୍ଥିତି। ଓଡିଆ ଭାଷାର ଭାସ୍କର କେତେ ମାତ୍ରାରେ ଆଜି ଗ୍ରହଣଗ୍ରସ୍ତ ତାହା ଓଡିଆ ପତ୍ରପତ୍ରିକା, ଗଳ୍ପ/ କବିତା ଇତ୍ୟାଦି ସଂକଳନ/ ବୈଦ୍ୟୁତିକ ଗଣମାଧ୍ୟମର ଓଡିଆ ଉଚ୍ଚାରଣ, ନାଟକ/ ଚଳଚିତ୍ର ସଂଗୀତ ଓ ସଂଳାପରୁ ସ୍ପଷ୍ଟ। ବୌଦ୍ଧକତାର ଏହି ଅପଳାପ ଆଣୁଥିବା କଳାକାର ଅଥବା ଗାୟକଟିଏ (ସ୍ଥଳ ବିଶେଷରେ ସେ ଅଣଓଡିଆ ମଧ୍ୟ ହୋଇପାରେ) ଏ ଦିଗରେ ଯେତିକି ଯତ୍ନବାନ ହେବା ଜରୁରୀ ନଥିଲା, ଏଭଳି ବିକୃତିକରଣର ନେପଥ୍ୟରେ ଥିବା ଏବଂ ଭାଷା ସାହିତ୍ୟର ସଂହାର ଦୃଶ୍ୟକୁ ମୂକ ଭଳି ହଜମ୍ କରୁଥିବା ବୌଦ୍ଧିକ ଗୋଷ୍ଠୀ ଏହାର ଉତ୍ତରଦାୟୀ କି ନୁହଁନ୍ତି, ବିଚାର କରିବାର କଥା।

ପୁସ୍ତକଟିର ପ୍ରଚ୍ଛଦଭାଗର ନିମ୍ନଦେଶରେ ଏହାର ଦିଗ୍ ଦର୍ଶକ ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟତତ୍ତ୍ୱ ବିଶେଷଜ୍ଞ ପ୍ରଫେସର ନିତ୍ୟାନନ୍ଦ ଶତପଥୀ ।




ଏହା ବାବଦରେ 'ଦିସ୍ ବୁକ୍ ଇଜ୍ ଏ ହିଡେନ୍ ଟ୍ରେଜର ଅଫ୍ ଓଡ଼ିଆ ଫିଲୋସୋଫି' ବୋଲି ମତାରୋପ କରିଛନ୍ତି। କିନ୍ତୁ ସମୟର ଆବଶ୍ୟକତା ଦୃଷ୍ଟିରୁ ଏହି ଅତ୍ୟାବଶ୍ୟକ ପ୍ରକାଶନ ପାଇଁ ହିଡ଼େନ୍ ଟ୍ରେଜର୍ (ହିଡେନ୍ ଟ୍ରେଜର ଏକ ଇଂରାଜୀ ବ୍ୟାକରଣ ପୁସ୍ତକର ନାମ) ଶୀର୍ଷକର ତୁଳନାତ୍ମକ ପୁନରାବୃତ୍ତି ନକରି 'ଓପନ କି'ର ତୁଳନା ଅଧିକ ଯଥାର୍ଥ। କାରଣ, ଏହା ଏକ ବ୍ୟାକରଣ ପୁସ୍ତକ ନୁହେଁ। ସାଧାରଣରେ ବ୍ୟାପିଥିବା ବନାନ ବିଭ୍ରାଟର ମହାମାରୀ ରୋକିବାର ଅବ୍ୟର୍ଥ ପ୍ରତିଷେଧକ ଏହା। ଗ୍ରନ୍ଥାକାର ଏଥିରେ ଲୁକ୍‌କାୟିତ ଭାଷା ସାହିତ୍ୟର ବ୍ୟାକରଣ ସଂପଦକୁ ନଥିବଦ୍ଧ କରିନାହାନ୍ତି। ଗ୍ରନ୍ଥକାରଙ୍କର ଆଭିମୁଖ୍ୟ ବା ଉଦ୍ଦେଶ୍ୟ ସାଧାରଣରେ ହଜାର ହଜାର ବାର ବ୍ୟବହୃତ ମାରାତ୍ମକ ବର୍ଣ୍ଣଶୁଦ୍ଧିର ପ୍ରକୃତ ରୂପ ଦର୍ଶାଇ ସାହିତ୍ୟକୁ ଶୋଭନୀୟ ଏବଂ ଶୃଙ୍ଖଳିତ ଏବଂ ମଜ୍‌ଭୁତ ସ୍ଥିତିକୁ ନେବା। ଅବଶ୍ୟ 'ଓଡ଼ିଆ-ବନାନ ସୂତ୍ର' ପୁସ୍ତକର ମୁଖବନ୍ଧ ଆଦ୍ୟଭାଗରେ ପ୍ରଫେସର ଶତପଥୀ ଯେଉଁ କଥାଟି ଲେଖିଛନ୍ତି ତାହା ପ୍ରଫେସର ଶତପଥୀଙ୍କ ଭାଷାରେ 'ଆଚ୍ଛା ଆଚ୍ଛା ଲେଖକଙ୍କର ଆଖିଖୋଲିବ ଯଥା- "ଆମେ ଯେଉଁମାନେ ଶବ୍ଦକୁ ନେଇ ଖେଳୁଛେ ଓ ସାହିତ୍ୟିକ ବୋଲେଇଛେ ସେମାନଙ୍କର ଶବ୍ଦ ସହିତ ସଂପର୍କ କେତେ କମ୍ ତା' ମୁଁ ନିଜେ ଅନୁଭବ କଲି। ଶବ୍ଦ କିପରି ନିର୍ମିତ ହୁଏ- ତା'ର ବିଭିନ୍ନ ପ୍ରତ୍ୟୟ ଯୁକ୍ତ ନିଷ୍ପନ୍ନତା ବିଷୟରେ ବଡ ବଡ ଅଧ୍ୟାପକମାନଙ୍କର ମଧ୍ୟ ଯଥେଷ୍ଟ ଜ୍ଞାନ ଅଛି ବୋଲି ମୁଁ ଭାବୁନାହିଁ। ଆମେ ଏତେ ଭୁଲ୍‌ଭାଲ୍ କରି ଶବ୍ଦକୁ ପ୍ରୟୋଗ କରୁଛୁ ତାହା ଏହି ପୁସ୍ତକଟିକୁ ମୂଳରୁ ଚୂଳ ଯାଏ ପଢ଼ି ଉପଲବ୍ଧି କଲି। ଅଥଚ ଶବ୍ଦକୁ ବ୍ରହ୍ମ କୁହାଯାଉଛି। ସେ ବ୍ରହ୍ମକୁ ଆମେ ଠିକ୍ ରୂପେ ବୁଝିଛୁ ତ? ଚକ୍ରଧର ପଣ୍ଡାଙ୍କ ବହିଟି ଆଚ୍ଛା ଆଚ୍ଛା ଲେଖକଙ୍କର ଆଖି ଖୋଲିଦେବ। ବାରମ୍ବାର ପଢ଼ିବା ପାଇଁ ମନ ଉତ୍କଣ୍ଠିତ ହେବ। କାରଣ, ଆମେ ଏତେ କଥା ଭୁଲଭାଲ କରିଲେଖି ଚଳେଇ ନେଉଥିବାରୁ ନିଜକୁ ଦୋଷୀ ବୋଲି ଭାବିବାକୁ ହେବ।" ଚକ୍ରଧର ପଣ୍ଡା ପ୍ରଣୀତ ଏହି ଅତି ମୂଲ୍ୟବାନ ପୁସ୍ତକ ବାବଦରେ ଅନେକ କଥା ଅବତାରଣା କରିବା ସହ ପ୍ରଫେସର ଶତପଥୀ ଆଉ ଏକ ରୋଚକ ଅଥଚ ଦୁର୍ଭାଗ୍ୟମୟ ପ୍ରସଙ୍ଗରେ ଉଦାହରଣ ଦେଇଛନ୍ତି। ଯଥା- "ଜଣେ ଏମ୍ ଟେକ୍ ଶିକ୍ଷାପ୍ରାପ୍ତ ଯୁବକ ତାଙ୍କ ପିତାଙ୍କ ନାମ 'ବାଞ୍ଛାନିଧି' ଶବ୍ଦଟିକୁ ମୋ ଆଗରେ ଲେଖି ନପାରି ତାଙ୍କର ଅସାମର୍ଥ୍ୟ ଜଣାଇଲେ।" ଉଲ୍ଲେଖନୀୟ ଯେ ଓଡ଼ିଶା ସାହିତ୍ୟ କ୍ଷେତ୍ରରେ ଏମିତି ଅନେକ ଅନେକ 'ବାଞ୍ଛାନିଧି'ଙ୍କ ଅବାଞ୍ଛିତ ପୁତ୍ରଙ୍କର ରାଜୁତି ବା ଚଳପ୍ରଚଳ ଲାଗି ରହିଛି, ଯେଉଁମାନେ ଭାଷା ପାଇଁ ଭସ୍ମାସୁର।

ପୁସ୍ତକଟିରେ ସ୍ଥାନ ପାଇଛି 'ଓ' ଏବଂ 'ର' ବ୍ୟବହାର, ହ୍ରସ୍ୱ ଇ କାର କେଉଁଠି ହେବ, ଦୀର୍ଘ ଈକାର(ୀ) କେଉଁଠି ହେବ, 'ଇ' ରେ ଆରମ୍ଭ କେତୋଟି ଉପାଦେୟ ଶବ୍ଦ, ହ୍ରସ୍ୱ ଉକାର ଏବଂ ଦୀର୍ଘ ଉକାର କେଉଁଠି ହେବ, ଅନୁନାସିକ ଯୁକ୍ତାକ୍ଷର ମାନଙ୍କର ବ୍ୟବହାର ସଂପର୍କରେ, 'ତର'/ 'ତମ' ପ୍ରତ୍ୟୟରୁ ତ ଏବଂ ଉକେଉଁଠି ହେବ, ସନ୍ଧିବିଧିରୁ ବନାନ ନିର୍ଣ୍ଣୟ, 'ଇମନ' ପ୍ରତ୍ୟୟାନ୍ତ କେତୋଟି ଉପାଦେୟ/ କାବ୍ୟିକ ଶବ୍ଦ, ଲେଖାପଢ଼ାରେ କେତେକ ସାଧାରଣ ତୃଟି ସଂପର୍କରେ/ କେତେକ ବୈୟାକରଣିକ ଶବ୍ଦର ବିଶଦାର୍ଥ, ଇଚ୍ଛାର୍ଥ ପ୍ରକାଶ କରୁଥିବା କେତୋଟି ଉପାଦେୟ ଶବ୍ଦ ପ୍ରମୁଖ ଅତି ଜରୁରୀ ବିଷୟବସ୍ତୁର ବଳିଷ୍ଠ ବ୍ୟାକରଣନିଷ୍ଠ ବ୍ୟାଖ୍ୟା ଓ ଉପସ୍ଥାପନା। ଏହି ଉପାଦେୟ ପୁସ୍ତକ ନିର୍ଭୁଲ ବନାନ ପ୍ରୟାସୀଙ୍କ ପାଇଁ ତଥା ଉତ୍ତର ପିଢ଼ି ପାଇଁ ଉଜ୍ଜଳ ବତୀଘର ସଦୃଶ, ଏଥିରେ ଦ୍ୱିମତ ନାହିଁ। ଉପଯୁକ୍ତ ସାହିତ୍ୟ କର୍ଷଣ ଓ ଉତ୍କୃଷ୍ଟ ଉତ୍ପାଦନ ପାଇଁ ବନାନ ଅଶୁଦ୍ଧିର ବାଲୁଙ୍ଗା ଘାସ ଉତ୍ପାଟନ ଏକାନ୍ତ ଜରୁରୀ ବୋଲି ସମସ୍ତେ ସ୍ୱୀକାର କରିବେ।




ସମୀକ୍ଷା:
+ ପ୍ରେମାନନ୍ଦ ଶ୍ରୀ ଆର୍ଯ୍ୟବ୍ରତ ଦାସ
ମାନବ ସମ୍ବଳ ପରିଚାଳନା ବିଭାଗୀୟ ମୁଖ୍ୟ,
ଆର.ଜେ. କଲେଜ ଅଫ୍ ବିଜିନେସ୍ ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍, ଚାନ୍ଦିପୁର ରୋଡ, ବାଲେଶ୍ୱର
ମୋ: - ୯୪୩୭୮୩୪୯୬୪

# ବାଲେଶ୍ୱରରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ଜୟନ୍ତୀ

## ଉତ୍କଳ କେଶରୀଙ୍କୁ ଭାରତରତ୍ନ ପ୍ରଦାନ ଦାବି




ବାଲେଶ୍ୱର,୨୧।୧୧ (ନି.ପ୍ର): ହରେକୃଷ୍ଣ ମହତାବ ସ୍ମୃତି କମିଟି, ପୂଜ୍ୟପୂଜା ସଂସଦର ମିଳିତ ସହଯୋଗରେ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ଆଜି ପାଳିତ ହୋଇଯାଇଛି। ସ୍ଥାନୀୟ ଜାତୀୟ ରାଜପଥ ଡାକବଙ୍ଗଳାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ହରିଶ୍ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ଉତ୍କଳ ମେଲ୍ ସମ୍ବାଦପତ୍ରର ମୁଖ୍ୟ ସମ୍ପାଦକ ଡକ୍ଟର ପୀତବାସ ମିଶ୍ର ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାନ ଜନନାୟକ ତଥା ନବ ଉତ୍କଳର ନିର୍ମାତାଙ୍କ ବହୁବିଧ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଭାରତୀୟ ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ସାରସ୍ୱତ ସାଧନା ପର୍ଯ୍ୟନ୍ତ ପ୍ରତିଟି କ୍ଷେତ୍ରରେ ତାଙ୍କର ଦଖଲ ରହିଥିଲା। ମାତ୍ର ଓଡ଼ିଶା ମାଟିରେ ତାଙ୍କ ଭଳି ବ୍ୟକ୍ତିତ୍ୱଙ୍କୁ ଉଚିତ ମୂଲ୍ୟାଙ୍କନ କରାଯାଇନାହିଁ। ଅନ୍ୟ କେଉଁ ରାଜ୍ୟରେ ଜନ୍ମଗ୍ରହଣ କରିଥିଲେ ହୁଏତ ସେ ଭାରତର ପ୍ରଧାନ ମନ୍ତ୍ରୀ ହୋଇପାରିଥା'ନ୍ତେ ବୋଲି ଡକ୍ଟର ମିଶ୍ର ମତ ପ୍ରକାଶ କରିଥିଲେ। ଫକୀର ମୋହନ ସାହିତ୍ୟ ପରିଷଦର ସଭାପତି ଡକ୍ଟର ଶିରୀଶ ଚନ୍ଦ୍ର ଜେନା ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉତ୍କଳ କେଶରୀ ଡକ୍ଟର ମହତାବଙ୍କ ଜୀବନାଦର୍ଶ ଓ ନବ ଉତ୍କଳର ନିର୍ମାଣରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଦୈନିକ ଓଡ଼ିଆ ସମ୍ବାଦପତ୍ର 'ସମାଜ'ର ବରିଷ୍ଠ ସହ-ସମ୍ପାଦକ କୁଳମଣି ବାରିକ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶେଷ ସମୟ ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କୁ ଡକ୍ଟର ମହତାବ ଜୀବନର ଦେଇଥିବା ତ୍ୟାଗପୂର୍ଣ୍ଣ ସେବା ସମ୍ପର୍କରେ ଆଲୋଚନା କରିଥିଲେ। ତତ୍କାଳୀନ ଉତ୍କଳର ସାମାଜିକ, ଆର୍ଥିକ ଓ ରାଜନୈତିକ ବିକାଶରେ ତୀକ୍ଷ୍ଣ ଦୂରଦୃଷ୍ଟି ସମ୍ପନ୍ନ ଏହି ବ୍ୟକ୍ତିତ୍ୱଙ୍କ ଅବଦାନ ସର୍ବଦା ଅବିସ୍ମରଣୀୟ ହୋଇ ରହିବ ବୋଲି ଶ୍ରୀ ବାରିକ ମତ ଦେଇଥିଲେ। ସମାଜସେବୀ ସୁବାସିନୀ ଜେନା, ରୂପାୟନର ସମ୍ପାଦିକା ଶ୍ରଦ୍ଧାଞ୍ଜଳି ରାୟ ଓ ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି ପ୍ରମୁଖ ଏଥିରେ ବିଶେଷ ବକ୍ତା ଭାବେ ଯୋଗଦେଇ ସ୍ୱାଧୀନତା ଆନ୍ଦୋଳନଠାରୁ ମୁଖ୍ୟମନ୍ତ୍ରୀତ୍ୱ କାଳ ପର୍ଯ୍ୟନ୍ତ ଡକ୍ଟର ମହତାବ ସମଗ୍ର ଓଡ଼ିଶାରେ ପ୍ରତିନିଧିତ୍ୱ କରିଥିଲେ ବି ବାଲେଶ୍ୱର ତାଙ୍କର ଉଭୟ ରାଜନୈତିକ ଓ ସାମ୍ବାଦିକ ଜୀବନର କର୍ମଭୂମି ଥିଲା ବୋଲି କହିଥିଲେ। ତାଙ୍କୁ ମରଣୋତ୍ତୋର ଭାରତରତ୍ନ ପ୍ରଦାନ ପାଇଁ ସେମାନେ ଦାବି କରିଥିଲେ। ହରେକୃଷ୍ଣ ସ୍ମୃତି କମିଟିର ସଭାପତି ବରିଷ୍ଠ ସାମ୍ବାଦିକ ସତ୍ୟପ୍ରିୟ ମହାନ୍ତି ଏଥିରେ ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଦେବବ୍ରତ ପାଣିଗ୍ରାହୀ ପ୍ରାକ୍ ସୂଚନା ଦେଇଥିଲେ। ସାମ୍ବାଦିକା ଅପର୍ଣ୍ଣା ମହାପାତ୍ର ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୬୬ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୨୧।୧୧ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୬୬ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୫୦୯ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୫୮୬ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

## ବାରିପଦାଠାରେ ୨ୟ ଅତିରିକ୍ତ ସିନିୟର ସିଭିଲ ଜଜ୍‌କୋର୍ଟ ଉଦ୍‌ଘାଟିତ



ବାରିପଦା ,୨୧।୧୧ (ନି.ପ୍ର): ଆଜି ବାରିପଦା କୋର୍ଟ ପରିସରରେ ନୂତନ ଭାବରେ ଦ୍ୱିତୀୟ ଅତିରିକ୍ତ ସିନିୟର ସିଭିଲ କୋର୍ଟ ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥଙ୍କ କରକୋମଳରେ ବିଧିବଦ୍ଧ ଭାବରେ ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଦୌରାଜର୍ଜ ବାରିପଦା ଶ୍ରୀ ସ୍ୱୟ ରନ ବହିଦାର, ଅତିରିକ୍ତ ଦୌରାଜଜ୍ ଶ୍ରୀ ମହେନ୍ଦ୍ର କୁମାର ସୂତ୍ରଧର, କୋର୍ଟ ରେଜିଷ୍ଟ୍ରାର ଆଶାପର୍ଣ୍ଣା ମହାପାତ୍ର, ଭିଜିଲାନ୍ସ ସ୍ପେସାଲ ଜଜ୍ ଶ୍ରୀ ପ୍ରଣବ ପାତ୍ର, ଚିଫ ଜୁଡିସିଆଲ ମାଜିଷ୍ଟ୍ରେଟ ଶ୍ରୀ ସନ୍ତୋଷ କୁମାର ଦାସରାୟ, ଅତିରିକ୍ତ ସିନିୟର ସିଭିଲ ଜଜ୍ ଦେବଶ୍ରୀ ସାହୁ, ଏସଡିଜେଏମ ଡଃ ରିନୋତି ମିଶ୍ର, ମୟୂରଭଂଜ ଜିଲ୍ଲାପାଳ ବିନୀତ ବରଦ୍ୱାଜ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସ୍ମିଥ ପି. ପରମାର ପ୍ରମୁଖଙ୍କ ସହିତ ଅନ୍ୟ ବିଚାରପତି, ବାରିପଦା ବାର ଏସୋସିଏସନର ବରିଷ୍ଠ ଓକିଲ ମାନେ ଉପସ୍ଥିତ ଥିଲେ । ବିଚାରପତି ଜଷ୍ଟିସ ରଥ ବାରିପଦା କୋର୍ଟ ପରିସରରେ ପହଂଚିବା ପରେ ତାଙ୍କୁ ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ସ୍ୱାଗତ ଜଣାଇବା ସହିତ ନିୟମ ମୁତାବକ ପୋଲିସ ପକ୍ଷରୁ ଗାର୍ଡଅଫ ଅନର ପ୍ରଦାନ କରାଯାଇଥିଲା । ତେବେ ମୟୂରଭଂଜ ଭଳି ଏକ ଆଦିବାସୀ ଅଧ୍ୟୁଷିତ ବୃହତର ଜିଲ୍ଲାରେ ଦେଓ୍ୱାନୀ ମୋକର୍ଦ୍ଦମା ସଂଖ୍ୟା ବେଶ ଅଧିକ ହୋଇଥିବାରୁ ମାମଲା ଗୁଡିକର ଫଇସଲା ହେବାକୁ ଦୀର୍ଘ ସମୟ ଲାଗିଯାଉଥିଲା । ଏଣୁ ଏହି ଅତିରିକ୍ତ ସିନିୟର ସିଭିଲ ଜଜକୋର୍ଟ କାର୍ଯ୍ୟକାରୀ ହେବା ପରେ ମାମଲା ଗୁଡିକର ଶ୍ରୀଘ୍ର ସମାଧାନ ହୋଇପାରିବ ବୋଲି ବାରିପଦା କୋର୍ଟର ବରିଷ୍ଠ ଓକିଲ ମାନେ କହିଛନ୍ତି ।

## ହରେକୃଷ୍ଣ ମହତାବଙ୍କୁ ଜୟନ୍ତୀରେ ମନେ ପକାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୧।୧୧ (ନି.ପ୍ର): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଉତ୍କଳ କେଶରୀ ଡଃ. ହରେକୃଷ୍ଣ ମହତାବଙ୍କୁ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ମରଣ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଉତ୍କଳ କେଶରୀ ଡଃ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି। ଆଧୁନିକ ଓଡ଼ିଶାର ନିର୍ମାଣ ସହ ସାମ୍ବାଦିକତା ଓ ସାହିତ୍ୟ ଜଗତ ପ୍ରତି ତାଙ୍କ ଅତୁଳନୀୟ ଅବଦାନ ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ।

## ସମାଜସେବୀଙ୍କ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ

ବାଲେଶ୍ୱର,୨୧।୧୧ (ନି.ପ୍ର): ସମାଜସେବୀ ସଲିମ ରାଜା ଓ ଫୟାଜ୍ ଅହମ୍ମଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଲେଶ୍ୱର ସହରର ପୁଲବଜାର ନିକା ମହଲରେ କରୋନା ସଚେତନତା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଯାଇଛି । ବିଜେଡି ରାଜ୍ୟ ରାଜ୍ୟ ସଂଖ୍ୟାଲଘୁ ସେଲର ଉପ-ସଭାପତି ଶେଖ୍ ଅବଦୁଲ ଗନି ଓ ରାଜ୍ୟ ସମ୍ପାଦକ ଆଇନଜୀବୀ ମହମ୍ମଦ ସମତ୍ ଖାଁ, ସମାଜସେବୀ ଅବଦୁଲ ମୁକ୍ତାର ଖାନ୍, ଶେଖ୍ ମିନାଜୁଦ୍ଦିନ୍ ପ୍ରମୁଖ ଏଥିରେ ଯୋଗଦେଇ ଆସନ୍ତା ଶୀତକାଳରେ ବୃଦ୍ଧି ପାଇବାକୁ ଯାଉଥିବା କରୋନା ସଂକ୍ରମଣ ପ୍ରତି ଅଧିକ ସତର୍କ ରହିବାକୁ କହିଥିଲେ। ଏନେଇ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ସତର୍କ କରାଇ ଦେଇଛନ୍ତି। ଅତଏବେ ପୂର୍ବପରି ସାମାଜିକ ଦୂରତା ରକ୍ଷା ସାଙ୍ଗକୁ ମାସ୍କ ଓ ସାନିଟାଇଜର ବ୍ୟବହାର ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସେଠାରେ ଉପସ୍ଥିତ ମହିଳା ଓ ପୁରୁଷଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ତେବେ ପୂର୍ବରୁ ଏହିଭଳି ଜନସେବା ମୂଳକ କାର୍ଯ୍ୟ ହୋଇ ଆସୁଥିବା ବେଳେ ଆଗାମୀ ଦିନରେ ବି ଏହା ଜାରି ରହିବ ବୋଲି କାର୍ଯ୍ୟକ୍ରମର ଆୟୋଜକ ଶ୍ରୀ ରେଜା ସୂଚନା ଦେଇଥିଲେ।

## ଡ୍ରେନ ନିର୍ମାଣ ନିମନ୍ତେ ଗ୍ରାମବାସୀ ଦ୍ୱିତୀୟ ଥର ପାଇଁ ରାଜରାସ୍ତାକୁ ଓହ୍ଲାଇଲେ




ବାରିପଦା ,୨୧।୧୧ (ନି.ପ୍ର): ମୟୂରଭଂଜ ଜିଲ୍ଲା ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ପୋଡାଅସ୍ତିଆ-ଲୁଲୁଙ୍ଗ ରାସ୍ତାର ଗତ ବର୍ଷ ୨୦୧୯ମସିହାରୁ ପୋଡାଅସ୍ତିଆ-ଲୁଲୁଙ୍ଗ ରାସ୍ତାର ପ୍ରଶସ୍ତିକରଣ କାମ ପି.ଡବ୍ଲ୍ୟୁ.ଡି. ବିଭାଗ ପକ୍ଷରୁ ଆରମ୍ଭ ହୋଇ ଚଳିତ ବର୍ଷ ୨୦୨୦ମସିହାରେ ସମ୍ପୂର୍ଣ୍ଣ ହୋଇଥିଲା। ହେଲେ ରାସ୍ତାର ଦୁଇ ପାର୍ଶ୍ୱରେ ଡ୍ରେନ୍ କାମ ଅଧାପନ୍ତରିଆ ହୋଇ ରହିବା ଫଳରେ ଉକ୍ତ ରାସ୍ତାର ତେଲିବିଲା ଏବଂ କଦଳୀବାଡିଆ ଗ୍ରାମ ନିକଟରେ ବର୍ଷା ଦିନରେ ବର୍ଷାପାଣି ନିଷ୍କାସନ ହୋଇ ନପାରି ଗ୍ରାମବାସୀଙ୍କ ଘର ଭିତରେ ପଶୁଥିଲା । ଏପରିକି ବର୍ଷାପାଣି ପାଇ କଚ୍ଚାଘର ମଧ୍ୟ ଭୁଷୁଡି ପଡିଥିଲା। ଗ୍ରାମବାସୀ ମାନେ ବହୁ ହଇରାଣ ହରକତ ହୋଇ ବିଭାଗୀୟ ଅଧିକାରୀଙ୍କୁ ଏବିଷୟରେ ଅବଗତ କରିବା ପରେ ମଧ୍ୟ ଦୀର୍ଘଦିନ ଧରି କୌଣସି ସୁଫଳ ନମିଳିବାରୁ ପ୍ରାୟତଃ ୬ମାସ ପୂର୍ବରୁ ଉକ୍ତ ସ୍ଥାନରେ ଗ୍ରାମବାସୀ ରାସ୍ତା ରୋକ ଆନ୍ଦୋଳନ କରିଥିଲେ। ସେତେବେଳେ ବିଭାଗୀୟ ଅଧିକାରୀମାନେ ଗ୍ରାମବାସୀଙ୍କୁ ଯଥାଶୀଘ୍ର ଡ୍ରେନ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯିବ ବୋଲି ପ୍ରତିଶୃତି ଦେଇ ଚୁପ୍‌ଚାପ୍ ହୋଇ ରହି ଯାଇଥିଲେ। ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ଡ୍ରେନ୍ ନିର୍ମାଣର କୌଣସି ସୂଚନା ନପାଇବାରୁ ବାଧ୍ୟ ହୋଇ ଆଜି ପୁଣି ଗ୍ରାମବାସୀ ଦ୍ୱିତୀୟ ଥର ପାଇଁ ବାରିପଦା ଲୁଲୁଂ ମୁଖ୍ୟ ରାସ୍ତାରେ କଦଳୀବାଡିଆ ଠାରେ ରାସ୍ତା ରୋକ କରିଥିଲେ। ଫଳରେ ସାଧାରଣ ଯାତ୍ରୀମାନେ ଦୀର୍ଘ ଦୁଇଘଣ୍ଟା ଧରି ରାସ୍ତା ଉପରେ ଛିଡା ହୋଇ ନାହିଁ ନଥିବା ଅବସ୍ଥା ଭୋଗ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ଗ୍ରାମବାସୀଙ୍କ ଘର ସମ୍ମୁଖରେ ଗଭୀର ଗାତ କରାଯାଇଥିବାରୁ ଛୋଟ ପିଲା ଏବଂ ବୃଦ୍ଧ ବୟସ୍କ ଲୋକ ଉକ୍ତ ଗାତରେ ପଡିଯିବାର ଆଶଙ୍କା ସେମାନଙ୍କୁ ଭୟଭୀତ କରିବା ସହିତ ବର୍ତ୍ତମାନ ଧାନ ପାଚି ଯାଇଥିବାରୁ ଧାନ କାଟି ସାରିବା ପରେ ନିଜନିଜ ଘରକୁ ଧାନ ନେବାରେ ଅସୁବିଧା ଉପୁଯିବ ବୋଲି କହିଛନ୍ତି। ଯାହାଦ୍ୱାରା ରାସ୍ତାଟି ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯିବ ଏବଂ ଯାତାୟାତ ନିମନ୍ତେ ଅସୁବିଧା ସୃଷ୍ଟି ହେବ। ତେଣୁ ଯଥାଶୀଘ୍ର ଡ୍ରେନ କାର୍ଯ୍ୟ ଆରମ୍ଭ କରିବାକୁ ଦୃଢ ଦାବୀ ଜଣାଇ ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତା ଅବରୋଧ କରାଯାଇଛି ବୋଲି ଉକ୍ତ ଗ୍ରାମର ରନ ମହାନ୍ତ ଏବଂ ଅଜିତ୍ ମହାନ୍ତ ପ୍ରକାଶ କରିଛନ୍ତି। ରାସ୍ତା ଅବରୋଧ ଫଳରେ ରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀମାନେ ଦୁଇଘଂଟା ଧରି ଅପେକ୍ଷା କରିଥିଲେ। ଖବରପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ କଥାକୁ ହୃଦୟଙ୍ଗମ କରିଥିଲେ। ପରେ ପରେ ପି.ଡବ୍ଲ୍ୟୁ.ଡି.ର ଏସ୍.ଡି.ଓ. ଆସି ଘଟଣାସ୍ଥଳରେ ପହଞ୍ଚି ଅବରୋଧକାରୀଙ୍କ ସହିତ ଆଲୋଚନା କରିଥିଲେ ଏବଂ ଉକ୍ତ ଡ୍ରେନ୍ କାମ ପାଇଁ ସବୁ ବ୍ୟବସ୍ଥା ହୋଇଯାଇଛି ବୋଲି କହିବା ସଂଗେସଂଗେ ଆସନ୍ତା ସାତ ଦିନ ମଧ୍ୟରେ ଡ୍ରେନ୍ କାର୍ଯ୍ୟ ଆରମ୍ଭ ହୋଇଯିବ ବୋଲି ପ୍ରତିଶୃତି ଦେବା ପରେ ଗ୍ରାମବାସୀ ମାନେ ରାସ୍ତା ଅବରୋଧରୁ ଓହରି ଯାଇଥିଲେ ଏବଂ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏହି ରାସ୍ତା ଅବରୋଧରେ ଶାମାଖୁଣ୍ଟା ସରପଞ୍ଚ ଚନ୍ଦ୍ରମୋହନ ସିଂ, ଶିରିଶବଣୀ ସରପଞ୍ଚ ସୁଗନ୍ଧା ସୋରେନ୍,୫୦ନମ୍ବର ଜୋନ୍ ଜିଲ୍ଲାପରିଷଦ ସଦସ୍ୟ ଦଶରଥ ମହାନ୍ତ, ସମାଜସେବୀ ସୁମନ୍ତ ପାତ୍ର, ଦେବେନ୍ଦ୍ର ମହାନ୍ତ, ଓଡିଶା ରାଜ୍ୟ ବିଜୁ ଛାତ୍ର ଜନତା ଦଳର ଯୁଗ୍ମ ସଂପାଦକ ରଜନୀ ମହାନ୍ତ, ମଣ୍ଟୁ ଦିଗାରଙ୍କ ସହିତ ଶତାଧିକ ଗ୍ରାମବାସୀ ଉପସ୍ଥିତ ହୋଇଥିଲେ। ବିଭାଗୀୟ ଅଧିକାରୀଙ୍କ ପ୍ରତିଶୃତି ପୂର୍ବ ଭଳି ମିଛ ହେଲେ ଗ୍ରାମବାସୀଙ୍କ ପକ୍ଷରୁ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଗ୍ରାମବାସୀ ମାନେ ଚେତାବନୀ ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆଇନ ଶୃଙ୍ଖଳା...

ଏହି ନିଷ୍ପତି ଠିକ ନୁହେଁ ବୋଲି ସେ କହିଥିଲେ । କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି ସ୍କୁଲ ବନ୍ଦ ନିଷ୍ପତିକୁ ଯଦି ରାଜ୍ୟ ସରକାର ପ୍ରତ୍ୟାହାର ନ କରନ୍ତି ତେବେ ତାହାର ପ୍ରତିବାଦରେ ବିଧାନସଭା ସରିବା ପରେ ପଶ୍ଚିମ ଓଡିଶା ସମେତ କେବିକେ ଅଂଚଳରେ ବନ୍ଦ ଆୟୋଜନ କରା ଯିବ । କଂଗ୍ରେସ ବିଧାୟକ ସନ୍ତୋଷ ସିଂହ ସାଲୁଜା ମଧ୍ୟ ଏହି ନିଷ୍ପତିକୁ ନେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ । ବିରୋଧୀ ଦଳର ଉପନେତା ବିଷ୍ଣୁ ସେଠୀ ମଧ୍ୟ ଏହି ପ୍ରସଙ୍ଗ ଉଠାଇ କହିଲେ ଯେ ସ୍କୁଲ ବନ୍ଦ ନିଷ୍ପତି ଅବିଳମ୍ବେ ପ୍ରତ୍ୟାହାର କରି ନେବା ପାଇଁ ରାଜ୍ୟ ସରକାରଙ୍କୁ ଆଜି ହିଁ ନିର୍ଦ୍ଦେଶ ଦିଆ ଯାଉ । ଏହା ପରେ କୌଣସି ରୁଲିଂ ନ ଦେବାରୁ ବିଧାୟକ ମାନେ ହଟ୍ଟଗୋଳ କରି ଥିଲେ । ବାଚସ୍ପତି ଶ୍ରୀ ପାତ୍ର କହିଥିଲେ ଯେ ବିଧାୟକ ମାନଙ୍କର ଉଦବେଗକୁ ବିଚାର କରି ବିଭାଗୀୟ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଉଛି ଯେ ସେ ଦୁଇ ଦିନ ମଧ୍ୟରେ ଏହା ଉପରେ ଗୃହରେ ବିବୃତି ଦିଅନ୍ତୁ । କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର କହିଥିଲେ ଯେ ମନ୍ତ୍ରୀଙ୍କ ବିବୃତି ପରେ ଏହା ଉପରେ ଆଲୋଚନା କରିବାର ସୁଯୋଗ ନାହିଁ । ତେଣୁ ବାଚସ୍ପତିଙ୍କ ପ୍ରକୋଷ୍ଠରେ ସର୍ବଦଳୀୟ ବୈଠକରେ ସବୁ ଦଳର ନେତା, ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ଡାକି ଆଲୋଚନା କରି ଆଜି ହିଁ ନିଷ୍ପତି ଗ୍ରହଣ କରା ଯାଉ । ବିରୋଧୀ ଦଳର ନେତା ମଧ୍ୟ ଏହାକୁ ସମର୍ଥନ କରିଥିଲେ । ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ ଏହି ସ୍କୁଲ ଗୁଡିକୁ ଏକତରଫା ଭାବେ ବନ୍ଦ କରା ଯାଉ ନାହଁ । ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି ଯେ ଏହି ସମସ୍ୟା ଯେ କେବଳ ବିରୋଧୀ ଦଳର ନୁହେଁ , ଆମର ମଧ୍ୟ ଏହି ସମସ୍ୟା । ଏହା ରାଜ୍ୟର ସମସ୍ୟା । ସରକାର ଏହା ଉପରେ ବିଚାର କରୁଛନ୍ତି । ବାଚସ୍ପତି ଏହାକୁ ନେଇ ରୁଲିଂ ଦେଇ ସାରିଛନ୍ତି । ତେଣୁ ବିରୋଧୀ ଦଳ ଏହାକୁ ନେଇ ବେଶୀ ଗୁରୁତ୍ୱ ନ ଦେବାକୁ ସେ ଅନୁରୋଧ କରିଥିଲେ । ଏହା ପରେ ବାଚସ୍ପତି ଦ୍ୱିତୀୟ ଥର ପାଇଁ ରୁଲିଂ ଦେଇଥିଲେ ଯେ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀଙ୍କୁ ଆସନ୍ତାକାଲି ସ୍କୁଲ ବନ୍ଦ କରିବା ନେଇ ଏକ ପୂର୍ଣ୍ଣାଙ୍ଗ ବିବୃତି ଦିଅନ୍ତୁ । ଏହା ପରେ ବାଚସ୍ପତି ଗୃହକୁ ଅପରାହ୍ନ ୩ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ଅପରାହ୍ନ ୩ଟାରେ ଦ୍ୱିତୀୟାର୍ଦ୍ଧ ବୈଠକ ଆରମ୍ଭ ହେବା ମାତ୍ରେ ବିରୋଧି ଦଳର ସଦସ୍ୟ ମାନେ ସ୍କୁଲ ବନ୍ଦ ସମ୍ପର୍କରେ ଆଲୋଚନା ଦାବି କରି ହଟ୍ଟଗୋଳକୁ ଦୋହରାଇଥିଲେ । ବାଚସ୍ପତି ରୁଲିଂ ଦେଇ କହିଥିଲେ ଯେ, ଆଜି ସକାଳେ ଏହି ସମ୍ପର୍କରେ ଉଭୟ ଶାସକ ଓ ବିରୋଧି ଦଳ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଥିଲା । ଏହାକୁ ଦୃଷ୍ଟିରେ ରଖି ମନ୍ତ୍ରୀ ତା ଉପରେ ବିବୃତି ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବୋଲି କହିଥିଲେ । ଏହି ସମସ୍ୟା ଏକ ରାଜ୍ୟର ସମସ୍ୟା । ଏଥିରେ ସମସ୍ତ ବିଧାୟକମାନଙ୍କର ନିର୍ବାଚନ ମଣ୍ଡଳୀ ପ୍ରଭାବିତ ହୋଇଛି ବୋଲି କହିଥିଲେ । କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ଏହାକୁ ବିରୋଧ କରି କହିଥିଲେ ମନ୍ତ୍ରୀ ବିବୃତି ଦେଇ ସାରିଲା ପରେ ତା ଉପରେ ଆଲୋଚନା ହୋଇପାରିବ ନାହିଁ । ଆମେ ଚାହୁଁଛୁ ସ୍କୁଲ ବନ୍ଦ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରାଯାଉ । ବାଚସ୍ପତି ଏହା ଉପରେ କୌଣସି ଗୁରୁତ୍ୱ ଦେଇନଥିଲେ । ଫଳରେ ଶ୍ରୀ ବାହିନୀପତି ବାଚସ୍ପତିଙ୍କ ଟେବୁଲ ଉପରେ ଥିବା ଫାଇବର ବାଡ଼ରେ ନିଜର ମୁଣ୍ଡକୁ ପିଟିଦେଇଥିଲେ । ପରିସ୍ଥିତି ଅସମ୍ଭାଳ ହେବାରୁ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିଥିଲେ । ହଟ୍ଟଗୋଳ ସମୟରେ ବାଚସ୍ପତି ସୁରକ୍ଷା କର୍ମୀଙ୍କ ବଳୟରେ ଗୃହର କାର୍ଯ୍ୟ ଚଳାଇବାକୁ ଚେଷ୍ଟା କରିଥିଲେ । ତାହା ମଧ ସଫଳ ହୋଇନଥିଲା । ସୂଚନାଯୋଗ୍ୟ ଯେ, ଆଜି ଗୃହରେ ୪ଟି ସରକାରୀ ବିଲ୍ ପାରିତ ହେବା ପାଇଁ କାର୍ଯ୍ୟସୂଚୀରେ ସ୍ଥାନିତ ହୋଇଥିଲା । ପ୍ରବଳ ହଟ୍ଟଗୋଳ ଯୋଗୁଁ ଏହା ପାରିତ ହୋଇପାରିନଥିଲା । ଏହି ବିଲ୍ ଗୁଡ଼ିକ ହେଲା - ଓଡିଶା ଅତ୍ୟାବଶ୍ୟକୀୟ ସେବା (ରକ୍ଷଣାବେକ୍ଷଣ) ସଂଶୋଧନ ବିଲ୍ - ୨୦୨୦, ଓଡ଼ିଶା ସ୍ଥାନୀୟ ପାଣ୍ଠି ସମୀକ୍ଷା (ସଂଶୋଧନ) ବିଲ୍ - ୨୦୨୦, ଓଡ଼ିଶା ଲୋକାୟୁକ୍ତ (ସଂଶୋଧନ)ବିଲ୍ - ୨୦୨୦, ଓଡ଼ିଶା ଔଦ୍ୟୋଗିକ ଭିତିଭୂମି ଉନ୍ନୟନ ନିଗମ (ସଂଶୋଧନ) ବିଲ୍ - ୨୦୨୦ ।

### କରୋନାରେ ଦେଶରେ ...

ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୯୦,୫୦,୫୯୮ ରେ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୪,୩୯,୭୪୭ ଥିବା ବେଳେ ବର୍ତମାନ ସୁଦ୍ଧା ୧,୩୨,୭୨୬ଜଣ ମୃତ୍ୟୁ ବରଣ କରିଛନ୍ତି ।

### ଓଡ଼ିଶାର ୪୬ଟି ସାଗରମାଳା...

ପୁଞ୍ଜିନିବେଶରେ ହେବାକୁ ଥିବା ମାଛଧରା ବନ୍ଦର ପ୍ରତିଷ୍ଠା ପାଇଁ ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ସରକାରଙ୍କ ମତ୍ସ୍ୟ ବିଭାଗକୁ ୫ କୋଟି ଟଙ୍କା ପ୍ରଦାନ କରାଯାଇଛି । ଏହି ନୂତନ ମାଛଧରା ବନ୍ଦର ଚାନ୍ଦିପୁରର ମତ୍ସ୍ୟଜୀବୀ ତଥା ସ୍ଥାନୀୟ ଅଂଚଳବାସୀଙ୍କ ଜୀବନଜୀବିକାରେ ଉନ୍ନତି ଆଣିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶାରେ ନୀଳ ବିପ୍ଳବ ସ୍ୱପ୍ନକୁ ପୂରଣ କରିବାରେ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

### ଇଚ୍ଛା ଡ୍ୟାମ୍ ନିର୍ମାଣ ...

କରାଯାଇ ୫୧୯୬ ଏକର ଜମି ଅଧିଗ୍ରହଣ କରାଯାଇଛି । ସେହିପରି ଚାନ୍ଦିଲି ଡ୍ୟାମରେ ବର୍ଷା ସମୟରେ ୧୮୧.୫୦ ମିଟର ପାଣି ରଖାଯାଉଥିବାବେଳେ ଏହାର ଜଳଧାରଣ କ୍ଷମତା ୧୯୨ ମିଟର ରହିଛି । ଏହା ବ୍ୟତୀତ ସୁବର୍ଣ୍ଣରେଖା ଉପରେ ଗାଲୁଡିହି ବ୍ୟାରେଜ ପାଇଁ ଓଡିଶା ସରକାର ୮୬.୨୦% ଏବଂ ଗାଲୁଡିହି ଦକ୍ଷିଣ କେନାଲ ପାଇଁ ୯୪% ଅଂଶ ଦେଇଛନ୍ତି।

### ପ୍ରକାଶ ପାଇଲା ଏକକ...

ମେଧାତାଲିକା ଦେଖିପାରିବେ। ଛାତ୍ରଛାତ୍ରୀମାନେ ସେମାନଙ୍କର ୱେବ୍‌ସାଇଟ୍‌ରେ ୟୁଜର ନେମ୍ ଓ ପାସ୍‌ୱାର୍ଡ ଦେଇ ଲଗ୍‌ଇନ୍ କରି ମଧ ଏମଆଇଏସ୍ ରିପୋର୍ଟ ରେ ବିଶ୍ୱବିଦ୍ୟାଳୟ/ ମହାବିଦ୍ୟାଳୟ ଅନୁସାରେ ମେଧା ତାଲିକା ଦେଖିପାରିବେ । ସୂଚନାଯୋଗ୍ୟ ଯେ ରାଜ୍ୟରେ ପ୍ରଥମ ଥର ପାଇଁ ୭୦ଟି ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ବିଭିନ୍ନ ଲପିଜି ପାଠ୍ୟକ୍ରମର ୧୪,୪୦୧ ଗୋଟି ପିଜି ସିଟ୍ ପାଇଁ ଏକକ ପ୍ରବେଶିକା ପରୀକ୍ଷା ହୋଇଥିଲା । ଏଥିରେ ଭାଗ ନେବା ପାଇଁ ସମୁଦାୟ ୬୨,୧୯୦ ଜଣ ଆବେଦନ କରିଥିବାବେଳେ ଏକକ ପ୍ରବେଶିକା ପରୀକ୍ଷାରେ ମୋଟ ୫୫,୭୪୬ ଜଣ ପରୀକ୍ଷା ଦେଇଥିଲେ । ପ୍ରବେଶିକା ପରୀକ୍ଷା ନିମନ୍ତେ ୭୧,୭୮୯ଟି ହଲ୍ ଟିକେଟ୍ ଜାରି କରାଯାଇଥିଲା । ତେବେ ବିଭିନ୍ନ ବିଷୟରେ ୬୨,୯୪୨ ଜଣ ପରୀକ୍ଷା ଦେଇଥିଲେ ଏବଂ ୫୨,୭୮୦ ଜଣ ପରୀକ୍ଷାର୍ଥୀଙ୍କ ମେଧା ତାଲିକା ୱେବ୍‌ସାଇଟ୍ ରେ ପ୍ରସ୍ତୁତ କରାଯାଇଛି । ମେଧା ତାଲିକା ଅନୁଯାୟୀ ଛାତ୍ରଛାତ୍ରୀମାନେ ସେମାନଙ୍କର ପସନ୍ଦର ବିଷୟ ଓ ବିଶ୍ୱବିଦ୍ୟାଳୟ/ ମହାବିଦ୍ୟାଳୟରେ ନାମ ଲେଖାଇବା ନିମନ୍ତେ ସୁଯୋଗ ପାଇବେ ।

### କମେଡ଼ି କୁଇନ...

ତେବେ ଭାରତୀ ସିଂହଙ୍କ ଘରୁ ଗଞ୍ଜେଇ ଜବତ ହେବା ପରେ ଏନସିବି ତାଙ୍କୁ ଗିରଫ କରିଥିବା ଜଣାପଡିଛି। ବଲିଉଡ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ମୃତ୍ୟୁ ପରଠୁ ସାମନାକୁ ଆସିଥିବା ଡ୍ରଗ୍ସ ଆଙ୍ଗଲରେ ଏନସିବି ଲଗାତାର ଚଢ଼ାଉ ଜାରି ରଖିଛି। ଏହା ପୂର୍ବରୁ ଡ୍ରଗ୍ସ ମାମଲାରେ ଶୁକ୍ରବାର ଅଭିନେତା ଅର୍ଜୁନ ରାମପାଲ ଏନସିବି ଅଫିସ୍ ପହଂଚିଥିଲେ। ସେଠାରେ ତାଙ୍କୁ ଡ୍ରଗ୍ସ ମାମଲାରେ ଘଂଟା ଘଂଟା ଧରି ପଚରାଉଚୁରା କରିଥିଲାଏନସିବି। ଅର୍ଜୁନଙ୍କ ପୂର୍ବରୁ ତାଙ୍କ ଲିଭ୍ ଇନ୍ ପାର୍ଟନର ଗାବ୍ରିଏଲାଙ୍କୁ ୨ ଦିନ ଯାଏଁ ପଚରାଉଚୁରା କରାଯାଇଥିଲା। ଏହା ପରେ କୋର୍ଟରେ ଅର୍ଜୁନ ରାମପାଲଙ୍କ ବନ୍ଧୁ ପାଲ ବରଟେଲଙ୍କୁ ହାଜର କରାଯାଇଥିଲା। ଏହା ପରେ ବରଟେଲଙ୍କୁ ନଭେମ୍ବର ୨୫ଯାଏଁ ବିଚାରବିଭାଗୀୟ ହେପାଜତକୁ ପଠାଇ ଦିଆଯାଇଥିଲା।

### ଡ.ମହତାବ ଜୟନ୍ତୀ ...

ପ୍ରତ୍ୟେକ ସ୍ତରରେ ସାହିତ୍ୟର ଛାପ ଦେଖିବାକୁ ମିଳିଥାଏ। ଓଡ଼ିଶା ସାହିତ୍ୟ ଏକାଡେମୀ ବାଲେଶ୍ୱର ଜିଲା ପ୍ରତିନିଧି ଭରତ ଚନ୍ଦ୍ର ଦାଶ ଯୋଗଦେଇ ଡ. ମହତାବଙ୍କ ସହିତ ତାଙ୍କର ବ୍ୟକ୍ତିଗତ ସଂପର୍କକୁ ବ୍ୟାଖ୍ୟା କରିଥିଲେ। ଜାମସେଦପୁର ୱାର୍କରସ କଲେଜର ଅଧକ୍ଷ ଡ. ସତ୍ୟପ୍ରିୟ ମହାଲିକ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଡ. ବିହାରୀଙ୍କ କବିତା ପୁସ୍ତକ 'ମଝିନଈର ଗୀତ' ସଂପର୍କରେ କହିଲେ ଜୀବନ ବାସ୍ତବତା ସହିତ ଭଲ ପାଇବା ନଥିଲେ କବିତା ହୃଦୟକୁ ଛୁଏଁ ନାହିଁ କି ବୁଝିହୁଏ ନାହିଁ। ସମ୍ମାନିତ ଅତିଥି ଭାବେ ଅଭଣା ବେଳାଭୂମି କଲେଜର ଅଧକ୍ଷ ଡ.ବନମାଳୀ ବେହେରା ଯୋଗଦେଇ କହିଲେ ଯେ ମଝିନଈର ଗୀତ ଅବହେଳିତ ବର୍ଗଙ୍କ ଜୀବନ ଯନ୍ତ୍ରଣାର ଅନ୍ତଃସ୍ୱର। ଡ.ରମାକାନ୍ତ ବେହେରା ଏହି ଉତ୍ସବରେ ପୌରୋହିତ୍ୟ କରି ମହତାବଙ୍କ ଉଦାରତା ସଂପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକାରୀ ସଭାପତି ଚେମେଇ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂପାଦକ ଦେବେନ୍ଦ୍ର କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦାମୋଦର ଦାଶମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧରେ ଅନାଦି ଚରଣ ଜେନା, ଡ. ଶ୍ୟାମସୁନ୍ଦର ପ୍ରଧାନ, ମାୟାଧର ନାୟକ, ଡ. ଅଜୟ କୁମରେ ପଣ୍ଡା, ଡ. ଶରତ କୁମାର ମହାନ୍ତି, ଡ.ଡମ୍ବରୁଧର ଭୋଳ, ନିତ୍ୟାନନ୍ଦ ପାଣିଗ୍ରାହୀ, ଅଶୋକ କୁମାର ମହାନ୍ତି, ନବକିଶୋର ଦାସ, ଜିତେନ୍ଦ୍ର ବେହେରା, ବୈଦ୍ୟନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୁନୀଲ ଦାସ, ଜ୍ୟୋସ୍ନାରାଣୀ ଜେନା, ଯାଯାବର, ସସ୍ମିତା ରାଉତ, ରଶ୍ମିରାଣୀ ଦାସ, ରାମଚନ୍ଦ୍ର ପୃଷ୍ଟି, ଅଚ୍ୟୁତ କୁମାର ପଣ୍ଡା, ଶୁଭାଶିଷ ଶ୍ରୀଚନ୍ଦନ, ରାମନାରାୟଣ ଦାସ, ସଂଧ୍ୟାରାଣୀ ଦାସ, ଗୌରୀଶଙ୍କର ଘଡ଼େଇ, ରମାକାନ୍ତ ପଣ୍ଡା, ସୁଶାନ୍ତ କୁମାର ଦାସ, ଚନ୍ଦ୍ରମୋହନ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

### ଉଡ଼ନ୍ତା ପୋଲ ମରାମତି ...

ସେଠାରେ କାର୍ଯ୍ୟସ୍ଥଳରେ ଉପସ୍ଥିତ ନ ରହିବା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ଯାହାଫଳରେ ସରକାରଙ୍କ ତରଫରୁ ଆସିଥିବା ମଞ୍ଜୁରୀ ଅର୍ଥ ସଠିକ୍ ବିନିଯୋଗ ହେବାରେ ଆଶଙ୍କା ଦେଖାଦେଇଛି ବୋଲି ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଏକ ପ୍ରମୁଖ ଗଣମାଧମରେ ପ୍ରକାଶିତ ଖବର ଅନୁସାରେ ବ୍ୟବସାୟୀଙ୍କ ତରଫରୁ ଓଡ଼ିଶା ହାଇକୋର୍ଟରେ ରୁଜୁ ହୋଇଥିବା ମୋକଦ୍ଦମା ରୁଜୁ ହୋଇଥିବାର ମାମଲାର ରାୟ ଅନୁସାରେ ବ୍ୟବସାୟୀମାନଙ୍କୁ ଥଇଥାନ ନ କରିବା ପର୍ଯ୍ୟନ୍ତ ମରାମତି କାର୍ଯ୍ୟ ବନ୍ଦ ରଖିବାକୁ କୁହାଯାଇଛି। ଯଦି ଏହା ସତ୍ୟ ହୋଇଥାଏ, ତାହାଲେ ଉଡ଼ନ୍ତା ପୋଲ ଭୁଷୁଡ଼ି ପଡ଼ି ଧନଜୀବନ କ୍ଷୟକ୍ଷତି ହେଲେ, ଦାୟୀ କିଏ ହେବ ବୋଲି ବୈଠକର ଉପସ୍ଥିତ ସଦସ୍ୟମାନେ ପ୍ରଶ୍ନ କରିଥିଲେ। ଏନେଇ ଆସନ୍ତା ସୋମାବର ଦିନ ସିଭିଲ ସୋସାଇଟି ଓ ବାଲେଶ୍ୱରର ଅନ୍ୟାନ୍ୟ ଗଣ ସଂଗଠନର ପ୍ରତିନିଧିମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ୍ କରି ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିବେ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଯଦି ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ମରାମତି କାର୍ଯ୍ୟକୁ ତ୍ୱରାନ୍ୱିତ ନ କରନ୍ତି ତେବେ ବାଲେଶ୍ୱର ଜିଲ୍ଲାର ଜନସାଧାରଣ ଏକ ବ୍ୟାପକ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସିଭିଲ୍ ସୋସାଇଟି ତରଫରୁ ଚେତାବନୀ ଦିଆଯାଇଛି। ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗୌରାଙ୍ଗ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

ରବିବାର,୨୨ ନଭେମ୍ବର ୨୦୨୦

ଧ୍ୱନି ପ୍ରତିଧ୍ୱନି



# ଅଭାବୀ ବିକ୍ରି ଓ ଟୋକନ ସମସ୍ୟା ନେଇ କିଷାନ କଂଗ୍ରେସର ପଶ୍ଚିମ ଓଡ଼ିଶାରେ ଆନ୍ଦୋଳନ ୨୫ରୁ

ଭୁବନେଶ୍ୱର,୨୧।୧୧ (ନି.ପ୍ର): ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଧାନର ଅଭାବୀ ବିକ୍ରି ଓ ଟୋକନ୍ ସମସ୍ୟା ବିରୋଧରେ ଆସନ୍ତା୨୫ ତାରିଖଠାରୁ ପଶ୍ଚିମ ଓଡ଼ିଶାରୁ କିଷାନ କଂଗ୍ରେସ ପକ୍ଷରୁ କୃଷକ ଆନ୍ଦୋଳନ ଯୋରଦାର କରାଯିବ ବୋଲି ଅଧ୍ୟକ୍ଷ ଅମିୟ ପଟ୍ଟନାୟକ ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ସେ କହିଛନ୍ତି ଯେ ନଭେମ୍ବର ପ୍ରଥମ ସପ୍ତାହରୁ ଚାଷୀ ଧାନ ଅମଳ କରି ବିକିବାକୁ ତୟାର ଥିବା ବେଳେ ସରକାରଙ୍କ ପକ୍ଷରୁ ଟୋକନ ପ୍ରଦାନର ଅବ୍ୟବସ୍ଥା ଯୋଗୁଁ ଚାଷୀ ଅଭାବୀ ଧାନ ବିକ୍ରିର ସମ୍ମୁଖିନ ହେଉଛନ୍ତି। ସରକାର ଗତବର୍ଷ ଏକ କାଳୀନ ଥରେ ଟୋକନ ଇସ୍ୟୁରେ ୧୦୦ କ୍ୱିଂଟାଲ ଧାନ କ୍ରୟ କରିଥିବା ବେଳେ ଚଳିତବର୍ଷ ୭୫ କ୍ୱିଂଟାଲ ଧାନ କ୍ରୟ କରୁଥିବା ଅତ୍ୟନ୍ତ କ୍ଷୋଭର ବିଷୟ। ଚାଷୀ ମଣ୍ଡିକୁ ଆଣିଥିବା ବଳକା ଧାନ ବିକ୍ରି କରିବେ କିପରି ବୋଲି ଶ୍ରୀ ପଟ୍ଟନାୟକ ସରକାରଙ୍କୁ ପ୍ରଶ୍ନ କରଛନ୍ତି। ଟୋକନ ଅବଧି ଚଳିତ ଥର ୧ ମାସ ରଖାଯାଇଥିବା ବେଳେ ସରକାର ଠିକଣା ସମୟରେ ଧାନ ନ କିଣିଲେ ଚାଷୀ କରିବେ କଣ ? ଅନେକ ମଣ୍ଡିରେ ମଧ ଭିତିଭୂମି ନାହିଁ।

ସେହିପରି ଧାନ କ୍ରୟ କ୍ଷେତ୍ରରେ ଚାଷୀଙ୍କ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ସୁନିଶ୍ଚିତ କରିବା, ଯଦି ଏଥିରୁ କୌଣସି ସଂସ୍ଥା ଓ ବ୍ୟକ୍ତି ଚାଷୀଙ୍କଠାରୁ ଏମ୍.ଏସ.ପିଠାରୁ କମ୍ ଦାମରେ ଧାନ କ୍ରୟ କରନ୍ତି ସେମାନଙ୍କ ପାଇଁ ଅର୍ଥଦଣ୍ଡ ଓ କାରାଦଣ୍ଡରେ ଦଣ୍ଡିତ କରିବା ନିମନ୍ତେ ଚଳିତ ବିଧାନସଭାରେ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବାକୁ କିଷାନ କଂଗ୍ରେସ ପକ୍ଷରୁ ଦୃଢ଼ ଦାବୀ କରାଯାଇଛି।

## ଭାରସାମ୍ୟ ହରାଇ ଖସିଲା ଯାତ୍ରାବାହୀ ମିନିବସ୍

ଗଂଜାମ,୨୧।୧୧ (ନି.ପ୍ର): ଗଂଜାମ ଜିଲ୍ଲା କୋଟୀନାଡ଼ ନୁଆଁପାଲି ଗାଁ ନିକଟ ରାସ୍ତା ପାର୍ଶ୍ୱରେ ଥିବା ଏକ ପୋଖରୀ ଭିତରକୁ ଭାରସାମ୍ୟ ହରାଇ ଖସି ପଡ଼ିଲା ଯାତ୍ରାବାହୀ ମିନିବସ। ଅଳ୍ପକେ ବର୍ତିଲେ ବସିଥିବା ଯାତ୍ରୀ। ଘଟଣାସ୍ଥଳରୁ ଡ୍ରାଇଭର ଓ ହେଲ୍ପର ଖସିପଳାଇଥିବାବେଳେ ମିନି ବସଟି କବି ସୂର୍ଯ୍ୟନଗରରୁ ଆସିକା ଅଭିମୁଖେ ଯାଉଥିବା ଜଣାପଡ଼ିଛି। ତେବେ ଖବରପାଇ ଆସିକା ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଜାରି ରହିଛି।

## ଉଡ଼ନ୍ତା ପୋଲ ମରାମତି ବିଳମ୍ବକୁ ନେଇ ଉଦ୍‌ବେଗ : ଜିଲ୍ଲାପାଳଙ୍କୁ ଭେଟିବ ସିଭିଲ ସୋସାଇଟି



ବାଲେଶ୍ୱର,୨୧।୧୧ (ନି.ପ୍ର): ଓଡ଼ିଶାର ପ୍ରଥମ ଉଡ଼ନ୍ତା ପୋଲ ତଥା ଉତ୍ତର ଓଡ଼ିଶାର ଜୀବନରେଖା ଭାବେ ପରିଚିତ ବାଲେଶ୍ୱର ଉଡ଼ନ୍ତା ପୋଲର ମରାମତି କାର୍ଯ୍ୟରେ ମନ୍ଥରତାକୁ ନେଇ ସିଭିଲ ସୋସାଇଟି ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏନେଇ ଶନିବାର ଦିନ ସୋସାଇଟି ପକ୍ଷରୁ ସ୍ଥାନୀୟ ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟରେ ଆୟୋଜିତ ଏକ ବୈଠକରେ ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଅଧ୍ୟକ୍ଷତା କରିବା ସହିତ ଜିଲ୍ଲା ପ୍ରଶାସନ ଓ ପୂର୍ତ୍ତ ବିଭାଗର ଖାମଖିଆଲି ମନଭାବ ଯୋଗୁଁ ଓଭର ବ୍ରିଜ୍ ମରାମତି କାର୍ଯ୍ୟ ଆରମ୍ଭ ହୋଇପାରି ନଥିବା ଆରୋପ ଉଠାଇଥିଲେ। ବାଲେଶ୍ୱର ସିଭିଲ୍ ସୋସାଇଟିର ସାଧାରଣ ସମ୍ପାଦକ ତଥା ଆଇନଜୀବୀ ମନୋଜ ନାୟକ, ସୀତାରାମ ପ୍ରଧାନ, ଦେବାଶିଷ ସିଂ, ବେଣୁଧର ବାରିକ, ସନ୍ତୋଷ କୁମାର ସାହୁ, ନିରଞ୍ଜନ ପରିଡ଼ା, ସୁଦର୍ଶନ ଦାଶ, ସୁଧାଂଶୁ ଦାଶ ଓ ବରିଷ୍ଠ ନାଗରିକ ମଞ୍ଚର ଜିଲ୍ଲା ସମ୍ପାଦକ ଲକ୍ଷ୍ମୀଧର ବେହେରା ପ୍ରମୁଖ ଯୋଗଦେଇ ପ୍ରଶାସନ ଓ ପୂର୍ତ୍ତ ବିଭାଗର କାର୍ଯ୍ୟଧାରାକୁ ତୀବ୍ର ସମାଲୋଚନା କରିଥିଲେ। ଦୀର୍ଘ ଆଠ ବର୍ଷର ଦାବି ଓ ବାଲେଶ୍ୱରବାସୀଙ୍କ ଆନ୍ଦୋଳନ ଫଳରେ ଏହି ଉଡ଼ନ୍ତା ପୋଲର ମରାମତି କାର୍ଯ୍ୟ ପାଇଁ ସରକାର ଆବଶ୍ୟକୀୟ ଅର୍ଥ ମଞ୍ଜୁର କରିଛନ୍ତି। ମାତ୍ର ଏହି ପୋଲ ତଳେ ଥିବା ବ୍ୟବସାୟୀଙ୍କୁ ଉଚ୍ଛେଦ କରିବାରେ ପ୍ରଶାସନର ଅବହେଳା ଯୋଗୁଁ କାର୍ଯ୍ୟାଦେଶ ପାଇଥିବା ହାରକୁଲାସ ଷ୍ଟ୍ରକ୍‌ଚରାଲ କମ୍ପାନି ଠିକ୍ ଭାବେ ମରାମତି କାର୍ଯ୍ୟ କରିପାରି ନଥିବା ବୈଠକରେ ଉପସ୍ଥିତ ସଦସ୍ୟମାନେ ମତ ଦେଇଥିଲେ। ଉଚ୍ଛେଦ କାର୍ଯ୍ୟ ସମ୍ପୂର୍ଣ୍ଣ ନକରି ଜିଲ୍ଲା ପ୍ରଶାସନ ତଥା ସମ୍ପୃକ୍ତ ବିଭାଗ କିଭଳି ମରାମତି କାର୍ଯ୍ୟ ଆରମ୍ଭ କଲେ ବୋଲି ବୈଠକରେ ବହୁ ସଦସ୍ୟ ପ୍ରଶ୍ନ ଉଠାଇଥିଲେ। ମରାମତି କାମ ନିମ୍ନମାନର ହେଉଥିବାର ମଧ୍ୟ କେତେକ ସଭ୍ୟ ବୈଠକରେ ଅଭିଯୋଗ କରିଥିଲେ। ମରାମତି କାର୍ଯ୍ୟ ଚାଲୁଥିବା ସମୟରେ ସମ୍ପୃକ୍ତ ବିଭାଗର କୌଣସି ଅଧିକାରୀ

▶▶ପୃଷ୍ଠା ୭

## ଡ. ମହତାବଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ



ଭଦ୍ରକ,୨୧।୧୧ (ନି.ପ୍ର): ନବ ଓଡ଼ିଶାର ନିର୍ମାତା, ବମ୍ବେର ପୂର୍ବତନ ରାଜ୍ୟପାଳ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ପୂର୍ଣ୍ଣଳବୟବ ପ୍ରତିମୂର୍ତ୍ତି ଆଜି ଅପରାହ୍ନରେ ଉନ୍ମୋଚିତ ହୋଇ ଯାଇଛି। ଡ. ମହତାବଙ୍କ ଜନ୍ମ ମାଟି ଆଗରପଡା ଠାରେ ଏହି ପ୍ରତିମୂର୍ତ୍ତି ଅନାବରଣ କରାଯାଇଛି। ଆଗରପଡା କୁପାରୀ ଛକ ଠାରେ ଆଜି ଅପରାହ୍ନରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ଡ. ମହତାବଙ୍କ ୧୨୧ତମ ଜୟନ୍ତୀ ଅବସରରେ ଏହା ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ଶ୍ରୀମତୀ ମଣ୍ଡଳ କହିଥିଲେ। ଏହି ଉତ୍ସବରେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ସ୍ୱାଇଁ, ଜିଲ୍ଲାପରିଷଦ ସଦସ୍ୟ ପ୍ରଶାନ୍ତ କୁମାର ଦାଶ, ରାଜ୍ୟ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଂଜନ କୁମାର ଦାସ, ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ଅଧ୍ୟକ୍ଷ ଅଶ୍ୱିନୀ କୁମାର ଶତପଥି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅରୁଣ କୁମାର ମହାପାତ୍ର, ଉପଜିଲ୍ଲପାଳ ପୀତାମ୍ବର ସାମଲ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବାହ୍ନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଡ. ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ୟାମଭକ୍ତ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ ପ୍ରମୁଖ ତହସିଲ ରୋଡ ମହତାବ ଛକ ସ୍ଥିତ ସ୍ୱର୍ଗତ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ଭୁବନେଶ୍ୱରରେ ୨୪ ଘଂଟାରେ ୪୬ ପଜିଟିଭ୍ , ୬୮ ସୁସ୍ଥ

ଭୁବନେଶ୍ୱର,୨୧।୧୧ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଧିରେ ଧିରେ କରୋନା ସଂକ୍ରମଣ ହ୍ରାସ ପାଉଛି। ଶନିବାର ଦିନ ଆଉ ୪୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରେ ୧୦ ଜଣ ସଂଗରୋଧ ଓ ୩୬ ଜଣ ସ୍ଥାନୀୟ ଅଂଚଳରୁ ଅଛନ୍ତି। ଅନ୍ୟପକ୍ଷରେ ୬୮ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ଏବଂ ଜଣଙ୍କର ମୃତ୍ୟୁ ହୋଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି। ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରୁ ଆଜି ପର୍ଯ୍ୟନ୍ତ ୩୦,୪୧୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୨୯,୬୦୩ ଜଣ ସୁସ୍ଥ ହୋଇସାରିଛନ୍ତି। ଏବେ ୫୯୨ ଜଣ ଆକ୍ରାନ୍ତ ସକ୍ରିୟ ଥିବା ବେଳେ ୨୦୨ ଜଣଙ୍କର ମୃତ୍ୟୁ ହୋଇଛି। ଆଜି ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ରସୁଲଗଡ ଓ ନୟାପଲ୍ଲୀରୁ ୪ ଜଣ ଲେଖାଏଁ , ବରମୁଣ୍ଡା ଓ ଝାରପଡାରୁ ୩ ଜଣ ଲେଖାଏଁ , ଚନ୍ଦ୍ରଶେଖରପୁର , ଆଇଆରସି ଭିଲେଜ, ପଟିଆ ଓ ଓଲ୍‌ଡ ଟାଉନ୍ ରୁ ୨ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି।

## ଉଦଳା ମହାବିଦ୍ୟାଳୟ ଇଂରାଜୀ ବିଭାଗର ୱେବିନାର




ଉଦଳା,୨୧।୧୧ (ନି.ପ୍ର): ଉଦଳା ମହାବିଦ୍ୟାଳୟ ପରିସରରେ ଥିବା ଭାଷାଗବେଷଣାଗାର କକ୍ଷରେ ଇଂରାଜୀ ବିଭାଗ ତରଫରୁ ଚଳିତ ନଭେମ୍ବର ୨୦ ତାରିଖ ଶୁକ୍ରବାର ଦିନ ବିଭାଗୀୟ ମୁଖ୍ୟ ଡ଼.ଜତିନ ମହାକୁଡ଼ଙ୍କ ତତ୍ୱାବଧାନରେ ତଥା ମହାବିଦ୍ୟାଳୟ ଆଇ-କିଓ୍ୱ-ଏସି ସହଯୋଗରେ 'ପୋଷ୍ଟ କଲୋନିଆଲ ଇଣ୍ଡିଆନ ଇଂଲିସ ଫିକ୍‌ସନ ଉଇଥ୍ ସ୍ପେଶିଆଲ ରେଫେରେନ୍ସ ଟୁ ମାର୍ଜିନାଲ୍ସ ଏଣ୍ଡ ଉଇମେନ' ବିଷୟବସ୍ତୁ ଉପରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଗୋପାଳଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏହି ୱେବିନାରର ବିଷୟବସ୍ତୁ ବିଶାରଦ, ବ୍ରହ୍ମପୁର ବିଶ୍ୱବିଦ୍ୟଳୟର ପୁର୍ବତନ ପ୍ରଫେସର ତଥା ଅଧୁନା କୋରାପୁଟସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ପରିଦର୍ଶକ ରୂପେ କାର୍ଯ୍ୟରତ ଡ଼. ଇ.ରାଜାରାଓ୍ୱ ଉପସ୍ଥିତ ରହି ତାଙ୍କର ବକ୍ତବ୍ୟରେ ଅତିସୁନ୍ଦର ଭବେ ଜଣାଇଲେ ଯେ ଭାରତୀୟ ଲେଖକ ମାନେ କିଭଳି ତାଙ୍କ ଲେଖା ମାଧମରେ ସମାଜକୁ ପୁରୁଷ ପ୍ରାଧାନ୍ୟତାରୁ ମୁକୁଳାଇ ନାରୀ ମାନଙ୍କୁ ସ୍ୱତନ୍ତ୍ର ପରିଚୟ ଓ ସ୍ୱାଧିନତାର ବାର୍ତ୍ତା ଦେଇଛନ୍ତି । ସମାଜ ଶାସ୍ତ୍ର ବିଭାଗ ଅଧାପକ ସୌମେନ୍ଦ୍ର କୁମାର ଦାଶ ୱେବିନାରକୁ ସଂଯୋଜନା କରିଥିବା ବେଳେ ବିଭାଗୀୟ ଅଧାପକ ଡ଼. ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରଶ୍ନଉତ୍ତର କାର୍ଯ୍ୟକ୍ରମକୁ ପ୍ରାଧାପକ ଗିରିଶ ଚନ୍ଦ୍ର ପୋଥାଳ ପରିଚାଳନା କରିଥିବା ସମୟରେ ସତ୍ୟବ୍ରତ ମଲ୍ଲିକ, ଅଶୋକ କୁମାର ପୃଷ୍ଟି, ଅକ୍ଷୟ କୁମାର ପଣ୍ଡା ତଥା ଛାତ୍ର ମନୋରଂଜନ, ସରୋଜିନି, ମଧୁସ୍ମିତା, ଦିବ୍ୟଜ୍ୟୋତି ଚନ୍ଦନ, ବାରିପଦା ସରକାରୀ ମହାବିଦ୍ୟାଳୟର ଛାତ୍ରୀ ଅନନ୍ୟା ମହାକୁଡ଼ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଅଧାପିକା ରେହେନା ସୁଲତାନା କାର୍ଯ୍ୟ କ୍ରମର ଶେଷ ସ୍ୱର୍ଶ ଦେଇଥିଲେ । କୋଭିଡ଼୍‌କୁ ଲକ୍ଷ କରି ୱେବିନାରରେ ସବୁ ପ୍ରକାର ସତର୍କତା ଅବଲମ୍ବନ କରାଯାଇଥିଲା ।

## ଦେଶରେ ଗତ ୨୪ଘଂଟା ମଧ୍ୟରେ କୋବିଡ ପାଇଁ ୧୦,୬୬,୦୨୨ ନମୁନାର ପରୀକ୍ଷଣ

ନୂଆଦିଲ୍ଲୀ,୨୧।୧୧ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧରେ କୋବିଡ ପାଇଁ ୧୦,୬୬,୦୨୨ ନମୁନାର ପରୀକ୍ଷଣ କରା ଯାଇଛି । ଏହା ସହିତ ଦେଶରେ ବର୍ତମାନ ସୁଦ୍ଧା, ୧୩,୦୬,୫୭,୮୦୮ ନମୁନାର ପରୀକ୍ଷଣ କରା ଯାଇଥିବା ଆଇସିଏମଆର ପକ୍ଷରୁ ସୂଚନା ଦିଆ ଯାଇଛି ।

## ଆଜି ଭଦ୍ରକରୁ ୬ କରୋନା ଆକ୍ରାନ୍ତ ଚିହ୍ନଟ

ଭଦ୍ରକ,୨୧।୧୧ (ନି.ପ୍ର): ଆଜି ଭଦ୍ରକ ଜିଲ୍ଲାରୁ ନୂଆକରି ୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାହା ଫଳରେ ଜିଲ୍ଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇଛି ୭ହଜାର ୧୩୦। ସେହିଭଳି ୨୮ଜଣ ସୁସ୍ଥ ହେବା ପରେ ଜିଲ୍ଲାର ସୁସ୍ଥଙ୍କ ସଂଖ୍ୟା ହୋଇଛି ୬ହଜାର ୯୯୫। ଆଉ ୧୧୨ଜଣ ଆକ୍ରାନ୍ତ ସକ୍ରିୟ ରହିଛନ୍ତି। ଆଜିସୁଦ୍ଧା ମୋଟ ୧ ଲକ୍ଷ ୫୯ହଜାର ୮୧୬ଜଣଙ୍କ ନମୁନା ପରୀକ୍ଷା ହୋଇଛି। ଚିହ୍ନଟ ଆକ୍ରାନ୍ତମାନେ ହେଲେ ବାସୁଦେବପୁର ବ୍ଲକର ଚୁଡାମଣି ପଞ୍ଚାୟତର ଜଣେ, ଭଦ୍ରକ ବ୍ଲକର କୋରକୋରା ପଞ୍ଚାୟତରୁ ଜଣେ, ଭଦ୍ରକ ପୌରପାଳିକାର ୭ ନଂ ୱାର୍ଡରୁ ୨ଜଣ, ତିହିଡି ବ୍ଲକର ବିଲଣା ପଞ୍ଚାୟତରୁ ଜଣେ, ଭଣ୍ଡାରିପୋଖରୀ ବ୍ଲକର ତେସିଂଗା ପଞ୍ଚାୟତରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ମୂଲ୍ୟବାନ ପିଆଶାଳ ଗଣ୍ଡି ଚୋରାଚାଲାଣ ବେଳେ ଟ୍ରାକ୍ଟର ସହ ଧରାପଡିଲା



ବାରିପଦା,୨୧।୧୧ (ନି.ପ୍ର): ଗତ ୨୦ ତାରିଖ ରାତି ସାଢେ ସାତଟା ବେଳେ ମୂଲ୍ୟବାନ ପିଆଶାଳ କାଠ ଚୋରାଚାଲାଣ ହେଉଥିବାବେଳେ ବନ କର୍ମଚାରୀ ମାନଙ୍କ ହାତରେ ଧରାପଡିଥିବାର ଜଣାପଡିଛି । ମୟୂରଭ ଜିଲ୍ଲା ଅନ୍ତର୍ଗତ କରିଆ ବନଖଣ୍ଡ ଅଂଚଳର ମୂଖ୍ୟରାସ୍ତା ର ପ୍ରବେଶପଥ ଓ ପ୍ରସ୍ଥାନପଥ ଉପରେ ଥିବା ବନ ଓ ବନ୍ୟଜାତ ଦ୍ରବ୍ୟ ତନଖି ଫାଟକ ଗୁଡିକ ସରକାର ଉଠାଇଦେବା ପରେ ଏହି ରାସ୍ତାରେ ବ୍ୟାପକଭାବେ ଚୋରାକାଠ ଚାଲାଣ ହେଉଥିବାର ଜଣାପଡିଛି । ଜଙ୍ଗଲ ମଧ୍ୟରେ ମୂଲ୍ୟବାନ ଗଛସବୁ କଟାଯିବାପରେ ସାଇଜ୍ କରାଯାଇ ମନଇଚ୍ଛା ଭାବେ ଚୋରାଚାଲାଣ କରାଯାଉଛି । ମୋଟ ଉପରେ କାଠ ମାଫିଆମାନେ ସମ୍ପୂର୍ଣ୍ଣଭାବେ ସକ୍ରୀୟ ରହି ଏଭଳି କାରବାର କରୁଥିବାର ଜଣାଯାଇଛି । ଗତକାଲି ୨୦ତାରିଖ ସନ୍ଧ୍ୟା ସମୟରେ ଠାକୁରମୁଣ୍ଡା ବନାଂଚଳ ଅଧିକାରୀ ଶ୍ରୀ କିଶୋରକୁମାର ପାଣିଗ୍ରାହି, କରଞ୍ଜିଆ ବନାଂଚଳ ଅଧିକାରୀ, କବିରକୁମାର ମୁର୍ମୁ,ଫରେଷ୍ଟର ତପନକୁମାର ମହାନ୍ତ, ଠାକୁରଦାସ ହେମ୍ବ୍ରମ, ଉମାକାନ୍ତ ବେହେରା, ନଳିନୀକାନ୍ତ ବେହେରା, ମନୋଜକୁମାର ବେହେରା ଓ ଅନ୍ୟ ବନକର୍ମଚାରୀ ମାନଙ୍କ ସହିତ ପାଟ୍ରୋଲିଂ କରୁଥିବାବେଳେ ଅଠରଦେଉଳ , ସୁନାପୋଷି ଅଂଚଳରୁ ଓଆର,୧୧ସି,୬୫୨୫ ନମ୍ବର ଭୁକ୍ତ ଏକ ଟ୍ରାକ୍ଟର ରେ ପ୍ରାୟ ୪୦ ସିଏଫଟି ପରିମାଣର ଏକ ପିଆଶାଳ ଗଣ୍ଡି ଚାଲାଣ ହେଉଥିବାବେଳେ ଧରପଗଡ କରିଥିଲେ । ବନକର୍ମଚାରୀ ମାନଙ୍କୁ ଦେଖି କାଠ ଚାଲାଣକାରୀ ଓ ଟ୍ରାକ୍ଟର ଡ୍ରାଇଭର ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ବେଳେ ବନକର୍ମଚାରୀ ମାନେ ଟ୍ରାକ୍ଟର ସହ କାଠ ଜବତକରି ଠାକୁରମୁଣ୍ଡା ବନାଂଚଳ ଅଫିସ୍ କୁ ଆଣି ଘଟଣାର ଅଧିକ ତଦନ୍ତ କରୁଥିବାର ଜଣାପଡିଛି ।

## ମୁନିଗୁଡା ପୋଲିସର ସଫଳତା

### ୨୪ ଘଣ୍ଟାରେ ସାଢେ ୪ ଲକ୍ଷ ଟଙ୍କାର ୨୫ ଟି ମୋବାଇଲ ଫୋନ ଓ ୨ ଲାପଟପ୍ ଧରିବା ସହ ୬ ଜଣ ଚୋରଙ୍କୁ କୋର୍ଟଚାଲାଣ




ଗୁଣୁପୁର ,୨୧।୧୧ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣପୁର ଉପଖଣ୍ଡ ମୁନିଗୁଡା ସଦରମହକୁମା ହନୁମାନବଜାର ରେ ଏକ ମୋବାଇଲ ଦୋକାନରୁ ଗତକାଲି ରାତିରେ ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି ଯାଇଥିବାବେଳେ ମୁନିଗୁଡା ପୋଲିସ ୨୪ ଘଣ୍ଟାରେ ଚୋରି ମୋବାଇଲ ଓ ଲାପଟପ୍ ସହ ୬ ଜଣଙ୍କୁ ଗିରଫ କରି ଥାନା କେଶ ନମ୍ବର ୧୬୪ ତା୨୦.୧୧.୨୦ ଦଫା ୪୫୭/୩୮୦ ଆଇ ପି ସି ପ୍ରକାରେ କୋର୍ଟ ଚାଲାଣ କରାଯାଇଥିବା ପୋଲିସ୍ ପକ୍ଷରୁ ସୂଚନା ମିଳିଛି। ବିବରଣୀରୁ ପ୍ରକାଶ ମୁନିଗୁଡା ହନୁମାନ ବଜାରେ ଏମ୍ ଶିବାଶିଷଙ୍କର ବିନାୟକ ମୋବାଇଲ ଦୋକାନରୁ ଗତକାଲି ବିଳମ୍ବିତ ରାତିରେ ଜଗନ୍ନାଥ ସାହୁ, ସରୋଜ ପଟେଲ, ପିଙ୍କୁ ପଣ୍ଡା, ପିତବାସ ରଣା (ବକ୍ସିଶିରିପୁରୁ) ଏବଂ ଦୁଇ ଜଣ ନାବାଳକ ମିଶି ୨୫ ଟି ମୋବାଇଲ ଫୋନ ଓ ୨ଟି ଲାପଟପ୍ ଯାହାର ମୂଲ୍ୟ ପ୍ରାୟ ସାଢ଼େ ୪ ଲକ୍ଷ ଟଙ୍କା ହେବ ତାହା ଚୋରିକରି ନେଇଥିଲେ। ପୋଲିସ ଅଭିଯୋଗ ପାଇବା ପରେ ଏସ୍‌ଡିପି ଓ ଶ୍ରୀ ଆକାଶ କୁମାର ସାହୁଙ୍କ କୁହୁକ ବୁଦ୍ଧି ବିଦ୍ୟା ବଳରେ ସାରଥି ସାଜି, ଆଇ ଆଇ ସି ଶ୍ରୀମତୀ ସୁଜ୍ଞାନୀ ସାହୁ ଓ ପୋଲିସ୍ ଟିମ୍‌ଙ୍କ ସହାୟତାରେ ୨୪ ଘଣ୍ଟା ମଧ୍ୟରେ ମୋବାଇଲ ଜବତ କରିବା ସହ ଚୋରଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ଏତେ କମ୍ ସମୟ ମଧ୍ୟରେ ଚୋର ଧରାଯାଇଥିବାରୁ ପୋଲିସ୍ ପ୍ରତି ଜନସାଧାରଣଙ୍କର ବିଶ୍ୱାସ ଦୃଢୀଭୂତ ହେବା ସହ ସାଧାରଣରେ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି । ପ୍ରକାଶ ଥାଉକି ଏସ ଡିପିଓ ଶ୍ରୀ ଆକାଶ କୁମାର ସାହୁ ଏଠାରେ ଯୋଗ ଦେବା ଦିନୁ ବର୍ଷକ ତଳର ମର୍ଡର କେଶର ଅଭିଯୁକ୍ତଙ୍କୁ ଧରିବା, ଗଞ୍ଜେ ଟ୍ରକ ଧରିବା, ଚୋରା ମଦକୋଠି, ମଦବେପାରୀଙ୍କୁ ସାବାଡ କରିବା, ସ୍କ୍ରାପବେପାରରେ ଅଙ୍କୁଶ ଲଗାଇବା, ଜୁଆ ଖେଳ, ବାଣ ଦୋକାନ ଓ ଅନ୍ୟାନ୍ୟ ଅନୀୟମିତତାକୁ ଦମନ କରିବାରେ ସଫଳତା ହାସଲ କରିଚାଲିଥିବାବେଳେ ଅଞ୍ଚଳରେ ପୋଲିସର ଏପରି କାର୍ଯ୍ୟ ଲୋକଙ୍କର ସୁରକ୍ଷା ପ୍ରତି ଭରଷା ଆସୁଥିବା ବୁଦ୍ଧିଜୀବି ମହଲରେ ଆଲୋଚନା ହେଉଛି। ପୋଲିସର ଏପରି କାର୍ଯ୍ୟ ଜାରି ରହିବା ସହ ରାସ୍ତା କଡରୁ ଉଠାଦୋକାନ ଉଠାଇ ଟ୍ରାଫିକ୍ ସମସ୍ୟା ଦୂର କରି ଅନ୍ୟତ୍ର ଦୋକାନ ପାଇଁ ଜାଗା ଯୋଗାଇ ଦେବା ସହ ଗୌଡସାହି ହାଡିପା ଗୌଡ(ସାମ୍ବାଦିକ)ଙ୍କ ଘରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି ଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ପୋଲିସ ଚୋରଙ୍କ ଟେର୍ ପାଇନଥିଲେ ମଧ ପୁନ ତଦନ୍ତ ପାଇଁ ସାଧାରଣରେ ଦାବୀ ହେଉଛି।

## ପ୍ରବେଶିକା ପରୀକ୍ଷାରେ ଦୁର୍ନିତୀ : ସି.ଆର.ସି. ନିଲମ୍ବିତ

ନୀଳଗିରି ,୨୧।୧୧ (ନି.ପ୍ର): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ନିର୍ଦ୍ଦେଶ କ୍ରମେ ଜାମୁଡ଼ିହା ଆଦର୍ଶ ବିଦ୍ୟାଳୟରେ ୨୦୨୦-୨୧ ବର୍ଷ ପାଇଁ ଛାତ୍ରଛାତ୍ରୀ ଆଡ଼ମିଶନ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା । କେବଳ ୫ମ ପାଶ୍ ଶ୍ରେଣୀ ର ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରବେଶିକା ପରୀକ୍ଷା ଗତ ମାର୍ଚ୍ଚ ୧ ତାରିଖ ଦିନ ବାଲିଗୋହିରୀସ୍ଥିତ ରତ୍ନାକର ଟାଉନ ହାଇସ୍‌କୁଲ ପରିସରରେ ଅନୁଷ୍ଠିତ ହୋଇଥିଲା । ଏହି ପ୍ରବେଶିକା ପରୀକ୍ଷାରେ ମୋଟ ୫୪୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ଜାମୁଡ଼ିହା ଆଦର୍ଶ ବିଦ୍ୟାଳୟର ୨୦୨୦-୨୧ ଶିକ୍ଷାବର୍ଷ ପାଇଁ ମୋଟ ୮୫ସିଟ୍ ରହିଥିଲା । ମାର୍ଚ୍ଚ ୬ତାରିଖ ଦିନ ଖାତା ମୂଲ୍ୟାଙ୍କନ କରାଯାଇଥିଲା । ପରିକ୍ଷା ପରିଚ୍ଛଳନା ଦାୟିତ୍ୱରେ କେ.ସି. ହାଇସ୍କୁଲର ପ୍ରଧାନ ଶିକ୍ଷକ ଭୀମସେନ ବିଶ୍ୱାଳ, ସି.ଆର.ସି. ନିତ୍ୟାନନ୍ଦ ଲେଙ୍କା, ଜାମୁଡ଼ିହା ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ କରୁଣାକର ପଣ୍ଡା ଥିଲେ । ମାତ୍ର ପ୍ରବେଶିକା ପରୀକ୍ଷାରେ ଫଳାଫଳ ବାହାରିଲା । ପରେ ୭୦ଜଣ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନେ ଜାମୁଡ଼ିହା ଆଦର୍ଶ ବିଦ୍ୟାଳୟରେ ଆଡ଼ିମଶନ ହୋଇଥିଲେ । ସିଲେକ୍‌ସନ ହୋଇ ନ ଥିବା ଛାତ୍ରଛାତ୍ରୀମାନେ ବିଭିନ୍ନ ବିଦ୍ୟାଳୟରେ ମଧ ଅଶଡ଼ମିଶନ ହୋଇଥିଲେ । ମାତ୍ର ଦୁଃଖ ଓ ପରିତାପର ବିଷୟ ପ୍ରବେଶିକା ପରୀକ୍ଷାରେ ଜାଲିଆତି ହୋଇଥିବା ନେଇ ଅଭିଯୋଗ ଆଣିଲା ପରେ ଏବଂ ସୂଚନା ଆଇନ ବଳରେ ତଥ୍ୟ ଅନୁଯାୟୀ ଜାଲିଆତି ହୋଇଥିବାର ଜଣାପଡ଼ିଲା । ଏହାକୁ ନେଇ ତଦନ୍ତ ପରେ ପ୍ରକୃତ ଘଟଣାର ପର୍ଦ୍ଦାଫାଶ ହୋଇଥିଲା । ଉକ୍ତ ଜାଲିଆତିରେ ସି.ଆର.ସି. ନିତ୍ୟାନନ୍ଦ ଲେଙ୍କା ଙ୍କ ସଂପୃକ୍ତିଥିବା ନେଇ ନୀଳଗିରି ବି.ଇ.ଓ. ତଦନ୍ତ ରିପୋର୍ଟ ପାଇଲା ପରେ ନିଲମ୍ବିତ କରିଥିଲେ । ଦୀର୍ଘ ୯ ମାସ ପରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ପୁନଃ ପ୍ରବେଶିକା ପରୀକ୍ଷା କରିବା ପାଇଁ ଜାମୁଡ଼ିହା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଙ୍କୁ ନିଜର ଚିଠି ନଂ. ୯୦୬୪, ତା.୧୭.୧୧.୨୦ରିଖରେ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ତା.୨୯.୧୧.୨୦ରିଖରେ ପୁନଃ ପ୍ରବେଶିକା ପରୀକ୍ଷଣ ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି । ୯ମାସ ପରେ ପୁଣି ଛାତ୍ରଛାତ୍ରୀ ମାନେ ଆଡ଼ମିଶନ ହୋଇ ସାରିଥିବା ବେଳେ ପୁନଃ ପ୍ରବେଶିକା ପରୀକ୍ଷା ଦେବା ଏକ ହାସ୍ୟାସ୍ପଦ ବୋଲି ଅଭିଭାବକ ମହଲରେ ଚର୍ଚ୍ଚା ଚାଲିଛି । ପିଲାମାନଙ୍କ ଜୀବନ ସହିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ଖେଳ ଖେଳୁଛି ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି । ଯଦି ପ୍ରବେଶିକା ପରୀକ୍ଷାରେ ଅନିୟମିତତା ହୋଇଥିଲା, ସେତେବେଳେ ପରୀକ୍ଷାର ଫଳାଫଳକୁ ବାତିଲ କରାଗଲା ନାହିଁ କେଉଁ ଉଦ୍ଦେଶ୍ୟରେ । ଏ ନେଇ ଅଭିଭାବକମାନେ ରାଜରାସ୍ତାକୁ ଓହ୍ଲାଇବା ସହ ଆଇନର ଆଶ୍ରୟ ନେବେ ବୋଲି ଶୁଣିବାକୁ ମିଳୁଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo